

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର, ୦୪ ଅପ୍ରେଲ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 04 APRIL 2022
Vol.No. 33 ■ No. 88 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022






ପ୍ରକାଶ ପାଇଲା
ଡଃ ଭାଗବତ ବେହେରାଙ୍କର
ବହୁ ପ୍ରତୀକ୍ଷିତ ଆଧ୍ୟାତ୍ମିକ, ଚେତନାମୂଳକ ଉପନ୍ୟାସ
ବନ୍ଧୁ ମହାନ୍ତି
ପ୍ରାପ୍ତିସ୍ଥାନ :
ତାରିଣୀ ବିଦ୍ୟା ଭଣ୍ଡାର
ଷ୍ଟେସନ ରୋଡ,
ବାଲେଶ୍ୱର-୧
ମୂଲ୍ୟ ଟ୧୫୦/-


## ମାରିୟୁପୋଲରେ ଋଷ ଖେଳିଛି ମୃତ୍ୟୁର ତାଣ୍ଡବ

### ଚାରିଆଡେ ବିଛାଡି ହୋଇ ପଡିଛି ମୃତଦେହ



ନୂଆଦିଲ୍ଲୀ, ୦୩/୦୪ : ୟୁକ୍ରେନ ଉପରେ ଋଷର ଆକ୍ରମଣ ଜାରିରହିଥିବା ବେଳେ ମାରିୟୁପୋଲରେ ତାଣ୍ଡବ ଲୀଳା ରଚିଛି ଋଷ । ଜାରି ରହିଥିବା ଏହି ଯୁଦ୍ଧରେ ସର୍ବାଧିକ ପ୍ରଭାବିତ ହୋଇଛି ମାରିୟୁପୋଲ ସହର । ଋଷର ପ୍ରଚଣ୍ଡ ଆକ୍ରମଣରେ ମୃତ୍ୟୁ ଓ ଧ୍ୱଂସର ଏଭଳି ତାଣ୍ଡବ ଦେଖିବାକୁ ମିଳିଛି ଯାହା ୟୁକ୍ରେନର ଅନ୍ୟ କେଉଁଠି ଦେଖାଯାଇନାହିଁ । ଏହି ବନ୍ଦର ସହରକୁ ମାଟିରେ ମିଶାଇଦେବା ପାଇଁ ଋଷ ଅତି ଭୟାନକ ଆକ୍ରମଣ କରିଛି । ସବୁକିଛିକୁ ବରବାଦ କରିଦେଇଛି । ପୂରା ସହର ଏକ ଧ୍ୱଂସସ୍ତୁପରେ ପରିଣତ ହୋଇଥିବା ବେଳେ ଧ୍ୱଂସାବଶେଷ ତଳେ ପୋତିହୋଇ ରହିଛି ହଜାର ହଜାର ଶବ । ଆଜି ସୁଦ୍ଧା ପ୍ରାୟ ୫ହଜାର ଶବ ଉଦ୍ଧାର ହୋଇଥିବା ବେଳେ ମୃତ୍ୟୁ ସଂଖ୍ୟା ଲଗାତାର ବଢିଚାଲିଛି । ଏଭଳି ପରିସ୍ଥିତିରେ ବି ସହରରେ ଲକ୍ଷାଧିକ ଲୋକ ବଞ୍ଚିବା ପାଇଁ ସଂଘର୍ଷ କରୁଛନ୍ତି । ଖାଦ୍ୟ, ପାଣି, ବିଦ୍ୟୁତ୍, ଗ୍ୟାସ୍ କିଛି ବି ଜରୁରୀ ସାମଗ୍ରୀ ଉପଲବ୍ଧ ନାହିଁ । ୟୁକ୍ରେନ୍ ରାଷ୍ଟ୍ରପତି ଜେଲେନସ୍କିଙ୍କ ସୂଚନା ଅନୁଯାୟୀ, ମାରିୟୁପୋଲରୁ ଗତକାଲି ୩ହଜାରରୁ ଅଧିକ ଲୋକଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି । କିନ୍ତୁ ସହରର ସବୁ ଅଞ୍ଚଳର ରାସ୍ତାଘାଟରେ ଶବ ପଡିରହିଛି ଏବଂ ଅନେକ ଶବ ସଂମ୍ପୂର୍ଣ୍ଣ ଜଳିଯାଇଛି । ଶବକୁ ପୋତିବା ପାଇଁ ଲମ୍ବା ଗାତ ଖୋଳାଯାଇଛି । ସେଥିରେ ହଜାର ହଜାର ଶବକୁ ପକାଇ ପୋତିଦିଆଯାଉଛି । ରାସ୍ତାରେ ପଡିରହିଥିବା ମୃତଦେହର କେହି ଦାବିଦାର ନାହାନ୍ତି । ଅନ୍ୟପକ୍ଷେ ଋଷ ବିମାନ ଆକ୍ରମଣ ଯୋଗୁଁ ସୃଷ୍ଟି ହୋଇଥିବା ଏକ ବଡ ଖାଲ ଏବେ ଗଣସମାଧୀରେ ପରିଣତ ହୋଇଛି । ଅନ୍ୟପଟେ, ସାମ୍ନାକୁ ଆସିଥିବା ଆଉ ଏକ ଖବର ଭୟକୁ ଦୁଇଗୁଣା କରିଦେଇଛି । ୟୁକ୍ରେନ ଉପରେ ଦ୍ୱିତୀୟ ପର୍ଯ୍ୟାୟ ଆକ୍ରମଣକୁ ଅତି ପ୍ରଚଣ୍ଡ କରିବା ପାଇଁ ଋଷ ଯୋଜନା କରୁଛି । ୟୁକ୍ରେନ୍ ରାଜଧାନୀ କିବ୍ ଏବଂ ଉତ୍ତରାଞ୍ଚଳ ସହର ଚେର୍ନିହିବରୁ ଋଷ ସେନା ପ୍ରତ୍ୟାହାର ତ୍ୱରାନ୍ୱିତ କରି ▶▶ପୃଷ୍ଠା ୭

## ଶେଷ ଓଭରରେ ଚକ୍‌ମା ଦେଇ ଦେଲେ ଇମ୍ରାନ୍ : ୩ ମାସ ମଧ୍ୟରେ ନିର୍ବାଚନ



ନୂଆଦିଲ୍ଲୀ,୦୩/୦୪: ଶେଷ ଓଭରରେ ଚକ୍‌ମା ଦେଇ ଦେଲେ ଇମ୍ରାନ୍। ହାରିବା ମ୍ୟାଚ୍ ଡ୍ର କରିଦେଲେ ଇମ୍ରାନ୍। କ୍ରିକେଟରରୁ ପାକିସ୍ତାନ ପ୍ରଧାନନ୍ତ୍ରୀ ହୋଇଥିବା ଇମ୍ରାନ୍ ଖାନ୍‌ଙ୍କ ରଣନୀତି ବିରୋଧୀଙ୍କ ସବୁ ଖେଳ ଓଲଟପାଲଟ୍ କରିଦେଇଛି । ଫଳରେ ଶାସନକ୍ଷମତା ହାତେଇବାକୁ ସ୍ୱପ୍ନ ଦେଖୁଥିବା ବିରୋଧୀଙ୍କ ଆଶା ଧୂଳିସାତ୍ ହୋଇଛି। ପାକିସ୍ତାନ ସଂସଦ(ନ୍ୟାସନାଲ ଆସେମ୍ବ୍ଲି)ରେ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ବିରୋଧରେ ଅନାସ୍ଥା ଭୋଟ୍ ଖାରଜ୍ ହୋଇଯିବା ପରେ ଆଉ ଏକ ପଦକ୍ଷେପ ନେଇଛନ୍ତି ରାଷ୍ଟ୍ରପତି ଆରିଫ୍ ଆଲଭି। ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ପରାମର୍ଶକ୍ରମେ ରବିବାର ପାକିସ୍ତାନ ସଂସଦକୁ ଭଙ୍ଗ କରିଛନ୍ତି ରାଷ୍ଟ୍ରପତି ଆରିଫ୍। ଅର୍ଥାତ ଏବେ ଇମ୍ରାନ୍‌ଙ୍କ ସରକାର କାମଚଳା ଭାବେ ୮ ଦିନ ପର୍ଯ୍ୟନ୍ତ କାର୍ଯ୍ୟ କରିବ। ଏହା ପରେ ୩ ମାସ ମଧ୍ୟରେ ଦେଶରେ ନିର୍ବାଚନ ହେବ। ପାକିସ୍ତାନ ମନ୍ତ୍ରୀ ଫୱାଦ୍ ଚୌଧୁରୀ ଏ ସମ୍ପର୍କରେ ଟ୍ୱିଟ୍ କରି କହିଛନ୍ତି, ଫେଡେରାଲ କ୍ୟାବିନେଟ ଭଙ୍ଗ ହୋଇଯାଇଛି। ତେବେ ପରବର୍ତ୍ତୀ ପଦକ୍ଷେପ ସ୍ୱରୁପ ଇମ୍ରାନ୍ ଖାନ୍ ପାକିସ୍ତାନ ସମ୍ବିଧାନର ଧାରା ୨୨୪ ଅନୁଯାୟୀ ଦାୟିତ୍ୱ ନିଭାଇବେ। ଏହି କ୍ଲଜ୍ ଅନୁଯାୟୀ ଯଦି ସଂସଦର କାର୍ଯ୍ୟକାଳ ଅବିଧ ପରେ ଭଙ୍ଗ ହୁଏ କିମ୍ବା ରାଷ୍ଟ୍ରପତି ଏହାକୁ ଭଙ୍ଗ କରିନ୍ତ ତେବେ ଧାରା ୫୮ ଅନୁଯାୟୀ କାମଚଳା ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଏକ କାମଚଳା କ୍ୟାବିନେଟ୍ ନିଯୁକ୍ତି ହେବ। ସେହିପରି ବର୍ତ୍ତମାନ ଅବସ୍ଥାପିତ ଥିବା ପ୍ରଧାନମନ୍ତ୍ରୀ ଏବଂ ବିରୋଧୀ ନେତାଙ୍କ ପରାମର୍ଶରେ ରାଷ୍ଟ୍ରପତି କାମଚଳା ପ୍ରଧାନମନ୍ତ୍ରୀ ନିଯୁକ୍ତି କରିବେ। ପାକିସ୍ତାନ ସଂସଦରେ ଇମ୍ରାନ୍ ?ଙ୍କ ବିରୋଧରେ ଅନାସ୍ଥା ଭୋଟ୍ ଖାରଜ ହୋଇଯିବା ପରେ ପରବର୍ତ୍ତୀ କାର୍ଯ୍ୟପନ୍ଥାମାନ ସାମ୍ନାକୁ ଆସିଛି। ସେହିପରି ପାକିସ୍ତାନର ପଞ୍ଜାବ ଆସେମ୍ବ୍ଲି ମଧ୍ୟ ମାତ୍ର ୬ ମିନିଟ୍ ପର୍ଯ୍ୟନ୍ତ ଚାଲି ଏପ୍ରିଲ ୬ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଛି। ସେପଟେ ଅନାସ୍ଥା ପ୍ରସ୍ତାବକୁ ଖାରଜ କରାଯିବା ଅସାମ୍ବିଧାନିକ ବୋଲି ବିରୋଧୀ ଅଭିଯୋଗ ଆଣିଛନ୍ତି । ସେମାନେ ଏହି ଆଦେଶକୁ ସୁପ୍ରିମକୋର୍ଟରେ ଚାଲେଞ୍ଜ କରିବେ ବୋଲି କହିଛନ୍ତି ।

## ଡେଲ୍ଟା ଏକ୍ସି ଭେରିଆଂଟ ମାରାତ୍ମକ ହେବ ନାହିଁ ବୋଲି କହିଲେ ସ୍ୱାସ୍ଥ୍ୟ ବିଶେଷଜ୍ଞ

ଭୁବନେଶ୍ୱର, ୦୩/୦୪ (ନି.ପ୍ର): ବ୍ରିଟେନରେ ଦେଖା ଦେଇଥିବା ଏକ୍ସି ଭେରିଆଂଟ ଅଧିକା ଲୋକଙ୍କୁ ଆକ୍ରାନ୍ତ କରିବାର ସମ୍ଭାବନା ରହିଛି। ଏହା ଓମିକ୍ରନର ସବ୍ ଭେରିଏଂଟ। ଡେଲ୍ଟା ପରି ଏହା ଏତେ ମାରାତ୍ମକ ହେବନାହିଁ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ଡାକ୍ତର ନିରୋଜ ମିଶ୍ର କହିଛନ୍ତି । ସେ କହିଛନ୍ତି ଯେ ଏହି ଭେରିଆଂଟ ଲୋକଙ୍କ ମୃତ୍ୟୁ କାରଣ ହୋଇନ ପାରେ। ଏହି ନୂଆ ଭେରିଆଂଟ ଉପରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବି ନିଜର ରଖିଛନ୍ତି। ଯେହେତୁ ନୂଆ ନୂଆ ଭେରିଆଂଟ ଆସୁଛି, ତେଣୁ ମାସ୍କ ପିନ୍ଧା ନେଇ ଲୋକଙ୍କୁ ଟିକିଏ ସଚେତନ କରିବା ଉଚିତ । ମାସ୍କ ସମ୍ପୂର୍ଣ୍ଣ ହଟାଇ ଦେବା ଉଚିତ୍ ହେବ ନାହିଁ, କାରଣ ସଂକ୍ରମଣ ସରିନାହିଁ । ଯେଉଁଠି ଶତାଧିକ ଲୋକ ଏକାଠି ହୋଇଛନ୍ତି, ସେଠାରେ ମାସ୍କ ପିନ୍ଧିବା ଉଚିତ। ଏସବୁ ଦିଗକୁ ଧ୍ୟାନ ଦେବାକୁ ହେବ ବୋଲି ସେ କହିଛନ୍ତି ।

## ଫାଙ୍କା ପଡିଥିବା ସରକାରୀ ପଦବୀ ପୂରଣ ଦିଗରେ ପ୍ରଧାନମନ୍ତ୍ରୀଙ୍କ ଗୁରୁତ୍ୱ

ନୂଆଦିଲ୍ଲୀ, ୦୩/୦୪ : କେନ୍ଦ୍ର ସରକାରଙ୍କ ଅଧିନରେ ଫାଙ୍କା ପଡିଥିବା ସରକାରୀ ପଦବୀ ପୂରଣ ଦିଗରେ ଗୁରୁତ୍ୱ ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଫାଙ୍କା ପଡିଥିବା ସରକାରୀ ପଦବୀ ପୂରଣ ପାଇଁ ପ୍ରଶାସକମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ମୋଦି । କେନ୍ଦ୍ର ମନ୍ତ୍ରଣାଳୟ ଗୁଡିକର ସଚିବ ମାନଙ୍କୁ ଏସବୁ ବିଷୟରେ ଗୁରୁତ୍ୱ ଦେବାକୁ କହିଛନ୍ତି । ଆସନ୍ତା କିଛି ମାସ ମଧ୍ୟରେ ଏହା ଉପରେ କାର୍ଯ୍ୟ କରିବାକୁ ପ୍ରଧାନମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ସୂଚନା ମୁତାବକ ମୋଦି ୪ ଘଂଟା ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା ▶▶ପୃଷ୍ଠା ୭

## ଶ୍ରୀମନ୍ଦିର ରୋଷଘରେ ୬୦ରୁ ଉର୍ଦ୍ଧ୍ୱ ଚୁଲି ଭାଙ୍ଗିଲେ ଦୁର୍ବୃତ୍ତ

### ଦୋଷୀ ବିରୁଦ୍ଧରେ ହେବ କାର୍ଯ୍ୟାନୁଷ୍ଠାନ



ପୁରୀ, ୦୩/୦୪ (ନି.ପ୍ର): ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପାଇଁ ୬୦ ପଉଟି ଭୋଗ ନିଷ୍କାର ସହ ସେବାୟତମାନେ ରୋଷ ଘରେ ପ୍ରସ୍ତୁତ କରିଥାନ୍ତି । ଆଜି କିନ୍ତୁ ଦେଖିବାକୁ ମିଳିଛି ଶ୍ରୀମନ୍ଦିରରେ ଅଭାବନୀୟ ଘଟଣା । ରୋଷଘର ପ୍ରାୟ ୬୦ରୁ ଉର୍ଦ୍ଧ୍ୱ ଚୁଲି ଭାଙ୍ଗିଲେ ଦୁର୍ବୃତ । ଆନନ୍ଦବଜାରରେ ବ୍ୟବସାୟୀକ ଶତ୍ରୁତାକୁ କେନ୍ଦ୍ରକରି ଚୁଲି ଭଙ୍ଗାଯାଇଥିବା ଆଶଙ୍କା । ଗତକାଲି ରାତିରେ ଘଟିଛି ଘଟଣା। ମହାପ୍ରଭୁଙ୍କ ବଡ଼ସିଂହାର ବେଶ ପରେ ପହୁଡ଼ ନିତି ସମୟରେ ରୋଷଘର ଧୋପଖାଳ ହେବା ପରେ ଏଭଳି ଅଭାବନୀୟ ଘଟଣା ଘଟିଥିବା ଅନୁମାନ କରୁଛି ପୋଲିସ । ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମଧ ଘଟଣାର ଚାଲିଛି ଛାନଭିନ୍ । ରୋଷଶାଳାରେ ସାତପୁରୀ ରୋଷ, ପିଠାପୁରୀ ରୋଷ ଓ ତାଡ଼ପୁରୀ ରୋଇ ପ୍ରାୟ ୧୮୯ ଚୁଲି ରହିଥିବା ବେଳେ ଏଥିରେ ମହାପ୍ରଭୁଙ୍କ ଲାଗି ମହାପ୍ରସାଦ ଲାଗି ହୋଇଥାଏ । ବିଶେଷକରି ବରାଦି ଭୋଗ ପ୍ରସ୍ତୁତି ହୋଇଥାଏ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୋଟି କୋଟି ଭକ୍ତଙ୍କ ଭାବାବେଗ ସହ ଖେଳ । ପରସ୍ପର ଭିତରେ ଶତ୍ରୁତା କାରଣରୁ ଜଗନ୍ନାଥଙ୍କ ରୋଷଘର ଚୁଲା ଭାଙ୍ଗି ଦେଇଛନ୍ତି ଦୁର୍ବୃତ । ଏଭଳି ସାଂଘାତିକ ଖବର ଏବେ ଭକ୍ତ ମହଲରେ ଅସନ୍ତୋଷ ବଢିଛି। ମିଳିଥିବା ସୂଚନା ଅନୁସାରେ ଶ୍ରୀମନ୍ଦିର ରୋଷ ଘରେ ୭୦୦ ଚୁଲା ରହିଛି । ସୁଆର ମହାସୁଆର ନିଯୋଗର ସଭାପତି କହିଛନ୍ତି କବାଟ ନଥିବାରୁ କେହି ଦୁର୍ବୃତ ପଶି ଚୁଲା ଗୁଡ଼ିକୁ ଭାଙ୍ଗି ଦେଇଛନ୍ତି । ଏପରିକି ଶ୍ରୀମନ୍ଦିର ସୁରକ୍ଷା ଉପରେ ସେ ପ୍ରଶ୍ନ ଉଠାଇଛନ୍ତି । ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ସମର୍ଥ ବର୍ମା ଓ ଏସପି କନଓ୍ୱର ବିଶାଲ ସିଂହ ଶ୍ରୀମନ୍ଦିର ଯାଇ ତଦନ୍ତ କରିଛନ୍ତି । ▶▶ପୃଷ୍ଠା ୭

## ରାଜ୍ୟପାଳଙ୍କ ଦ୍ୱାରା ଭୁବନେଶ୍ୱରରେ 'ସେଂଟର ଫର ସାଇଟ୍' ଉଦ୍‌ଘାଟିତ

ଭୁବନେଶ୍ୱର, ୦୩/୦୪ (ନି.ପ୍ର): ମଣିଷର ଇନ୍ଦ୍ରିୟମାନଙ୍କ ମଧ୍ୟରେ ଆଖିର ଭୂମିକା ସର୍ବଗରିଷ୍ଠ । ଆଖି ମାଧ୍ୟମରେ କେବଳ ଦେଖାଯାଏ ନାହିଁ, ଏହା ବିବିଧ ଭାବ ପ୍ରକାଶର ମାଧ୍ୟମ ଭାବରେ ଉପଯୋଗ ହୁଏ । ଏଣୁ ଆଖିର ଉତମ ସ୍ୱାସ୍ଥ୍ୟ ପାଇଁ ସମସ୍ତେ ଯନିବାନ ହେବାକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପ୍ରକାଶ କରିଛନ୍ତି । ଆଜି ଭୁବନେଶ୍ୱରରେ 'ସେଂଟର ଫର ସାଇଟ୍'ର ୫୧ତମ ଶାଖାକୁ ଉନ୍ମୋଚନ କରି ରାଜ୍ୟପାଳ ପ୍ରଫେସର ଲାଲ ଏଭଳି ପ୍ରୟାସର ଭୂୟସୀ ପ୍ରଶଂସା କରିଥିଲେ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ଶାସନ ସଚିବ ରାଜକୁମାର ଶର୍ମା, ଲୋକାୟୁକ୍ତର ସଭ୍ୟ ଡ. ଆଁ.ପି. ଶର୍ମା, ବିଧାୟକ ସୁଶାନ୍ତ କୁମାର ରାଉତ ପ୍ରମୁଖ ଓଡ଼ିଶାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସେଂଟର ଫର ସାଇଟ୍‌ର ବିଶେଷ ଯୋଗଦାନ ସଂପର୍କରେ ଆଲୋଚନା କରିଥିଲେ । ସେଂଟର ଫ ସାଇଟ୍‌ର ଅଧ୍ୟକ୍ଷ ଡ. ମହିପାଳ ଏସ୍. ସଚ୍‌ଦେବ ଅନୁଷ୍ଠାନର ଉଦ୍ଦେଶ୍ୟ, ଆଭିମୁଖ୍ୟ ଓ ଉପଲବ୍ଧ ଚିକିତ୍ସା ସୁବିଧା ସଂପର୍କରେ ସୂଚନା ଦେଇଥିଲେ ।

## ରିମାଣ୍ଡ ସରିଲା, ଶର୍ମିଷ୍ଠାଙ୍କ ସମେତ ୪ ଅଭିଯୁକ୍ତଙ୍କୁ ଚାନ୍ଦବାଲି କୋର୍ଟରେ ହାଜର କଲା କ୍ରାଇମବ୍ରାଞ୍ଚ



ଭୁବନେଶ୍ୱର, ୦୩/୦୪ (ନି.ପ୍ର): କ୍ୟାମେରାମ୍ୟାନ୍ ମାନସ ସ୍ୱାଇଁ ହତ୍ୟା ମାମଲାରେ ଶର୍ମିଷ୍ଠାଙ୍କ ସମେତ ୪ ଅଭିଯୁକ୍ତଙ୍କୁ ଚାନ୍ଦବାଲି କୋର୍ଟରେ ହାଜର କରିଛି କ୍ରାଇମବ୍ରାଞ୍ଚ । ପୁଣି ଥରେ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେବାକୁ କ୍ରାଇମବ୍ରାଞ୍ଚ ଆବେଦନ କରିବ । ମାମଲାରେ ଅଧିକ ତଦନ୍ତର ଆବଶ୍ୟକତା ଥିବାରୁ ୫ ଦିନିଆ ରିମାଣ୍ଡ ନେବାକୁ କ୍ରାଇମବ୍ରାଞ୍ଚ ଆବେଦନ କରିବ ବୋଲି ସୂଚନା ମିଳିଛି । ସେପଟେ ଯାଞ୍ଚ ବେଳେ ଶର୍ମିଷ୍ଠାଙ୍କ ଘରୁ ମିଳିଥିବା ନିରଞ୍ଜନଙ୍କ ଡାଏରୀକୁ ନେଇ ତଦନ୍ତ କରାଯିବ । ଗତକାଲି ରିମାଣ୍ଡର ଶେଷ ଦିନରେ ସଂପୂର୍ଣ୍ଣ ୱେବ ପୋର୍ଟାଲ ଅଫିସକୁ ଶର୍ମିଷ୍ଠା ରାଉତ ଓ ନିରଞ୍ଜନ ସେଠୀଙ୍କୁ ନେଇ ଅଧିକ ତଥ୍ୟ ଆଦାୟ କରିଥିଲା କ୍ରାଇମବ୍ରାଂଚ । ଶର୍ମିଷ୍ଠା ରାଉତଙ୍କ ବେଡରୁମରୁ ନିରଞ୍ଜନ ସେଠୀଙ୍କ ଏକ ବ୍ୟକ୍ତିଗତ ଡାଏରୀ ମିଳିଥିଲା । ଏହି ଡାଏରୀରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଥିବା ଅନୁମାନ କରାଯାଉଛି । କ୍ରାଇମବ୍ରାଞ୍ଚ ହାତରେ କିଛି ସୁରାଗ୍ ମିଳିଥିବା କୁହାଯାଉଛି । ଯାହାର ତଦନ୍ତ ପାଇଁ ପୁଣି ଥରେ ରିମାଣ୍ଡରେ ଆଣିବ କ୍ରାଇମବ୍ରାଞ୍ଚ ।

## ବଙ୍ଗୋପସାଗରରେ ଲଘୁଚାପ ସମ୍ଭାବନା



ଭୁବନେଶ୍ୱର, ୦୩/୦୪ (ନି.ପ୍ର): ଆଗାମୀ ୬ ତାରିଖ ଦିନ ବେଳକୁ ଦକ୍ଷିଣ ଆଣ୍ଡାମାନ ସାଗର ଓ ତାହାର ପାଖାପାଖି ଅଂଚଳରେ ବାୟୁ ମଣ୍ଡଳରେ ଏକ ଘୁର୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ପୂର୍ବ ବଙ୍ଗୋପ ସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରୀ ବୁଲେଟିନରେ କୁହା ଯାଇଛି ଯେ - ୬ ତାରିଖରେ ଦକ୍ଷିଣ ଆଣ୍ଡାମାନ ସାଗର ଓ ତାହାର ପାର୍ଶ୍ୱବର୍ତୀ ଅଂଚଳରେ ବାୟୁମଣ୍ଡଳର ଉପରି ଭାଗରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ୨୪ ଘଂଟା ପରେ ଦକ୍ଷିଣ ପୂର୍ବ ବଙ୍ଗୋପସାଗର ଅଂଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ । ଏହା ପ୍ରଭାବରେ ଆଣ୍ଡାମାନ ସାଗର ଆଖପାଖ ଅଂଚଳରେ ବର୍ଷା ଓ ପବନ ସମ୍ଭାବନା ରହିଛି।

## ଆଜି ପୁଣି ବଢିଲା ପେଟ୍ରୋଲ-ଡିଜେଲ ଦର




ନୂଆଦିଲ୍ଲୀ, ୦୩/୦୪ : ପ୍ରତିଦିନ ବଢିଚାଲିଛି ତେଲ ଦର । ଏବଂ ଯାହା ଅନୁମାନ କରାଯାଉଥିଲା ତାହା ହିଁ ସତ ହୋଇଛି । ୫ ରାଜ୍ୟର ବିଧାନସଭା ନିର୍ବାଚନ ଶେଷ ହେବା ପରେ ଲଗାତର ବଢୁଛି ପେଟ୍ରୋଲ ଓ ଡିଜେଲ ଦର । ବିଗତ ୧୩ ଦିନରେ ୧୧ ଥର ତେଲ ଦର ବଢିଲାଣି । ଆଜି ପୁଣି ପେଟ୍ରୋଲ ଦରରେ ୮୬ ପଇସା ଓ ଡିଜେଲ ଲିଟର ପିଛା ଦର ୮୫ ପଇସା ବୃଦ୍ଧି ହୋଇଛି । ଫଳରେ ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ଦର ୧୧୦ ଟଙ୍କା ୩୬ ପଇସା ଓ ଡିଜେଲ ଲିଟର ୧୦୦ ଟଙ୍କା ୧୨ ପଇସା ହୋଇଛି । ୧୩ ଦିନରେ ପେଟ୍ରୋଲ ଦର ମୋଟ୍ ୮ ଟଙ୍କା ୫୬ ପଇସା ଓ ଡିଜେଲ ଲିଟର ପିଛା ଦର ୮ ଟଙ୍କା ୪୯ ପଇସା ବୃଦ୍ଧି ହୋଇସାରିଲାଣି । ଏକକାଳୀନ ୮ ଟଙ୍କା ଦର ବୃଦ୍ଧି ହୋଇଥିଲେ ଗ୍ରାହକଙ୍କୁ ସିଧାସଳଖ ବାଧିଥାନ୍ତା ଓ ଅସନ୍ତୋଷ ବଢିଥାନ୍ତା । ସେଥିପାଇଁ ପ୍ରତିଦିନ ଅଳ୍ପ ଅଳ୍ପ କରି ତେଲ ଦର ବଢାଇ ଚାଲିଛନ୍ତି ତେଲ କମ୍ପାନି । ଏପରି ସ୍ଥଳେ ତେଲ ଦର ଆହୁରି ୧୨ ଟଙ୍କା ପର୍ଯ୍ୟନ୍ତ ବଢିପାରେ ବୋଲି ବିଶେଷଜ୍ଞମାନେ ଅନୁମାନ କରୁଛନ୍ତି । ୫ ରାଜ୍ୟରେ ନିର୍ବାଚନ ଥିବାରୁ ନଭେମ୍ବର ୪ ତାରିଖରୁ ତେଲ ଦର ସ୍ଥିର ରହିଥିଲା । ଏପରିକି ବିଶ୍ୱ ବଜାରରେ ଅଶୋଧିତ ତେଲ ଦର ୮୪ ଡଲାରରୁ ବୃଦ୍ଧି ପାଇ ୧୦୦ ଡଲାର ଅତିକ୍ରମ କରିଥିଲେ ମଧ୍ୟ ଖୁଚୁରା ବଜାରରେ ତେଲର ଦର ବଢାଯାଇନଥିଲା । ତେବେ ୟୁକ୍ରେନ-ଋଷ ଯୁଦ୍ଧ ଯୋଗୁ ତେଲ ବୃଦ୍ଧି ପାଉଛି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି ।

## ଆକାଶରୁ ଖସିଲା ଲୁହା ଖଣ୍ଡ : ରହସ୍ୟମୟ ବସ୍ତୁକୁ ନେଇ ଲୋକେ ଭୟଭୀତ

ନୂଆଦିଲ୍ଲୀ, ୦୩/୦୪ : ଆକାଶରୁ ଖସିଲା ସିଲିଣ୍ଡର, ଆଉ ଲୁହା ଖଣ୍ଡ । ଏଭଳି ରହସ୍ୟମୟ ବସ୍ତୁକୁ ନେଇ ଲୋକେ ଭୟଭୀତ ହୋଇଛନ୍ତି । ଏହି ସବୁ ବସ୍ତୁ ସାଟେଲାଇଟର ଅଂଶ ହୋଇଥିବା ସନ୍ଦେହ କରାଯାଉଛି । ତେବେ ଏଭଳି ଏକ ଘଟଣା ଘଟିଛି ମହାରାଷ୍ଟ୍ର ଚନ୍ଦ୍ରପୁର ଜିଲ୍ଲାର ସିନ୍ଦବାହି ଅଞ୍ଚଳରେ । ଏହି ଘଟଣାକୁ ନେଇ ଏବେ ଚାରିଆଡେ ଚର୍ଚ୍ଚା ଲାଗି ରହିଛି । ତେବେ ଏହା କଣ ? କେଉଁଠୁ ଆସିଲା ତାକୁ ନେଇ ଅନେକ ପ୍ରଶ୍ନ ଉଠୁଥିବା ବେଳେ ଅନେକ ଲୋକ ଅନେକ ମତ ରଖୁଛନ୍ତି । ସୂଚନା ଅନୁସାରେ ଶନିବାର ସନ୍ଧ୍ୟାରେ ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶର କିଛି ସ୍ଥାନରେ ଆକାଶରେ କିଛି ଜଳୁଥିବା ବସ୍ତୁ ଦେଖିଥିଲେ । ଏହି ବସ୍ତୁ ଆକାଶରୁ ଭୂପୃଷ୍ଠକୁ ଖସୁଥିବାର ନଜର ଆସିଥିଲା । ଏହାପରେ ରାତି ସାଢେ ୮ରେ ସିନ୍ଦବାହୀ ତହସିଲର ଲାଡବୋରୀ ଗାଁରେ କିଛି ରହସ୍ୟମୟ ବସ୍ତୁ ପଡିଥିବାର ଲୋକମାନେ ଦେଖିଥିଲେ । ଏକ ବଡ ୧୦ ଫୁଟର ରିଙ୍ଗ ଆକାରର ଏହି ବସ୍ତୁ । ଏହାର ଓଜନ ପାଖାପାଖି ୩୦୦ରୁ ୪୦୦ କେଜି ହେବ ବୋଲି କୁହାଯାଉଛି । ଏହା ମେଟାଲରେ ତିଆରି ଏକ ରିଙ୍ଗ । ଏହା ପଡିବା ସମୟରେ ଉତ୍ତପ୍ତ ଥିବା ସ୍ଥାନୀୟ ଲୋକ କହିଥିଲେ । ତହସିଲଦାରଙ୍କ କହିବାନୁସାରେ ସେହି ତହସିଲର ପବନପାର ଗାଁରେ ରବିବାର ସକାଳୁ ଏକ ଗୋଲ ଆକୃତିର ସିଲିଣ୍ଡର ପଡିଥିଲା । ଯାହାକୁ ପରୀକ୍ଷଣ ପାଇଁ ରଖାଯାଇଛି । ସେହିପରି ଏହି ଅଞ୍ଚଳରେ ଆଉ କେଉଁଠି ଏଭଳି ବସ୍ତୁ ପଡିଛି କି ▶▶ପୃଷ୍ଠା ୭

## ଛାଡପତ୍ର ପରେ ସ୍ତ୍ରୀ ମଧ୍ୟ ଦେବ ସ୍ୱାମୀଙ୍କୁ ଭରଣପୋଷଣ ବାବଦକୁ ଟଙ୍କା

ନୂଆଦିଲ୍ଲୀ, ୦୩/୦୪ : କୌଣସି ବିବାହ ବିଚ୍ଛେଦ ମାମଲା ଆପଣ ଦେଖିଥିବେ । ଆଉ ଏଥିପାଇଁ ସ୍ୱାମୀ ସ୍ତ୍ରୀକୁ ଭରଣପୋଷଣ ଅର୍ଥ ଦେଉଥିବା କଥା ବି ଜାଣିଥିବେ । କିନ୍ତୁ ନିକଟରେ ଔରଙ୍ଗାବାଦ ହାଇକୋର୍ଟ ଏପରି ଏକ ରାୟ ଶୁଣାଇଛନ୍ତି ଯାହା ପୁରା ଓଲଟା । ଏଠି ସ୍ୱାମୀକୁ ନୁହେଁ ବରଂ ସ୍ତ୍ରୀକୁ ଦେବାକୁ ପଡିବ ଭରଣପୋଷଣ ଖର୍ଚ୍ଚ । ମହାରାଷ୍ଟ୍ରରେ ଏପରି ଏକ ମାମଲା ସାମ୍ନାକୁ ଆସିଛି ଯେଉଁଠି ମହିଳା ଜଣକ ତାଙ୍କ ସ୍ୱାମୀଙ୍କୁ ମାସିକ ଭରଣପୋଷଣ ଖର୍ଚ୍ଚ ଦେବାକୁ ବାଧ୍ୟ । ମହାରାଷ୍ଟ୍ରର ନନ୍ଦେଡରେ ନିକଟରେ ଏକ ମାମଲା ସାମ୍ନାକୁ ଆସିଛି ଯେଉଁଥିରେ ସ୍ଥାନୀୟ କୋର୍ଟ ଉକ୍ତ ମହିଳାଙ୍କୁ ତାଙ୍କ ପୂର୍ବ ସ୍ୱାମୀଙ୍କୁ ଭରଣପୋଷଣ ପାଇଁ ମାସକୁ ୩୦୦୦ ଟଙ୍କା ଦେବେ ବୋଲି କହିଛନ୍ତି । କୋର୍ଟଙ୍କ ନିଷ୍ପତ୍ତିକୁ ବମ୍ବେ ହାଇକୋର୍ଟ ମଧ୍ୟ ପୂର୍ଣ୍ଣ ସମର୍ଥନ କରିଛନ୍ତି । ଆପଣଙ୍କ ମନକୁ ପ୍ରଶ୍ନ ଆସୁଥିବ ଯେ ଏମିତି କ'ଣ ହେଲା ଯେ ଏଠି ସ୍ୱାମୀଙ୍କୁ କ୍ଷତିପୂରଣ ତଥା ଭରଣପୋଷଣ ଦେବେ ସ୍ତ୍ରୀ । ଘଟଣା ହେଉଛି ଦୁହେଁ ୧୯୯୨ ମସିହା ୧୭ ଏପ୍ରିଲ ରେ ବିବାହ କରିଥିଲେ । ବିବାହର କିଛି ବର୍ଷ ପରେ ପତ୍ନୀ ▶▶ପୃଷ୍ଠା ୭

# ଦୁର୍ଗମ ଅଂଚଳରେ ବିକାଶମୂଳକ ଯୋଜନା ବାଟବଣା : ଠିକାଦାର ଓ ଅଧିକାରୀ ମାଲାମାଲ

ଜୟପୁର,୦୩/୦୪ (ନି.ପ୍ର): ପ୍ରତ୍ୟେକ ବର୍ଷ ରାଜ୍ୟ ସରକାର ଉପାନ୍ତ ଅଂଚଳରେ ବିକାଶ ପାଇଁ ଅନେକ ଯୋଜନା ଆଣିଥାନ୍ତି କିନ୍ତୁ ଆଜିବି କୋରାପୁଟ ଜିଲ୍ଲାର ଅନେକ ଦୁର୍ଗମ ଗାଁ ରହିଛି ଯେଉଁଠି ସରକାରଙ୍କ ବିକାଶ ତ ଛାଡ଼ନ୍ତୁ ସରକାରୀ ବାବୁଙ୍କ ପାଦ ବି ପଡିନି। ଆମେ କହୁଛୁ କୋରାପୁଟ ଜିଲ୍ଲା ବୋରିଗୁମା ବ୍ଲକ ସୀମାନ୍ତ ଗ୍ରାମ କାଠର ଗୁଡା ଗାଁ କଥା। ଏହି ଗାଁ ର ଲୋକମାନେ ସାଧାରଣତଃ କୋରାପୁଟ ଜିଲ୍ଲା ସଦର ମହକୁମାକୁ ସ୍ୱାସ୍ଥ୍ୟ ଏବଂ ଶିକ୍ଷା ପାଇଁ ନିର୍ଭର କରିଥାନ୍ତି କିନ୍ତୁ ସେମାନଙ୍କୁ ଜିଲ୍ଲା ମୁଖ୍ୟ ସହରକୁ ଯିବାକୁ ହେଲେ ୧୦ କିଲୋମିଟର ବାଟ ଯିବାକୁ ପଡ଼େ ମୋରାନ ଡେମ ପାଖକୁ ଏବଂ ପରେ ଡ଼ଙ୍ଗାରେ ପାର ହୋଇ ଯିବାକୁ ପଡେ କିନ୍ତୁ ଏହି ଦଶ କିଲୋମିଟର ବାଟ ତାଙ୍କୁ ଯିବାକୁ ହେଲେ ଏହି ରାସ୍ତା ବର୍ତମାନ ମରଣାଯନ୍ତା ପାଲଟିଛି। କାରଣ ଖାଲ ଖମା ଏବଂ ଘାଟୀ ରାସ୍ତାକୁ ଆରଡ଼ି ବିଭାଗ ନିର୍ମାଣ କରିନାହିଁ ବାରମ୍ବାର ଅଭିଯୋଗ ପରେ ବର୍ତମାନ ସେହି ରାସ୍ତାର ନିର୍ମାଣ କାମ ଆରମ୍ଭ ହୋଇଥିଲା ଏବଂ ମାତ୍ର କିଛି ବାଟ କାମ କରି ବିଭାଗ ସହିତ ଠିକା ସଂସ୍ଥା ବି ଚୁପ ବସିଛି ରାସ୍ତା କାମ ସରିକି ମାତ୍ର ଏକ ମାସ ନ ପୁରୁଣୁ ରାସ୍ତା ଉପରେ ବଜୁରୀ ଗୋଡ଼ି ମାଲମାଲ। ଫଳରେ ଯେଉଁ ସବୁ ସ୍ଥାନୀୟ ଲୋକମାନେ ଏହି ରାସ୍ତା ଦେଇ ଯାତାୟାତ କରୁଛନ୍ତି ସେମାନେ ବର୍ତମାନ ଦୁର୍ଘଟଣାର ଶିକାର ହେଉଛନ୍ତି। ବର୍ତମାନ ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି ରାସ୍ତାର ପୁନଃ ନିର୍ମାଣ କରିବା ପାଇଁ। ଅନ୍ୟପଟେ ସରକାରୀ ନିୟମ ମୁତାବକ ମଧ କାମ ହୋଇନାହିଁ ମାତ୍ର କିଛି ଇଂଚର ଗୋଡି ଗୁଣ୍ଡ ଏବଂ ପିଚୁ ପକାଇ ଠିକାଦାର କାମ ସାରି ଦେଇଛି । ଦୁର୍ଗମ ଅଂଚଳ ହୋଇଥିବାରୁ ପ୍ରଶାସନିକ ଅଧିକାରୀ ମଧ ରାସ୍ତା କାମକୁ ତଦାରଖ ନ କରି ଠିକାଦାର ହଁ ରେ ହଁ ମିଶାଇ ବର୍ତମାନ ମଧୁଚନ୍ଦ୍ରୀକାରେ ସାମିଲ ହୋଇଛନ୍ତି । କୋରାପୁଟ ଜିଲ୍ଲାର ବୋରିଗୁମା ଅଂଚଳର ଖାଲି ଏ ଦୃଶ୍ୟ ନୁହେଁ କୋରାପୁଟ ଜିଲ୍ଲାର ଅନେକ ସ୍ଥାନ ରହିଛି ଯେଉଁଠି ଆରଡ଼ି ବିଭାଗ ଶାସକ ଦଳର ଠିକାଦାରଙ୍କୁ ଧରି ନିଜ ମନମାନି ସହିତ ନିଜସ୍ୱ ଅର୍ଥ ରାଶିକୁ ବଢାଇବାରେ ଲାଗିଛନ୍ତି ବର୍ତମାନ ଏ ଭଳିଆ ଠିକାଦାରଙ୍କ ଲାଇସେନ୍ସ ରଦ୍ଦ ସହିତ ଏହି ବୋରିଗୁମା ଅଂଚଳର ଆର.ଡ଼ି. ବିଭାଗ ଅଧିକାରୀଙ୍କ ବିରୁଦ୍ଧରେ ଯଦି ଆଗାମୀ ଦିନରେ ଭିଜିଲାନ୍ସ ଚଢଉ ହୁଏ ତାହେଲେ ଯାଇ ଏହି କର୍ମଚାରୀ ମାନେ ସୁଧୁରିବେ ଏବଂ ସେମାନଙ୍କୁ ତାଙ୍କ ମୌଳିକ ସୁବିଧା ମିଳିପାରିବ ବୋଲି ବିରୋଧୀ ପ୍ରକାଶ କରିଛନ୍ତି।

ସରକାର ଉପାନ୍ତ ଅଂଚଳ ଗୁଡିକୁ ରାସ୍ତାଘାଟର ସୁବିଧା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଏସବୁ କାର୍ଯ୍ୟର କୌଣସି ତଦାରଖ କରୁନାହାନ୍ତି ଫଳ ସ୍ୱରୂପ ବିଭାଗୀୟ ଅଧିକାରୀ ଏବଂ ଠିକାଦାରଙ୍କ ମଧୁଚନ୍ଦ୍ରିକରେ ଚାଲୁଛି ରାସ୍ତା ନିର୍ମାଣ କାର୍ଯ୍ୟ। ଏକ ମାସ ନ ପୁରୁଣୁ ରାସ୍ତାରୁ ପିଚୁ ଗୋଡି ଉଠି ଯାଉଛି।

# ମାନବିକତା ଦେଖାଇଲେ ଗେଛାପଡା ଥାନା ଅଧିକାରୀ

କନ୍ଧମାଳ,୦୩/୦୪ (ନି.ପ୍ର): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଗେଛାପଡା ଥାନା ଅଧିକାରି ରଞ୍ଜିତ କୁମାର ମୁନୀ ଦୁର୍ଘଟଣାର ଶିକାର ହୋଇ ଅହତ ହୋଇଥିବା ଥିବା ଦୁଇଜଣ ସ୍କୁଲ ଛାତ୍ରୀ ଓ ଜଣେ ଶିକ୍ଷକ ଙ୍କୁ ଉଦ୍ଧାର କରିବା ସହିତ ସେମାନଙ୍କର ଚିକିତ୍ସା କରାଇ ମାନବିକତା ଦେଖାଇଛନ୍ତି । ସୁଚନା ଅନୁସାରେ ଗେଛାପଡା ଥାନା ଅନ୍ତର୍ଗତ ଗେଛାପଡା, ବାଲନ୍ଦାପଡା ରାସ୍ତାର ଖଜୁରିଗାଁ ନିକଟରେ ଏକ ବାଇକରେ ଜଣେ ଶିକ୍ଷକ ଓ ଦୁଇଜଣ ଛାତ୍ରୀ ଫିରିଙ୍ଗିଆ ଆସୁଥିବା ସମୟରେ ହଠାତ ବାଇକ ସାମାନାକୁ ଏକ କୁକୁର ଚାଲିଆସିଥିବାରୁ ବାଇକଟି ଭାରସାମ୍ୟ ହରାଇ ଦୁର୍ଘଟଣାର ଶିକାର ହୋଇଥିଲା । ଫଳରେ ବାଇକ୍‌ରେ ବସିଥିବା ଦୁଇଜଣ ଛାତ୍ରୀ ଓ ଜଣେ ଶିକ୍ଷକ ଆହତ ହୋଇଥିଲେ । ସେହି ସମୟରେ ସେହି ରାସ୍ତା ଦେଇ ଫିରିଙ୍ଗିଆ ବ୍ଲକରେ କାର୍ଯ୍ୟରତ ସମ୍ବାଦିକ ହୁରଞ୍ଜନ ସେଠି କୌଣଷି କାମରେ ବାଲନ୍ଦାପଡା ଯାଉଥିବା ସମୟରେ ଦୁର୍ଘଟଣା ଦେଖି ପ୍ରଥମେ ଆମ୍ବୁଲେନ୍ସକୁ ଯୋଗାଯୋଗ କରିଥିଲେ । ତାହା ସମ୍ଭବ ନହେବାରୁ ଶେଷରେ ସେ ଗେଛାପଡା ଥାନା ଅଧିକାରୀ ଙ୍କୁ ଯୋଗାଯୋଗ କରିଥିଲେ । ଫୋନପାଇବା ମାତ୍ରେ ଥାନା ଅଧିକରୀ ଥାନା ଗାଡିରେ ଘଟଣାସ୍ଥଳରେ ପହଂଚି ଆହତ ଛାତ୍ରୀ ଓ ଶିକ୍ଷକଙ୍କୁ ଗୋଛାପଡା ଡାକ୍ତରଖାନାରେ ଚିକିତ୍ସା କରାଇ ସେମାନଙ୍କୁ ସେମାନଙ୍କ ଘରେ ଛାଡିଥିଲେ । ଆହତ ଶିକ୍ଷକ ଓ ଛାତ୍ରୀମାନେ, ଫିରିଙ୍ଗିଆ ବ୍ଲକ ଫିରିଙ୍ଗିଆ ବ୍ଲକ ବାଲନ୍ଦାପଡା ପଂଚାୟତ ବାଟାବାହାଲି ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ ସେନାପତି ଓ ସେହି ସ୍କୁଲର ଦୁଇଜଣ ଛାତ୍ରୀ ଚିଲିକା ଦିଗାଳ ଓ ପୂଜା ବାରିକ ବୋଲି ଜଣାପଡିଥିବାବେଳେ ସେମାନେ ଫିରିଙ୍ଗିଆ ଠାରେ ଚାଲିଥିବା ବ୍ଲକସ୍ତରୀୟ ବିଜ୍ଞାନ ମେଳାରେ ଯୋଗଦେବା ପାଇଁ ଫିରିଙ୍ଗିଆ ଆସୁଥିବା ଜଣାପଡିଛି ।

# ଭତା ବଂଟନ କାର୍ଯ୍ୟକ୍ରମ ଅନୁଷ୍ଠିତ

ଜୟପୁର,୦୩/୦୪ (ନି.ପ୍ର): ଜୟପୁର ଟାଉନ ହଲ ଠାରେ ସାମାଜିକ ସହାୟତା ଓ ଭତା ବଂଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଜୟପୁର ପୌର ପାଳିକା ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ବିଧାୟକ ତାରା ପ୍ରସାଦ ବାହିନିପତି, ସମ୍ମାନିତ ଅତିଥି ଭାବେ ନରେନ୍ଦ୍ର କୁମାର ମହାନ୍ତି, ପୌର କାର୍ଯ୍ୟନିବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ ଉପସ୍ଥିତ ଥିଲେ । ଜୟପୁର ପୌରାଂଚଳର ୨୮ଟି ଓାର୍ଡର ଭିନ୍ନକ୍ଷମ, ବାର୍ଦ୍ଧକ୍ୟ , ବିଧବା ଭଳି ଶହେ ହିତାଧିକାରି ଙ୍କୁ ଭତା ବଂଟନ କରାଯାଇଥିଲା । ୫୭୨ ଜଣଙ୍କୁ ଭତା ବଂଟନ କରାଯାଇଥିଲା । ୧୫ଜଣଙ୍କୁ ଜାତୀୟ ପାରିବାର ମଙ୍ଗଳ ଯୋଜନାରେ , ୨ ଜଣଙ୍କୁ ହୁଇଲ ଚେୟାର , ଭିନ୍ନକ୍ଷମ ପ୍ରମାଣ ପତ୍ର ବଂଟନ କରିଥିଲେ ।

# ବ୍ରହ୍ମବରଦାରେ ଚକ୍ଷୁ ଚିକିତ୍ସା ଶିବିର

ଧର୍ମଶାଳା,୦୩/୦୪ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ଠାରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ବ୍ରହ୍ମବରଦା ପଂଚାୟତ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି ଚକ୍ଷୁ ଚିକିତ୍ସା ଶିବିରକୁ ବ୍ରହ୍ମବରଦା ସରପଂଚ ମମତା ଶୁଭଦର୍ଶିନୀ ଦେଓ ଅତିଥିଭାବେ ଯୋଗଦେଇ ଉଦଘାଟନ କରିଥିଲେ । ବାଲିଚନ୍ଦ୍ରପୁରସ୍ଥିତ ସାଇ ଶାନ୍ତି ଚକ୍ଷୁ ଚିକିତ୍ସାଳୟର ସହଯୋଗରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା । ବ୍ରହ୍ମବରଦା ପଂଚାୟତରୁ ପ୍ରାୟ ୫୦ରୁ ଉର୍ଦ୍ଧ ଚକ୍ଷୁ ରୋଗୀ ଯୋଗଦେଇ ସେମାନଙ୍କ ଚକ୍ଷୁ ବିଶେଷଜ୍ଞଙ୍କୁ ଦେଖାଇ ପରୀକ୍ଷା କରାଇଥିଲେ । ସେମାନଙ୍କ ମଧ୍ୟରୁ ୧୧ ଜଣଙ୍କ ଠାରେ ମୋତିଆ ବିନ୍ଦୁ ହୋଇଥିବା ଜଣାପଡିଛି । ସେମାନଙ୍କ ଅସ୍ତ୍ରୋପଚାର ପାଇଁ ସାଇ ଶାନ୍ତି ଚକ୍ଷୁ ଚିକିତ୍ସାଳୟକୁ ପଠାଇ ଦିଆଯାଇଥିବା ଜଣାପଡିଛି ।

# ଭଲନେରବୁଲ ୱିଟନେସ ଡିପୋଜିସନ ସେଂଟର ଭିଡିଓ କନଫରେନସିଂ ମାଧ୍ୟମରେ ଉଦ୍‌ଘାଟିତ

ଜୟପୁର,୦୩/୦୪ (ନି.ପ୍ର): ଆଜି ଭାରତର ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତି ତଥା ଇ-କମିଟିର ଚେୟାରମ୍ୟାନ ଡକ୍ଟର ଜଷ୍ଟିସ ଡି. ୱାଇ. ଚନ୍ଦ୍ରଚୂଡ଼, ଇ-କମିଟିର ଭାଇସ ଚେୟାରମ୍ୟାନ ଜଷ୍ଟିସ ଆର. ସି. ଚଭନ, ଭି. ଡବ୍ଲ୍ୟୁ. ଡି. ସି. କମିଟିର ଅଧକ୍ଷ୍ୟା ତଥା ଜାମ୍ମୁ ଓ କାଶ୍ମୀରର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ ଗୀତା ମିତ୍ତଲ ଏବଂ ଓଡିଶା ଉଚ୍ଚ ନ୍ୟାୟାଳୟର ମାନ୍ୟବର ମୁଖ୍ୟ ବିଚାରପତି ଡ଼କ୍ଟର ଜଷ୍ଟିସ ଏସ. ମୁରଲୀଧର ଏବଂ ଓଡିଶା ଉଚ୍ଚ ନ୍ୟାୟାଳୟର ଅନ୍ୟ ସମସ୍ତ ବିଚାରପତିଙ୍କ ଉପସ୍ଥିତିରେ ଓଡିଶାର ବିଭିନ୍ନ ଜିଲ୍ଲା ସମେତ କୋରାପୁଟ ଜିଲ୍ଲା ପାଇଁ ଭଲନେରବୁଲ ୱିଟନେସ ଡିପୋଜିସନ ସେଂଟର (ସମାଲୋଚ୍ୟ ସାକ୍ଷୀ ଅଭିସାକ୍ଷ୍ୟ କେନ୍ଦ୍ର), ଭରଚୁଆଲ କୋର୍ଟ, ଇ-ଫାଇଲିଙ୍ଗ ଭର୍ଶନ ୩.୦ ଭିଡିଓ କନଫରେନସିଂ ମାଧ୍ୟମରେ ଉଦଘାଟିତ ହୋଇଅଛି । ଓଡିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଜଷ୍ଟିସ ବିଶ୍ୱଜିତ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଅନ୍ୟତମ ବିଚାରପତି ତଥା ଓଡିଶା ଉଚ୍ଚ ନ୍ୟାୟାଳୟର ଭି. ଡବ୍ଲ୍ୟୁ. ଡି. ସି. କମିଟିର ସଦସ୍ୟ ଜଷ୍ଟିସ ବିଭୁ ପ୍ରସାଦ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉଦଘାଟନୀ ଉତ୍ସବରେ ଜିଲ୍ଲା ଓ ଦୌରା ଜଜ, କୋରାପୁଟ - ଜୟପୁର ସୌମେନ୍ଦ୍ର କୁମାର ରାଜଗୁରୁ, ଜିଲ୍ଲା ଓକିଲ ସଂଘ, ଜୟପୁରର ସଭାପତି ସରୋଜ କୁମାର ଦାସ, ସମ୍ପାଦକ ଆନନ୍ଦ ରଥ, ସରକାରୀ ଓକିଲ ବିଷ୍ଣୁ ପ୍ରସାଦ ପାତ୍ର, ପବ୍ଲିକ ପ୍ରସିକ୍ୟୁଟର ଶୈଳଜା ପଟ୍ଟନାୟକଙ୍କ ସମେତ ଜିଲ୍ଲା ଓକିଲ ସଂଘ, ଜୟପୁରର ଅନ୍ୟ ସମସ୍ତ ସଭ୍ୟ ଓ ଆଇନଜୀବୀ ପ୍ରମୁଖ ଉପସ୍ଥିତ ଥିଲେ। ଏତଦ ବ୍ୟତୀତ କୋରାପୁଟ ନ୍ୟାୟପାଳିକାର ଅନ୍ୟ ସମସ୍ତ ବିଚାରପତି ଯଥା ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ରାଜେଶ କୁମାର ନାୟର, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ତଥା ଭାରପ୍ରାପ୍ତ ରେଜିଷ୍ଟ୍ରାର ଦିଲୀପ କୁମାର ସାହୁ, ମହିଳା ଅଦାଲତର ବିଚାରପତି ଅଞ୍ଜଳି ମଛଖଣ୍ଡ, ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶୁଭ ଗୌତମ ମିଶ୍ର ଓ ଏସ.ଡି.ଜେ.ଏମ. ଶ୍ରୀମତୀ ରେଖାରାଣୀ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଏହି ଉଦଘାଟନ କାର୍ଯ୍ୟକ୍ରମରେ କୋରାପୁଟ ବରିଷ୍ଠ ଦେୱାନୀ ବିଚାରପତି ନିଶା ସାମଲ, ଉପଖଣ୍ଡ ବିଚାର ବିଭାଗୀୟ ଅଧିକାରୀ ସୁନନ୍ଦା ପ୍ରଧାନ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ରୁଦ୍ର ପ୍ରକାଶ ନାୟକ, ସ୍ୱତନ୍ତ୍ର ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଗୟାଧର ପାଣିଗ୍ରାହୀଙ୍କ ସମେତ କୋରାପୁଟ, ଲମତାପୁଟ, ଲକ୍ଷ୍ମୀପୁର, ଦଶମନ୍ତପୁର, ବୋରିଗୁମ୍ମା, କୋଟପାଡ଼ ଓ ସେମିଳିଗୁଡାର ସ୍ଥାନୀୟ ବିଚାରପତିମାନେ ମଧ ଭିଡ଼ିଓ କନଫରେନସିଙ୍ଗ ମାଧ୍ୟମରେ ଯୋଗ ଦେଇଥିଲେ। ଏହି ଅଭିସାକ୍ଷ୍ୟ କେନ୍ଦ୍ର ଓ ଭରଚୁଆଲ କୋର୍ଟ ମାଧ୍ୟମରେ ଦୂର ଦୁରାନ୍ତରେ ଥିବା ସମସ୍ତ ସରକାରୀ ସାକ୍ଷୀ, ଓକିଲ ଓ ଅନ୍ୟାନ୍ୟ ଉପଯୁକ୍ତ ସାକ୍ଷୀମାନେ ଉପକୃତ ହେବା ସହିତ ତ୍ୱରିତ ନ୍ୟାୟ ପ୍ରଦାନ ପ୍ରକ୍ରିୟାରେ ସାମିଲ ହୋଇପାରିବେ। ଏତଦବ୍ୟତୀତ ଇ-ଫାଇଲିଙ୍ଗ ୩.୦ ମାଧ୍ୟମରେ ଇ ସେବା ଦ୍ୱାରା ଉପଲବ୍ଧ ବିଭିନ୍ନ ସେବା ମଧ ତ୍ୱରାନ୍ୱିତ ହୋଇପାରିବ। ଏହି ଭିଡ଼ିଓ କନଫରେନସିଂ କାର୍ଯ୍ୟକ୍ରମକୁ ଜିଲ୍ଲା ଅଦାଲତର ସିଷ୍ଟମ ଅଫିସର ରଜନୀକାନ୍ତ ଲିମା ଓ ସହଯୋଗୀ ରାଜେଶ ସିଂ, ସନ୍ତୋଷ କୁମାର କନ୍ଧପାନ ପ୍ରମୁଖ ସୁଚାରୁରୂପେ ପରିଚାଳନା କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ଅଦାଲତର ନ୍ୟାୟାଳୟ ପରିଚାଳକ ନିତ୍ୟାନନ୍ଦ ମହାନ୍ତି, ନାଜ଼ୀର ଏ. ରମେଶ କୁମାର, ନାଏବ ନାଜ଼ୀର ଦେବେନ୍ଦ୍ର କୁମାର ନାୟକ, ମୁଖ୍ୟ କିରାଣୀ ପ୍ରଦୀପ କୁମାର ମିଶ୍ର ପରିଚାଳନା କରିଥିଲେ।

# ପୁରୀ ନିଶାମୁକ୍ତ ଅଭିଯାନ

ପୁରୀ,୦୩/୦୪ (ନି.ପ୍ର): ନିଶାମୁକ୍ତ ସମାଜ ଗଠନ ପାଇଁ ମିଳିତ ଓଡିଶା ନିଶା ନିବାରଣ ଅଭିଯାନ ଓ ପୁରୀ ନିଶାମୁକ୍ତ ଅଭିଯାନ ପକ୍ଷରୁ ପୁରୀ ସହରରୁ ସଂମ୍ପୂର୍ଣ୍ଣ ମଦମୁକ୍ତ କରିବା ପାଇଁ ଜିଲ୍ଲାପାଳଙ୍କୁ ଏକ ଦାବୀ ପତ୍ର ପ୍ରଦାନ କରାଯାଇଛି। ପୁରୀ ସହର ଧାର୍ମିକ ସତ୍ତାକୁ ବଞ୍ଚାଇବାପାଇଁ ମଦମୁକ୍ତ ଓ ନିଶାମୁକ୍ତ କରାଯାଉ। ଶ୍ରୀକ୍ଷେତ୍ର ଦୂରଦୂରାନ୍ତରୁ ଭକ୍ତ ଆସିଥାନ୍ତି ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ କିନ୍ତୁ ମାଳ ମାଳ ମଦ ଦୋକାନ ଓ ମଦ ପିଇ ମାତାଲ ଅବସ୍ଥାରେ ସାଧାରଣ ଲୋକ ଲୁଟ ତରାଜ କରୁଛନ୍ତି। ଭକ୍ତ ମାନେ ମଦୁଆଙ୍କ ଦ୍ୱାରା ଅନେକ ସମୟରେ ଅସୁରକ୍ଷିତ ହୋଇପଡୁଛନ୍ତି ତେଣୁ ପୁରା ସହରରୁ ମଦମୁକ୍ତ କରାଯାଉ। ହରିଦ୍ୱାର, ଋଷିକେଶ, କାଶୀ ବିଶ୍ୱନାଥ ଙ୍କ ବାରଣାସୀ, ମଥୁରା, ବୃନ୍ଦାବନ, ବଦ୍ରିନାଥ ଧାମ, ବୈଦନାଥ ଧାମ ଆଦିରେ ସଂମ୍ପୂର୍ଣ୍ଣ ମଦ ବନ୍ଦ ହୋଇଛି ସେହିଭଳି ପୁରୀ ସହରକୁ ମଦବନ୍ଦ କରାଯାଉ ଏବଂ ପୁରୀ ବଡଦାଣ୍ଡ କୁ ଆମିଷ ମୁକ୍ତ କରାଯିବା ପାଇଁ ଜିଲ୍ଲାପାଳ କହିଥିଲେ । ଏଭଳି ନିଷ୍ପତ୍ତି କୁ ସମସ୍ତ ପୁରୀ ବାସୀ ସହଯୋଗ ରହିଛି। ଆଜି ଚକ୍ରଧର ମହାପାତ୍ର ଙ୍କ ନେତୃତ୍ୱରେ ଜଗନ୍ନାଥ ବସ୍ତିଆ, ମଧୁସୂଦନ ମିଶ୍ର, ଛାୟାକାନ୍ତ ନାୟକ, ବିଦ୍ୟୁତଲତା ଆଚାର୍ଯ୍ୟ, ଶଶିଭୂଷଣ ପ୍ରଧାନ, ରାଧେଶ୍ୟାମ ରଥ, ସଞ୍ଜୟ କୁମାର ପ୍ରଧାନ, ପବିତ୍ର ମୋହନ ଦଳାଇ, ଜଗନ୍ନାଥ ଦେଓ ପ୍ରମୁଖ ଯୋଗଦାନ କରି ମଦ କିଭଳି ରୋଜଗାର ଛଡାଇନେଉଛି। ଝିଅ ମାନଙ୍କର କାଚ ସିନ୍ଦୁର ଛଡାଇନେଉଛି। ମଦ ଯୋଗୁଁ କ୍ରାଇମ ବଢିଚାଲିଛି ତା ଉପରେ ଗୁରୁତ୍ୱ ଦିଆଯାଇଛି କ୍ଷ ସଂଗଠନର ନିଷ୍ପତି ଅନୁଯାୟୀ ଆସନ୍ତା ଦିନରେ ପୁରୀର ସମେସ୍ତ ୱାର୍ଡରେ ଲୋକଙ୍କୁ ନେଇ ସଂଗଠନ କରାଯାଇ ସମସ୍ତ ମଦ ଦୋକାନ ଆଗରେ ପ୍ରତିବାଦ କରାଯିବ ଏବଂ ପୁରୀକୁ ଗୁଟୁଖା ମୁକ୍ତ କରାଯିବା ପାଇଁ ଜିଲ୍ଲାପାଳଙ୍କ ସହ ଆଲୋଚନା ମଧ କରାଯଇଥିଲା ।

# ମୁରିବାହାଲ ରେଞ୍ଜରୁ ୧୦୦ କୁରୁଡୁ ଗଣ୍ଡି ଜବତ

ବଲାଙ୍ଗୀର ,୦୩/୦୪ (ନି.ପ୍ର): ଆଜି ଦିନ ପ୍ରାୟ ୧୧ ଟା ବେଳେ ମୁରିବାହାଲ ରେଞ୍ଜ ଜଙ୍ଗଲ କର୍ମଚାରୀମାନଙ୍କ ପେଟ୍ରୋଲିଂ ବେଳେ ୧୦୦ ଗୋଟି କୁର୍ଦୁ ଗଣ୍ଡି ପ୍ରାୟ ୨୫ କ୍ୱିଣ୍ଟାଲ ବରବନ୍ଦ ବିଟ ର ଗୁଲାମି ସେକ୍ସନ୍ ରେ ଜବତ କରାଯାଇଛି। ଅଭିଯୁକ୍ତ ପଳାୟନ କରିଥିବା ବେଳେ ଗଛ ଗୁଡିକ ନେଇ ଆସିଥିଲେ। ମୁରିବାହାଲ ଡେପୁଟି ରେଞ୍ଜର ଲିଙ୍ଗରାଜ ଭୋଇ, ବନପାଳ ରଞ୍ଜିତ କୁମାର ସିଂଦେଓ, ଧ୍ରୁବ ଚରଣ ବଗର୍ତି ,ଆଦିତ୍ୟ ନନ୍ଦ ଙ୍କ ସହିତ ରେଞ୍ଜ ର ପାରା ଜଙ୍ଗଲ ଦଳ ଏହା ଧରିବା କୁ ସକ୍ଷମ ହୋଇଥିଲେ। ଆଗକୁ ତଦନ୍ତ ଜାରି ରହିଛି। ଜିଲ୍ଲା ବନଅଧିକାରୀ ନୀତିଶ କୁମାର ବିଭାଗର ଏହି କାମ ପାଇଁ ତାଙ୍କର କର୍ତ୍ତବ୍ୟ ନିଷ୍ଠା ପାଇଁ ସାଧୁବାଦ ଦେଇ ସବୁଜ ସଂଗ୍ରାମି ଙ୍କ ପ୍ରସଂସା କରିଚନ୍ତି।

# ସ୍ୱର୍ଗଦ୍ୱାରରେ ଶବ ସଂରକ୍ଷଣ ଫ୍ରିଜର ସେବା ଆରମ୍ଭ

ପୁରୀ,୦୩/୦୪ (ନି.ପ୍ର): ସ୍ୱର୍ଗଦ୍ୱାର ସେବା ସମିତି ତରଫରୁ ଶବ ସଂରକ୍ଷଣ ଫ୍ରିଜର ସେବା ଗତକାଲି ଓଡିଶା ଦିବସ ଅବସରରେ ଲୋକାର୍ପିତ ହୋଇଛି । ଲୋକାର୍ପଣର ଦ୍ୱିତୀୟ ଦିନରୁ ହିଁ ଏହାର ଲାଭ ପୁରୀ ସହରବାସୀ ନେବା ଆରମ୍ଭ କରିଛନ୍ତି । ସୂଚନା ଯୋଗ୍ୟ ପୁରୀ ରେଡକ୍ରସ ରୋଡ ନିବାସୀ ଲୀଳା ଶର୍ମା ନିଜର ସ୍ୱର୍ଗତ ଶାଶୁଙ୍କ ଶବ ସଂରକ୍ଷଣ ପାଇଁ ଏହି ସୁବିଧା ନେବା ପାଇଁ ସ୍ୱର୍ଗଦ୍ୱାର ସେବା କେନ୍ଦ୍ର ସହିତ ଯୋଗ ଯୋଗ କରି ଥିଲେ ।ସ୍ୱର୍ଗଦ୍ୱାର ସେବା କେନ୍ଦ୍ର ତରଫରୁ ତାଙ୍କୁ ତୁରନ୍ତ ଏହି ସେବା ଯୋଗାଇ ଦିଆଯାଇଛି ।

ଉଲ୍ଲେଖ ଯୋଗ୍ୟ ଯେ ଏହା ଏକ ପ୍ରି ପେଡ୍ ସେବା ବ୍ୟବସ୍ଥା ଏବଂ ଯଦି କୌଣସି ବ୍ୟକ୍ତିଙ୍କ ମୃତ୍ୟୁ ଘଟେ ସଂପୃକ୍ତ ପରିବାର ସଦସ୍ୟ ଦୂରଦୂରାନ୍ତରରୁ ଆସିବାକୁ ବିଳମ୍ବ ହୁଏ ତେବେ ଘରେ ଶବକୁ ସଂରକ୍ଷଣ କରି ରଖିବା କଷ୍ଟ ସାଧ ଅଟେ । ତେଣୁ ଏହି ଅସୁବିଧା ଦୂର କରିବା ପାଇଁ ଏହି ଶବ ସଂରକ୍ଷଣ ଫ୍ରିଜର ପ୍ରିପେଡ୍ ମାଧ୍ୟମରେ ସ୍ୱର୍ଗ ଦ୍ୱାର ତରଫରୁ ଯୋଗାଇ ଦିଆଯାଉଛି । କୌଣସି ବ୍ୟକ୍ତି ଚାହିଁଲେ ୨୪ଘଣ୍ଟାକୁ ଏକ ହଜାର ଟଙ୍କା ଦେଇ ଏହାର ସୁବିଧା ପାଇ ପାରିବେ ଏଥି ସହିତ ମୃତ ବ୍ୟକ୍ତିଙ୍କ ଶବ ସ୍ୱର୍ଗଦ୍ୱାରକୁ ଆଣିବା ପାଇଁ ସ୍ୱର୍ଗଦ୍ୱାର ସେବା ସମିତି ତରଫରୁ ସ୍ୱର୍ଗ ରଥର ମଧ ବ୍ୟବସ୍ଥା ରହିଛି । ପୁରୀ ମ୍ୟୁନିସିପାଲିଟି ପରିସୀମା ମଧରେ ସ୍ୱର୍ଗରଥ ସେବା ନିମନ୍ତେ ୭୫୦ ଟଙ୍କା ଓ ପୁରୀ ପୌରାଞ୍ଚଳ ଠାରୁ ୧୦ କିମି ମଧରେ ୧୨୦୦ ଟଙ୍କା ଦେଇ ଏହାର ସୁବିଧା ଜନ ସାଧାରଣ ନେଇ ପାରିବେ ବୋଲି ପୁରୀ ଉପଜିଲ୍ଲାପାଳ ତଥା ସ୍ୱର୍ଗ ଦ୍ୱାର ସେବା ସମିତିର ଆବାହକ ସମ୍ପାଦକ ଭବତାରଣ ସାହୁ ଜଣାଇଛନ୍ତି । ଏହି ସେବା ନେବା ପାଇଁ ସ୍ୱର୍ଗଦ୍ୱାର ସେବା କେନ୍ଦ୍ର ଟେଲିଫୋନ ନଂ ୦୬୭୫୨ ୨୯୧୨୯୧ ସହିତ ଯୋଗାଯୋଗ କରିବା ପାଇଁ ସ୍ୱର୍ଗଦ୍ୱାର ସେବା ସମିତିର କାର୍ଯ୍ୟ କାରି କମିଟି ସଦସ୍ୟ ସିଦ୍ଧାର୍ଥ ରାୟ ଅନୁରୋଧ ଜଣାଇ ଛନ୍ତି।

# ସ୍ୱାତୀ ଅନୁଷ୍ଠାନ ପକ୍ଷରୁ ୮୭ ତମ ଉତ୍କଳ ଦିବସ ପାଳନ ଓ ଅନନ୍ୟ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା

କନ୍ଧମାଳ,୦୩/୦୪ (ନି.ପ୍ର): କନ୍ଧମାଳ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ "ସ୍ୱାତୀ" ପକ୍ଷରୁ ଅନୁଷ୍ଠାନର ଫୁଲବାଣୀ ସ୍ଥିତ କାର୍ଯ୍ୟାଳୟରେ ଉତ୍କଳ ଦିବସକୁ ଉତ୍ସାହର ସହିତ ପାଳିତ କରାଯାଇଛି । କାର୍ଯ୍ୟକ୍ରମରେ ଆୟୋଜିତ ଏକ ସଭାରେ ଅତିଥି ଭାବରେ ସଞ୍ଜିବ ମହାନ୍ତି(ଡି.ଡି.ଏମ୍. ନାବାର୍ଡ) ରାମଚନ୍ଦ୍ର ଦାଶ(ସଭ୍ୟ ସଂପାଦକ, ନିପିଡିତ୍), ବିଜୟ କୃଷ୍ଣ ପଟ୍ଟନାୟକ(ବରିଷ୍ଠ ଆଇନ୍‌ଜୀବି), ଅଧ୍ୟାପିକା ଜ୍ୟୋର୍ତିମୟୀ କହଁର, ବରିଷ୍ଠ ସାମ୍ବାଦିକ ସଦାଶିବ ପାତ୍ର, ପ୍ରଶାନ୍ତ କୁମାର ବେହେରା, ଆଦିତ୍ୟ ପ୍ରସାଦ ତ୍ରିପାଠୀ ଓ ଜୟସେନ ପରିଡା ପ୍ରମୁଖ ଯୋଗଦାନ କରିଥିଲେ । ଉତ୍କଳମଣୀ ଗୋବବନ୍ଧୁ ଦାଶଙ୍କ ଫୋଟ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସଭା ଆରମ୍ଭ କରାଯାଇଥିଲା ଏବଂ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା । ଓଡିଆ ଭାଷାର ପ୍ରଚାର ପ୍ରସାର ଓ ବିକାଶ କିପରି ହେବ ଓ ଓଡିଶାର ଏକତା ଓ ଅଖଣ୍ଡତା କିପରି ବଜାୟ ରହିପାରିବ ସେଥି ନିମନ୍ତେ ଅତିଥିମାନେ ନିଜ ବକ୍ତବ୍ୟରେ ନିଜର ମତ ରଖିଥିଲେ ଏବଂ ଅନ୍ୟମାନଙ୍କୁ ଉତ୍ସାହିତ କରିଥିଲେ । ବିଜୟ କୃଷ୍ଣ ପଟ୍ଟନାୟକ ବିଚ୍ଛିନ୍ନାଂଚଳରେ ବସବାସ କରୁଥିବା ଜନସାଧାରଣଙ୍କ ବଂଚିବାର ଶୈଳୀ ଓ ଅଧିକାର ସାବ୍ୟସ୍ତ କରିବାର ଉପୟକୁ ଉପସ୍ଥାପନା କରିଥିଲେ, ଥରୁଟିଏ ସେମାନଙ୍କ ପାଖରେ ପହଂଚି ପରଖିବା ପାଇଁ ଅନୁରୋଧ ରଖିଥିଲେ ଏବଂ ନିଜର ମାତୃଭାଷାକୁ କିଭଳି ଭାବରେ ବଂଚାଇ ହେବ ସେ ଉପରେ ମଧ ବକ୍ତବ୍ୟ ରଖିଥିଲେ । ଅଧ୍ୟାପିକା ଜ୍ୟୋର୍ତିମୟୀ କହଁର ଓଡିଆ ଭାଷା ପ୍ରତି ଆଜି ର ଯୁବପିଢି କିପରି ସଦା ଆଗ୍ରହ ରହିବେ ତାଙ୍କ ମନ୍ତବ୍ୟ ରେ ରଖିଥିଲେ । ରାମଚନ୍ଦ୍ର ଦାଶ ଉତ୍କଳ ଦିବସ ର ପ୍ରାସଙ୍ଗିକତା ଓ ମହାନତା କୁ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ । ଏହି ପରିପ୍ରେକ୍ଷୀରେ ବରିଷ୍ଠ ସାମ୍ବାଦିକ ଡଃ. ଅରୂପ କୁମାର ଜେନାଙ୍କୁ ତାଙ୍କର ଜିଲ୍ଲାପାଇଁ ଉତ୍ସର୍ଗିକୃତ ଦିର୍ଘ ୪୩ ବର୍ଷ ସେବାପାଇଁ ସମ୍ବର୍ଦ୍ଧିତ କରାଜାଇଥିଲା ଏବଂ ବରିଷ୍ଠ ସାମାଜିକ କର୍ମୀ ତଥା ସ୍ୱାତୀ ଅନୁଷ୍ଠାନର କୋଷାଧକ୍ଷ ସାନ୍ତନୁ କୁମାର ମିଶ୍ରଙ୍କୁ ମଧ୍ୟ ୮୭ ତମ ଉତ୍କଳ ଦିବସ ରେ ସମ୍ମାନୀତ କରାଯାଇଥିଲା । ଏହିସମାରୋହରେ ସ୍ୱାତୀ ଅନୁଷ୍ଠାନର ଅଧକ୍ଷ ପ୍ରଶାନ୍ତ କୁମାର ଶତପଥୀ, ସଂପାଦକ ଇଂ. ହରିଶଙ୍କର ରାଉତ, ପ୍ରଦୀପ କୁମାର ସ୍ୱାଇଁ, ବିଶ୍ୱରଞ୍ଜନ କର, ବୈଦ୍ୟନାଥ ଖଟୁଆ ଏବଂ ସମସ୍ତ କର୍ମଚାରୀ ଗଣ ଉପସ୍ଥିତ ରହି ସଭାକୁ ସଫଳ କରିଥିଲେ ।

# କୋଦଳା ଏନଏସି ପକ୍ଷରୁ ସଫେଇ କର୍ମଚାରୀଙ୍କୁ ପୁରସ୍କାର ବିତରଣ

ଗଞ୍ଜାମ,୦୩/୦୪ (ନି.ପ୍ର): ପବିତ୍ର ଉତ୍କଳ ଦିବସ ଅବସରରେ କୋଦଳା ଏନଏସି ଠାରେ ଉତ୍କଳ ଦିବସ ପାଳିତ ହୋଇଯାଇଛି । ଏନଏସିର ନୂତନ ଅଧକ୍ଷ ସୂର୍ଯ୍ୟ ନାରାୟଣ ନାୟକ, କାର୍ଯ୍ୟନିର୍ବାହୀ ଅଧିକାରୀ ସୁଜିତ କୁମାର ଚୌଧୁରୀ ଏବଂ ସମସ୍ତ କାଉନସିଲର ମାନଙ୍କ ଉପସ୍ଥିତିରେ ପ୍ରଥମେ ଖରୁଡ଼ା ସାହି ସ୍ଥିତ ଗାନ୍ଧୀ ମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହା ପରେ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଫଳ ବଂଟନ ଏବଂ ପରେ ଆହାର କେନ୍ଦ୍ରକୁ ଯାଇ ଆହାର ବିତରଣକୁ ତଦାରଖ କରିଥିଲେ।

ସାରା ରାଜ୍ୟରେ ବେଶ୍ ଧୁମଧାମରେ ଉତ୍କଳ ଦିବସ ପାଳନ କରାଯାଇଥିବା ବେଳେ କୋଦଳା ସ୍ଥିତ କଲ୍ୟାଣ ମଣ୍ଡପରେ ସଫେଇ କର୍ମଚାରୀଙ୍କ ପ୍ରତିଯୋଗିତା ମାଧ୍ୟମରେ ପୁରସ୍କାର ବିତରଣ କରାଯାଇଥିଲା । ସ୍ୱଚ୍ଛତାକୁ ନେଇ ଉତମ ପାରଦର୍ଶିତା ଲାଭ କରିଥିବା କର୍ମଚାରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ନୂତନ ଅଧକ୍ଷ ସୂର୍ଯ୍ୟ ନାରାୟଣ ନାୟକ ଅନେକ କୁନି କୁନି ଛାତ୍ରଛାତ୍ରୀଙ୍କୁ ମଧ୍ୟ ପୁରସ୍କୃତ କରିଥିଲେ । କାର୍ଯ୍ୟକ୍ରମରେ ଅଧକ୍ଷଙ୍କ ସମେତ ବିଭିନ୍ନ ୱାର୍ଡର କାଉନସିଲର ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ଉତ୍କଳ ସମ୍ମିଳନୀ ପକ୍ଷରୁ ଭାଷା ଓ ରାଜ୍ୟ ସୀମା ସୁରକ୍ଷା ନେଇ ଆଲୋଚନା

ବ୍ରହ୍ମପୁର,୦୩/୦୪ (ନି.ପ୍ର): ୮୭ ତମ ଉତ୍କଳ ଦିବସ ସମାରୋହ ପାଳନ ଅବସରରେ ଉତ୍କଳ ସମ୍ମିଳନୀ ତରଫରୁ ଏକ ଆଲୋଚନା ସଭା ସ୍ଥାନୀୟ ଉତ୍କଳ ଆଶ୍ରମ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀର ସଭାପତି ଡ଼ଃ. ସୁବ୍ରତ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନା ସଭାରେ ମୁଖ୍ୟ ଅତିଥି ଭାବରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ମହାବିଦ୍ୟାଳୟ ସମୁହ ଉନ୍ନୟନ କମିଟିର ଅବସରପ୍ରାପ୍ତ ପ୍ରାକ୍ତନ ଅଧକ୍ଷ ରାଜନୀତି ବିଜ୍ଞାନ ବିଶାରଦ ପ୍ରଫେସର ଡକ୍ଟର ବିଷ୍ଣୁ ଚରଣ ଚୌଧୁରୀ, ସମ୍ମାନିତ ଅତିଥି ଭାବେ ଅବସର ପ୍ରାପ୍ତ ଅଧକ୍ଷ ସାହିତ୍ୟିକ ଶିକ୍ଷାବିତ ଡକ୍ଟର ବନମାଳୀ ପାଣିଗ୍ରାହୀ ଏବଂ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ ମଂଚାସୀନ ହୋଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଗ୍ରହରେ ମାଲ୍ୟାର୍ପଣ କରି ସଭା ଉଦ୍ଘାଟନ କରିଥିଲେ। ପ୍ରାରମ୍ଭରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ଆଲୋଚନା ପ୍ରସଙ୍ଗରେ ଉତ୍କଳ ସମ୍ମିଳନୀ ଏବଂ ସ୍ୱତନ୍ତ୍ର ପ୍ରଦେଶ ଗଠନରେ ଗଞ୍ଜାମ ଜିଲ୍ଲାର ଅବଦାନ ଅତୁଳନୀୟ ଏବଂ ଏହା ପ୍ରଦେଶ ଗଠନର ଆଦିଭୂମି ବା ଏନ୍ତୁଡ଼ିଶାଳ, ତେଣୁ ଉତ୍କଳ ଗୌରବ ମଧୁସୂଦନ ଦାସ, ମହାରାଜା ହରିହର ମର୍ଦ୍ଦରାଜଙ୍କ ସହାୟତାରେ ରମ୍ଭା ରାଜ ପ୍ରାସାଦରେ ଏହାର ପ୍ରାରମ୍ଭିକ ସଭା କରାଇଥିଲେ । ପରବର୍ତୀ ସମୟରେ ପ୍ରାତଃ ସ୍ମରଣୀୟ ଉତ୍କଳ ମଣି ଗୋପବନ୍ଧୁ ଦାସ, ଶଶିଭୂଷଣ ରଥ, ସାର୍ ପର୍ଶୁରାମ ପାତ୍ର, ମହାରାଜା କୃଷ୍ଣ ଗଜପତି, ଶ୍ୟାମ ସୁନ୍ଦର ରାଜଗୁରୁ ପ୍ରଭୃତିଙ୍କ ସମେତ ଅନ୍ୟ ନେତୃବର୍ଗଙ୍କ ସ୍ୱାର୍ଥ ତ୍ୟାଗ ଅକ୍ଳାନ୍ତ ପରିଶ୍ରମ ଯୋଗୁଁ ଏହା ସମ୍ଭବ ହୋଇପାରିଲା। ତେଣୁ ଓଡ଼ିଆ ଜାତି ସେମାନଙ୍କ ନିକଟରେ ଚିର କୃତଜ୍ଞ ବୋଲି ମୁଖ୍ୟ ଅତିଥି ପ୍ରଫେସର ଚୌଧୁରୀ ମତବ୍ୟକ୍ତ କରିଥିଲେ। ଆମ ଓଡିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ପ୍ରାପ୍ତି ସହ ରାଜ୍ୟ ସରକାର ଭାଷା ଆଇନ ପ୍ରଚଳନ କଲେ ମଧ ଏହାର ବ୍ୟବହାରରେ ଅବହେଳା ପ୍ରଦର୍ଶନ କରାଯାଉଥିବାରୁ ଉଦବେଗ ପ୍ରକାଶ ପାଇଥିଲା ଏବଂ ଏହାର ସମାଧାନ ପାଇଁ ସରକାରୀ ସ୍ତରରେ ଏବଂ ସମସ୍ତ ଓଡ଼ିଆ ଭାଷାଭାଷୀ ଜନସାଧାରଣ ମଧ ଏହାର ବହୁଳ ବ୍ୟବହାର କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା। ସୀମା ସୁରକ୍ଷାରେ ଦିନକୁ ଦିନ ବିବାଦୀୟ ପରିସ୍ଥିତି ସୃଷ୍ଟି ହେଉଥିବା ଯୋଗୁଁ ସୀମାବର୍ତୀ ଅଂଚଳ ବିଶେଷ କରି ଆନ୍ଧ୍ର ଉପାନ୍ତ ଅଂଚଳରେ ବାରମ୍ବାର ଅନୁପ୍ରବେଶ ଯୋଗୁଁ ବିବାଦୀୟ ସମସ୍ୟା ଦେଖାଦେଉଛି । ତେଣୁ ରାଜ୍ୟ ସରକାର ଏଥି ପ୍ରତି ଦୃଢ଼ ପଦକ୍ଷେପ ଗ୍ରହଣ କରିବା ଦରକାର ବୋଲି ଆଲୋଚକ ମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଗତ ୨୬ ମାର୍ଚ୍ଚରେ ମେଘାଳୟ ଠାରେ ଅନୁଷ୍ଠିତ ଆନ୍ତର୍ଜାତିୟ ଆଲୋଚନା ସଭା ସର୍ବଭାରତୀୟ ରାଜନୀତି ବିଜ୍ଞାନ ସମାବେଶରେ ପ୍ରଫେସର ଡକ୍ଟର ବିଷ୍ଣୁ ଚରଣ ଚୌଧୁରୀଙ୍କ ଜୀବନ ବ୍ୟାପି ସାଧନା ନିମନ୍ତେ ସର୍ବଭାରତୀୟ ରାଜନୀତି ବିଜ୍ଞାନୀ ସମ୍ମାନରେ ସମ୍ମାନିତ କରାଯାଇଥିବାରୁ ସମ୍ମିଳନୀ ତରଫରୁ ତାଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ଅମୃତିଆ ସରସ୍ୱତୀ ଶିଶୁ ମନ୍ଦିରରେ ବିଦ୍ୟାରମ୍ଭ ଯଜ୍ଞ

କୋରେଇ,୦୩/୦୪ (ନି.ପ୍ର): କରୋନାର କରାଳ ସ୍ରୋତରେ ପ୍ରତ୍ୟେକ କ୍ଷେତ୍ର ପ୍ରଭାବିତ ହୋଇଥିବା ବେଳେ ଶିକ୍ଷା କ୍ଷେତ୍ର ଅଧିକ ମାତ୍ରାରେ ପ୍ରଭାବିତ ହୋଇଛି । କରୋନାର ପ୍ରଭାବ କମିବା ସଙ୍ଗେ ସଙ୍ଗେ ପ୍ରତ୍ୟେକ ବିଦ୍ୟାଳୟ ପୂର୍ନ୍ନବାର ଖୋଲିବା ପାଇଁ ପ୍ରୟାସ ଜାରି ରଖିଥିବା ବେଳେ ଅମୃତିଆ ସରସ୍ୱତୀ ଶିଶୁ ମନ୍ଦିର ମଧ୍ୟ ତାର ନୂତନ ବର୍ଷର ବିଦ୍ୟାରମ୍ଭ ଯଜ୍ଞ ସମସ୍ତ ବିଧି ଅନୁଯାୟୀ ଅନୁଷ୍ଠିତ ହୋଇଛି । ଶତାଧିକ ଅଭିଭାବକ/ଅଭିଭାବିକା, ଛାତ୍ର/ଛାତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ସକାଳେ ପୂଜକଙ୍କ ଦ୍ୱାରା ଯଜ୍ଞ କାର୍ଯ୍ୟ ସମ୍ପାଦନା ପରେ ଅନୁଷ୍ଠାନର ପ୍ରାଣ ପ୍ରତିଷ୍ଠାତା ନଟବର ମହାପାତ୍ରଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ଦର୍ଶନଭିଲାଷୀ କବିନ୍ଦ୍ର ମହାରାଜ, ସଙ୍କୁଳ ପ୍ରମୁଖ ଅଶୋକ ସତପଥି, ବରିଷ୍ଠ ସମ୍ବାଦିକ ସୁବାସ ଧଳ, ସମାଜସେବୀ ନବଘନ ଦାସ, କମିଟିର ଉପଦେଷ୍ଟା ଗୌରାଙ୍ଗ ମହାପତ୍ର ଓ ନଦୀ ନନା ପ୍ରମୁଖ ଅତିଥିଭାବେ ଯୋଗଦେଇ ସରସ୍ୱତୀ ଶୁଶୁ ମନ୍ଦରର ବୌଦ୍ଧିକ ବିକାଶ ଓ ସଂସ୍କାର ସର୍ମ୍ପକରେ ଅବଗତ କରିଥିଲେ । ଏହି ସଭାକୁ ପୂର୍ଣ୍ଣ କରିବା ପାଇଁ ଆଖ ପାଖ ଗ୍ରାମର ବିଦ୍ୱାନ ବ୍ୟକ୍ତି ଯୋଗଦାନ କରିଥିଲେ । ନୂତନ କମିଟି ଉପସ୍ଥିତିରେ କିଭଳି ଭାବେ ଆଗାମୀ ଦିନରେ ଏହି ଅନୁଷ୍ଠାନ ଦୀର୍ଘାୟୁ ହେବା ସହ ପିଲାମାନଙ୍କୁ ସଠିକ ବିଦ୍ୟା ଦେଇ ହେବ ସେ ବିଷୟରେ ଆଲୋଚନା କରାଯାଇଥିଲା । ନୂତନ ଶିକ୍ଷା ବର୍ଷ ଆରମ୍ଭରେ କରୋନାକୁ ଲକ୍ଷ୍ୟ କରାଯାଇ ଛାତ୍ର/ଛାତ୍ରୀ ମାଦଙ୍କ ପାଇଁ ଦେୟ ମୁକ୍ତ ନାମ ଲେଖା ଜାରି ରହିବ ବୋଲି ସମ୍ପାଦକ ଅରୁଣ ମହାପତ୍ର ସୂଚନା ଦେଇଥିଲେ । ଶିଶୁ ମନ୍ଦିରର ସମସ୍ତ ଗୁରୁଜୀ/ ଗୁରୁମା, କର୍ମଚାରୀ ଏହି ସଭା ପରିଚାଳନାରେ ସହଯୋଗ କରିଥିଲେ।

# କଙ୍କାଳ ଫୁଲ



ଏପ୍ରିଲ୍-ମେ ମାସରେ ଜାପାନର ଶୀତଳ ପାହାଡ଼ିଆ ଇଲାକାରେ ଏକ ପ୍ରଜାତିର ଜଙ୍ଗଲୀ ଫୁଲ ଫୁଟେ। ଫୁଲର ରଙ୍ଗ ଧଳା। ହଠାତ୍ ଦେଖିଲେ, ସେ ଭଳି କୌଣସି ବିଶେଷତ୍ୱ ଆଖିରେ ପଡ଼େନାହିଁ। ତେବେ, ଏହାର ମୁଖ୍ୟ ବିଶେଷତ୍ୱ ହେଉଛି, ଜଳ ସସ୍ପର୍ଶରେ ଆସିଲେ, ଏହା ରଙ୍ଗ ହରାଏ। ଏହାର ପ୍ରାକୃତିକ ଧଳା ରଙ୍ଗ ଚାଲିଯାଏ ଏବଂ ଅର୍ଦ୍ଧ-ସ୍ୱଚ୍ଛ ଦିଶେ। ବର୍ଷା ପଡ଼ିଲେ ରଙ୍ଗ ହରାଉଥିବା ଏହି ଫୁଲର ନାମ 'କଙ୍କାଳ ଫୁଲ'। କାରଣ, ରଙ୍ଗ ହରାଇବା ପରେ କେବଳ ଏହାର ପାଖୁଡ଼ାରେ ଥିବା ଶିରାଗୁଡ଼ିକ ଦିଶିଥାଏ। ବର୍ଷା ବନ୍ଦ ହୋଇଯିବା ପରେ, ପବନ ବାଜି ଶୁଖିଗଲେ, ମୂଳ ଧଳା ରଙ୍ଗ ଫେରିପାଏ। ରଂଜକ ସହ ଏହି ପରିବର୍ତ୍ତନର କୌଣସି ସମ୍ପର୍କ ନାହିଁ। କୋଷଗୁଡ଼ିକ ମଧ୍ୟରେ ଅଧିକ ବ୍ୟବଧାନ, ଏହାର କାରଣ ବୋଲି ଉଦ୍ଭିଦ ବିଜ୍ଞାନୀଙ୍କ ମତ।

# ପ୍ରାକୃତିକ ଉପାୟରେ କଳା ଓ ଶୁଷ୍କ ଓଠକୁ କୁହନ୍ତୁ ବାଏ ବାଏ

ସୁନ୍ଦର ଦେଖାଯିବାକୁ ସମସ୍ତେ ପସନ୍ଦ କରନ୍ତି। ଆଉ ସୌନ୍ଦର୍ଯ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥାଏ ଗୋଲାପି ଓଠ। କିନ୍ତୁ ଯଦି ଆପଣଙ୍କ ଓଠ କଳା ପଡ଼ିଯାଉଛି, ତା'ହେଲେ ଏହା ଆପଣଙ୍କ ଚାନ୍ଦପରି ସୁନ୍ଦର ମୁହଁରେ ଗ୍ରହଣ ଭଳି ଲାଗେ। ବିଶେଷ କରି ଶୀତ ଦିନରେ ଲୋକଙ୍କର ଓଠ ଶୁଖିଲା ଓ କଳା ପଡ଼ିଯାଏ। ତେବେ ଚିନ୍ତା କରିବାର କିଛି ନାହିଁ। ଆମେ କିଛି ଘରୋଇ ଉପଚାର ବିଷୟରେ କହିବୁ, ଯାହା ମାଧ୍ୟମରେ ଆପଣ ଓଠର ପ୍ରାକୃତିକ ଚମକ ଫେରାଇ ଆଣିପାରିବେ।

★ **ଆଲୋଭେରା :**
ଆଲୋଭେରା ଆପଣଙ୍କ ଓଠକୁ ପୂର୍ବାବସ୍ଥାକୁ ଫେରାଇ ଆଣିବାରେ ବେଶ୍ ସହାୟକ ହୋଇଥାଏ। କାରଣ ଏଥିରେ ଭିଟାମିନ୍, ମିନେରାଲ୍ସ, ଆଣ୍ଟି ଅକ୍ସିଡାଣ୍ଟ୍ ଓ ଆଣ୍ଟି ଇନ୍‌ଫ୍ଲାମେଟୋରି ତତ୍ତ୍ୱ ଭରପୂର ପରିମାଣରେ ରହିଛି। ତେଣୁ ଏହାକୁ ଓଠରେ ଲଗାନ୍ତୁ।

★ **ନଡ଼ିଆ ତେଲ :** ଶୋଇବା ପୂର୍ବରୁ ବୁନ୍ଦେ ନଡ଼ିଆ ତେଲ ନେଇ ଓଠରେ ଲଗାନ୍ତୁ। କିଛି ଦିନ ଏମିତି କରିବା ଦ୍ୱାରା ଦେଖିବେ ଆପଣଙ୍କ ଓଠର ରଙ୍ଗ ଗୋଲାପି ହୋଇଯିବ।

★ **ମହୁ :** ମହୁରେ ପ୍ରଚୁର ପରିମାଣରେ ମଶ୍ଚରାଇଜର ରହିଛି। ଏହାବ୍ୟତୀତ ଏଥିରେ ଆଣ୍ଟି ଅକ୍ସିଡାଣ୍ଟ ଓ ଆଣ୍ଟି ବ୍ୟାକ୍ଟେରିଆଲ୍ ତତ୍ତ୍ୱ ରହିଛି, ଯାହା ଓଠକୁ ଇନ୍‌ଫେକ୍ସନ୍‌ରୁ ରକ୍ଷା କରିବା ସହ ଏହାକୁ ଶୁଖିଲା ହେବାକୁ କିମ୍ବା



କଳା ପଡ଼ିବାକୁ ଦିଏ ନାହିଁ। ତେଣୁ ପ୍ରତିଦିନ ଓଠରେ ମହୁ ଲଗାନ୍ତୁ।

★ **କାକୁଡ଼ି :** ଏଥିରେ ମଧ୍ୟ ଅନେକ ଭିଟାମିନ୍ ଓ ମିନେରାଲ୍ସ ରହିଛି, ଯାହ ଆପଣଙ୍କ ଓଠକୁ କଳା ହେବରୁ ରକ୍ଷା କରିବ ଓ ଗୋଲାପି କରିବାରେ ସାହାଯ୍ୟ କରିବ। ତା' ସହିତ ଏହା ଓଠରୁ ଶୁଷ୍କପଣ ଦୂର କରିବ।

★ **ଗ୍ରୀନ୍ ଟି :** ଏଥିରେ ମଧ୍ୟ ଆଣ୍ଟି ଅକ୍ସିଡାଣ୍ଟ ଓ ମିନେରାଲ୍ସ ଭରପୂର ମାତ୍ରାରେ ରହିଛି। ଏଥିରେ ଥିବା ପଲିଫେନଲ୍ସ ଇନ୍‌ଫେକ୍ସନ୍‌କୁ ଦୂର କରିଥାଏ। ଉଷୁମ ପାଣିରେ ଏକ ଗ୍ରୀନ୍ ଟି ବ୍ୟାଗ୍ ବୁଡ଼ାଇ ଏହାକୁ ଓଠରେ ଧୀରେ ଧୀରେ ଘଷନ୍ତୁ। ଏହା ଦ୍ୱାରା ଓଠ ଶୁଷ୍କ ରହିବ ନାହିଁ ଏବଂ ସବୁବେଳେ ଚମକ ବଜାୟ ରହିବ ଓ ଗୋଲାପି ଦେଖାଯିବ।

**କିଛି ଘରୋଇ ସ୍କ୍ରବ୍? ମଧ୍ୟ ବ୍ୟବହାର କରିପାରିବେ**

★ କ୍ଷୀର ଓ ହଳଦୀକୁ ଗୋଳାଇ ଓଠରେ ଲଗାନ୍ତୁ। ଏହାକୁ ୨ରୁ ୩ ମିନିଟ୍ ଶୁଖିବାକୁ ଛାଡ଼ିଦିଅନ୍ତୁ। ଶୁଖିଗଲା ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ଧୋଇ ସାରିବା ପରେ ଏକ ଭଲ ଲିପ୍‌ବାମ୍ ଲଗାଇବାକୁ ଭୁଲିବେ ନାହିଁ।

★ ଚିନିରେ କିଛି ଲେମ୍ବୁ ରସ ମିଶାଇ ସ୍କ୍ରବ୍ ପ୍ରସ୍ତୁତ କରନ୍ତୁ। ଏହାକୁ ହାଲକା ଭାବେ ଓଠରେ ଘଷନ୍ତୁ। ସପ୍ତାହରେ ଏଭଳି ଦୁଇ ଥର କରନ୍ତୁ। ଦେଖିବେ ଆପଣଙ୍କ ଓଠ ଧୀରେ ଧୀରେ ଗୋଲାପି ଦିଶିବ।

★ କିଛି ଗୋଲାପ ପାଖୁଡ଼ାକୁ ପାଣିରେ ରାତିସାରା ବତୁରାଇ ରଖନ୍ତୁ। ପରଦିନ ସକାଳେ ଏହି ପାଖୁଡ଼ା ଗୁଡ଼ିକୁ କିଛି କ୍ଷୀର ଦେଇ ଗ୍ରାଇଣ୍ଡିଂ କରିଦିଅନ୍ତୁ। ବର୍ତ୍ତମାନ ଏହି ରୋଜ୍ ପ୍ୟାକ୍‌କୁ ଓଠରେ ଲଗାନ୍ତୁ। ଆପଣ ଯଦି ଏହି ପ୍ୟାକ୍‌କୁ ଓଠରେ ଲଗାଇ ରାତିସାରା ଛାଡ଼ିଦେବେ, ତା'ହେଲେ ଏହା ଅଧିକ କାମ ଦେବ।

# ଘରେ ପ୍ରସ୍ତୁତ କରନ୍ତୁ ବାମ୍ବୋ ଚିକେନ୍ ରାଇସ୍

**ଆବଶ୍ୟକ ସାମଗ୍ରୀ :** ବାଉଁଶ ଖଣ୍ଡ, ଆଲମୁନିୟମ ପେପର ଫଏଲ୍, ଚିକେନ୍, ଅରୁଆ ଚାଉଳ, ପିଆଜ, ଅଦା,ରସୁଣ, ଲୁଣ, ହଳଦୀ ଗୁଣ୍ଡ ଓ ଲଙ୍କା ଗୁଣ୍ଡ, ତେଜପତ୍ର, ଗୁଜୁରାତି, ଲବଙ୍ଗ, ଗୋଲମରିଚ, ଅଳେଇଚ, ଗରମ ମସଲା ଓ ରିଫାଇନ ତେଲ, ଅଟା।

**ପ୍ରସ୍ତୁତି ପ୍ରଣାଳୀ :** ପ୍ରଥମେ ବାଉଁଶ ଖଣ୍ଡକୁ ଭଲ ଭାବେ ଧୋଇ ଆଲମୁନିୟମ ପେପର ଫଏଲ୍‌ରେ ଗୁଡ଼ାଇ ଦିଅନ୍ତୁ। ଚିକେନ୍‌ରେ ଲୁଣହଳଦୀ ପକାଇ ମ୍ୟାରିନେଟ୍ କରି ରଖିବା ସହ ଅରୁଆ ଚାଉଳକୁ ପାଣିରେ ଭିଜାଇ ଦିଅନ୍ତୁ। ଚାଉଳକୁ ଛାଣି ମ୍ୟାରିନେଟ୍ ଚିକେନ୍, କଟା ପିଆଜ, ଅଦାରସୁଣ ବଟା, ଲୁଣ, ହଳଦୀ ଗୁଣ୍ଡ ଓ ଲଙ୍କା ଗୁଣ୍ଡ ପକେଇ ଗୋଳାନ୍ତୁ। ତା' ପରେ ସେଥିରେ ପିଆଜ ଭଜା, ତେଜପତ୍ର, ଗୁଜୁରାତି, ଲବଙ୍ଗ, ଗୋଲମରିଚ, ଅଳେଇଚ ପକାନ୍ତୁ। ଗରମ ମସଲା ଓ ରିଫାଇନ ତେଲ ପକାଇ ଭଲ ଭାବେ ମିଶାନ୍ତୁ। ପ୍ରଥମେ ବାଉଁଶ ନଳି ଭିତରେ ଭଲ ଭାବେ ରିଫାଇନ ତେଲ ମାରି ମସଲା ଗୋଳା ଅରୁଆ ଚାଉଳ ଚିକେନ୍‌କୁ



ପୂରାନ୍ତୁ। ବାଉଁଶ ନଳି ମୁହଁକୁ ଅଟା ଚକଟାରେ ସିଲ୍ କରି ରଢ଼ ନିଆଁରେ ରଖନ୍ତୁ। ପ୍ରାୟ ୩୦ ମିନିଟ୍‌ରେ ଏହା ପ୍ରସ୍ତୁତ ହୋଇଯିବ। ଏବେ ଗରମାଗରମ ବାମ୍ବୋ ଚିକେନ୍ ରାଇସ୍ ପରଷନ୍ତୁ।

# ପାଦରେ କାହିଁକି ସୁନା ପିନ୍ଧିବା ମନା ?

ହିନ୍ଦୁ ଧର୍ମ ଶାସ୍ତ୍ର ଅନୁସାରେ, ସୁନା ଭାଗବାନ ବିଷ୍ଣୁଙ୍କର ବହୁତ ପ୍ରିୟ। କୁହାଯାଏ, ଭକ୍ତ ସୁନା ଗହଣା ଧାରଣ କରିବା ଦ୍ୱାରା ଭଗବାନ ବିଷ୍ଣୁ ପ୍ରସନ୍ନ ହୋଇଥା'ନ୍ତି। କିନ୍ତୁ ବିଧି ଅନୁଯାୟୀ, ସୁନା ଗହଣା ଶରୀରର ନାଭି ତଳକୁ ଧାରଣ କରିବା ଉଚିତ୍ ? ନୁହେଁ। ଏମିତି କଲେ ଭଗବାନ ବିଷ୍ଣୁ ଅପମାନିତ ହୁଅନ୍ତି ବୋଲି ବିଶ୍ୱାସ ରହିଛି। ଏ ସମ୍ପର୍କରେ ଆଉ ଏକ ବିଶ୍ୱାସ ବି ରହିଛି। ହଳଦିଆ ରଙ୍ଗ ମା' ଲକ୍ଷ୍ମୀଙ୍କର ଖୁବ୍ ପ୍ରିୟ। ସୁନାର ରଙ୍ଗ ହଳଦିଆ ହୋଇଥିବାରୁ ଏହା ମଧ୍ୟ ମା' ଲକ୍ଷ୍ମୀଙ୍କର ପ୍ରିୟ। ପୁଣି ଧନଦାତ୍ରୀ ମା'



ଲକ୍ଷ୍ମୀଙ୍କ କୃପାରୁ ମଣିଷ ଜୀବନରେ ଧନ ପ୍ରାପ୍ତି ହେଉଥିବାର ବିଶ୍ୱାସ ରହିଛି। ତେଣୁ ମା' ଲକ୍ଷ୍ମୀଙ୍କ ସମ୍ମାନାର୍ଥେ ସୁନା ଗହଣା ନାଭି ତଳକୁ ବା ପାଦରେ ପିନ୍ଧିବା କଥା ନୁହେଁ। ଏହା ସହ ଏପରି ବି କୁହାଯାଏ, ପାଦରେ ଚାନ୍ଦିର ଗହଣା ପିନ୍ଧିବା ଭଲ। ଏହା ଶୁଭ ହୋଇଥାଏ। ତା' ସହିତ ଶରୀରକୁ ଶୀତଳତା ପ୍ରଦାନ କରିଥାଏ।

# ରାଉରକେଲାର ଦର୍ଶନୀୟ ସ୍ଥାନ

ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ଇସ୍ପାତ ନଗରୀ ରାଉରକେଲା। ରାଉରକେଲାରେ ରହିଛି ଷ୍ଟିଲ୍ ପ୍ଲାଣ୍ଟ, ଅନେକ ଶିକ୍ଷାନୁଷ୍ଠାନ ଓ ଦେବାଳୟ। ପୁଣି ସହରରେ ରହିଛି କେତୋଟି ଛୋଟ ବଡ଼ ପାର୍କ। ଷ୍ଟିଲ୍ ପ୍ଲାଣ୍ଟ ପାଇଁ ଆଜି ଏହି ସହରରେ ବେଶ୍ ପରିଚିତ। ରାଉରକେଲାକୁ ଇସ୍ପାତ ନଗରୀ ବା ଷ୍ଟିଲ ସିଟି କୁହାଯାଏ। ଏଠାରେ ଇସ୍ପାତ କାରଖାନା ଗଢ଼ି ଉଠିଥିବାରୁ ଦେଶର ବିଭିନ୍ନ କୋଣ ଅନୁକୋଣରୁ ଲୋକେ ଆସି ଏହି ସହରରେ ବସବାସ କରୁଛନ୍ତି। ତେଣୁ ରାଉରକେଲାକୁ ମିନି ଇଣ୍ଡିଆ ମଧ୍ୟ କୁହାଯାଏ। ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ରାଉରକେଲାରେ ସ୍ଥାନ ସ୍ୱତନ୍ତ୍ର। ରାଉରକେଲା ସହର ସମେତ ଏହାର ଆଖପାଖରେ ବହୁ ପର୍ଯ୍ୟଟନ ପୀଠ ରହିଛି। ତେଣୁ ପ୍ରତିଦିନ ଏହି ସହରରେ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଦର୍ଶନ ପାଇଁ ଶହଶହ ସଂଖ୍ୟାରେ ପର୍ଯ୍ୟଟକଙ୍କ ଭିଡ଼ ଜମେ।



### ହନୁମାନ ବାଟିକା :

ରାଉରକେଲାର ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଭାବରେ ପରିଚିତ ହନୁମାନ ବାଟିକା। ଏଠାରେ ଥିବା ୭୫ ଫୁଟ୍ ଉଚ୍ଚର ହନୁମାନ ମୂର୍ତ୍ତି ଅନନ୍ୟ ଆକର୍ଷଣ। ଏହା ହେଉଛି ଏସିଆର ସବୁଠାରୁ ବଡ଼ ହନୁମାନ ମୂର୍ତ୍ତି। ଯାହାକୁ ଦେଖିବାକୁ ବହୁ ଦୂରଦୂରାନ୍ତରୁ ପର୍ଯ୍ୟଟକମାନେ ଧାଇଁ ଆସିଥାନ୍ତି ଷ୍ଟିଲ୍ ? ସିଟି ରାଉରକେଲାକୁ। ହନୁମାନ ବାଟିକାରେ ଥିବା ଏହି ବିରଳ ହନୁମାନକୁ ମୂର୍ତ୍ତିକୁ ଲକ୍ଷ୍ମଣ ସ୍ୱାମୀ ନିର୍ମାଣ କରିଥିଲେ। ହନୁମାନ ବାଟିକାର ବିରଳ ହନୁମାନ ମୂର୍ତ୍ତିକୁ ୧୯୯୪ ମସିହା ଫେବୃଆରୀ ୨୪ ତାରିଖରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକ ଉଦ୍ ?ଘାଟନ କରିଥିଲେ। ହନୁମାନ ବାଟିକାର ମନୋରମ ଶୋଭା ପର୍ଯ୍ୟଟକଙ୍କୁ ଆକର୍ଷିତ କରେ। ହନୁମାନ ବାଟିକା ପରିସରରେ ଆହୁରି ଅନେକ ଦେବଦେବୀ ପୂଜା ପାଆନ୍ତି। ଦେବୀ ମହାଲକ୍ଷ୍ମୀ, ଜଗନ୍ନାଥ, ରାଧାକୃଷ୍ଣ, ଭଗବାନ ସୋମନାଥ, ମା' ସନ୍ତୋଷୀ ଆଦି ଦେବଦେବୀ ନିତ୍ୟ ପୂଜା ପାଉଛନ୍ତି ହନୁମାନ ବାଟିକା ପରିସରରେ। ଦେବଦେବୀଙ୍କ ଦର୍ଶନ ସହିତ ଏହି ପରିବେଶରେ ଶୋଭା ଭକ୍ତ ଓ ପର୍ଯ୍ୟଟକଙ୍କୁ ମନ୍ତ୍ରମୁଗ୍ଧ କରେ।

### ଇନ୍ଦିରା ଗାନ୍ଧୀ ପାର୍କ :

ରାଉରକେଲାର ସହରର ମଧ୍ୟ ଭାଗରେ ଅବସ୍ଥିତ ସୌନ୍ଦର୍ଯ୍ୟମୟୀ ଇନ୍ଦିରା ଗାନ୍ଧୀ ପାର୍କ। ଅବସର ବିନୋଦନ ପାଇଁ ଏକ ଉତ୍କୃଷ୍ଟ ସ୍ଥାନ ହେଉଛି ଏହି ପାର୍କ। ସହରବାସୀ ତଥା ବାହାରୁ ଆସୁଥିବା ପର୍ଯ୍ୟଟକଙ୍କ ମନୋହରଣ କରିଥାଏ ଇନ୍ଦିରା ଗାନ୍ଧୀ ପାର୍କ। ବିଭିନ୍ନ କିସମର ଗଛ, ବହୁ ପ୍ରକାର ଫୁଲ, ଘାସଲତାରେ ପରିପୂର୍ଣ୍ଣ ଏହି ପାର୍କ। ରଙ୍ଗବେରଙ୍ଗ ଫୁଲ ଉପରେ ପ୍ରଜାପତି ବସିଥିବା ଦୃଶ୍ୟ ଅତ୍ୟନ୍ତ ଆରର୍ଷଣୀୟ। ପାର୍କ ଭିତରକୁ ପ୍ରବେଶ କଲେ ଲାଗେ ସତେ ଯେମିକି ପ୍ରକୃତିରାଣୀ ନିଜର ଅପରୂପ ସୌନ୍ଦର୍ଯ୍ୟରେ ସଜେଇ ହୋଇ ଓହ୍ଲେଇଛି ଇନ୍ଦିରା ଗାନ୍ଧୀ ପାର୍କକୁ। କୃତ୍ରିମ ହେଲେ ହେଁ ଏଠାକାର ପ୍ରାକୃତିକ ପରିବେଶ ଅତ୍ୟନ୍ତ ମନୋରମ। ପୁଣି ଉଜ୍ଜ୍ୱଳ ଆଲୋକମାଳାରେ ସୁସଜ୍ଜିତ ଏହି ପାର୍କ। ପ୍ରତିଦିନ ସନ୍ଧ୍ୟା ସମୟରେ ଏହି ପାର୍କରେ ପ୍ରବଳ ଭିଡ଼ ହୁଏ। ଦର୍ଶକଙ୍କୁ ଅଧିକ ଆକୃଷ୍ଟ କରିବା ପାଇଁ ଇନ୍ଦିରାଗାନ୍ଧୀ ପାର୍କ ଭିତରେ ମ୍ୟୁଜିକ୍ ଫାଉଣ୍ଟେନ୍‌ର ବ୍ୟବସ୍ଥା କରାଯାଇଛି। ଏହାର ଭରପୂର ମଜା ଉଠାନ୍ତି ଏଠାକୁ ବୁଲିବାକୁ ଆସୁଥିବା ପର୍ଯ୍ୟଟକମାନେ। ସେହିପରି ଛୋଟଛୋଟ ପିଲାମାନଙ୍କ ପାଇଁ ପାର୍କ ଭିତରେ ଦୋଳି, ଟ୍ରୟ ଟ୍ରେନ୍ ମଧ୍ୟ ରହିଛି। ତେଣୁ ଛୋଟଛୋଟ ପୁଅଝିଅ ପାର୍କରେ ପାଦଦେବା ମାତ୍ରେ ଆନନ୍ଦରେ ନାଚି ଉଠନ୍ତି। କେବଳ ଉଦ୍ୟାନର ପ୍ରାକୃତିକ ଶୋଭା ନୁହେଁ, ଏଠାରେ ରହିଛି ଏକ ଚିଡ଼ିଆଖାନା। ଏହି ଚିଡ଼ିଆଖାନାରେ ବାଘ, ଭାଲୁ, ହରିଣ,କୁଟୁରା, ସମ୍ବର, ମୟୂର ଆଦି ବିଭିନ୍ନ ପ୍ରଜାତିର ପଶୁପକ୍ଷୀ ରହିଛନ୍ତି। ପ୍ରତିଦିନ ପାର୍କ ଆସୁଥିବା ଶହଶହ ଦର୍ଶକଙ୍କ ପାଇଁ ମନୋରଞ୍ଜନର ଖୋରାକ୍ ଯୋଗାଇଥାଏ ଏହି ଚିଡ଼ିଆଖାନାଟି। ରାଉରକେଲାର ଇନ୍ଦିରା ଗାନ୍ଧୀ ପାର୍କର ଉଦ୍ୟାନ ହେଉ କି ଚିଡ଼ିଆଖାନା ଦର୍ଶକମାନଙ୍କ ମନକୁ ବେଶ୍ ଆକର୍ଷିତ କରିଥାଏ।




### ଜଗନ୍ନାଥ ମନ୍ଦିର୍ :



ରାଉରକେଲାର ସେକ୍ଟର -୩ରେ ରହିଛି ଜଗନ୍ନାଥ ମନ୍ଦିର। ବାଇଶି ପାହାଚ ବିଶିଷ୍ଟ ଏହି ମନ୍ଦିରରେ ଜଗନ୍ନାଥ ଭକ୍ତମାନଙ୍କୁ ଟାଣି ଆଣେ।୧୯୭୫ ମସିହାରେ ଏହି ମନ୍ଦିରଟି ନିର୍ମିତ ହୋଇଥିଲା। ମନ୍ଦିରରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ତିନି ଠାକୁର ଅତି ଭକ୍ତି ଓ ଶ୍ରଦ୍ଧାର ସହ ପୂଜା ପାଉଛନ୍ତି। ଏଠାରେ ବହୁ ଆଡ଼ମ୍ବର ସହକାରେ ରଥଯାତ୍ରା ପାଳିତ ହୁଏ।

ସୁନ୍ଦରଗଡ଼ ଜିଲ୍ଲା ତଥା ରାଉରକେଲାର ଆଖପାଖରେ ରହିଛି ଆହୁରି ଅନେକ ଦର୍ଶନୀୟ ସ୍ଥାନ। ରାଉରକେଲାର ମା' ଭଗବତୀ ମନ୍ଦିର, ବେଦବ୍ୟାସ, ବୀରମିତ୍ରପୁର ରାଣୀସତୀ ମନ୍ଦିର ପ୍ରମୁଖ ମନ୍ଦିର ରହିଛି। ଦେବଦେବୀଙ୍କ ପ୍ରତି ଭକ୍ତ ମନର ଭକ୍ତି ଭାବନା ଏହିସବୁ ଆଧ୍ୟାତ୍ମିକ ପୀଠଗୁଡ଼ିକୁ ଟାଣି ଆଣେ। ରାଉରକେଲାକୁ ବୁଲିବାକୁ ଆସୁଥିବା ବାହାର ପର୍ଯ୍ୟଟକମାନଙ୍କ ପାଇଁ ରହିବା, ଖାଇବା ପାଇଁ ସହରରେ ବହୁ ହୋଟେଲ, ସରକାରୀ ଗେଷ୍ଟ ହାଉସ୍ ରହିଛି। ପର୍ଯ୍ୟଟକମାନେ ରାଉରକେଲାରେ ରହି ସହର ତଥା ସହର ଆଖପାଖରେ ଥିବା ବିଭିନ୍ନ ପର୍ଯ୍ୟଟନ ସ୍ଥଳୀଗୁଡ଼ିକ ବୁଲି ଦେଖିପାରିବେ।

### ମା' ବୈଷ୍ଣୋଦେବୀ :

ପାହାଡ଼ ଉପରେ ଅବସ୍ଥିତ ମା' ବୈଷ୍ଣୋଦେବୀ ମନ୍ଦିର। ଅତ୍ୟନ୍ତ ସୁନ୍ଦର ପରିବେଶ ଭିତରେ ପୂଜା ପାଉଛନ୍ତି ମା' ବୈଷ୍ଣୋଦେବୀ। ୨୦୦୩ ମସିହାରେ ନିର୍ମିତ ହୋଇଛି ମା' ବୈଷ୍ଣୋଦେବୀଙ୍କ ଏହି ସୁଦୃଶ୍ୟ ମନ୍ଦିର। ବୈଷ୍ଣୋଦେବୀଙ୍କ ସହିତ ଏହି ମନ୍ଦିରରେ ମା' ସରସ୍ୱତୀ, ମା' କାଳୀ, ମା' ଲକ୍ଷ୍ମୀ ପୂଜା ପାଉଛନ୍ତି। ମନ୍ଦିର ପରିସରରେ ଥିବା ମା' ଦୁର୍ଗାଙ୍କ ମନ୍ଦିର ଏକ ପ୍ରମୁଖ ଆକର୍ଷଣ କେନ୍ଦ୍ର। ପ୍ରତିଦିନ ବୈଷ୍ଣୋଦେବୀଙ୍କ ମନ୍ଦିରରେ ଭକ୍ତଙ୍କ ପୂଜା ପାଇଁ ପ୍ରବଳ ଭିଡ଼ ଲାଗି ରୁହେ। ଦୁର୍ଗା ପୂଜା ସମୟରେ ମନ୍ଦିରରେ ଧୁମ୍‌ଧାମ୍‌ରେ ନବରାତ୍ର ପୂଜାର ଆୟୋଜନ ହୋଇଥାଏ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ବିଶ୍ୱ ସୃଙ୍ଖଳା...

ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ବେଶ୍ କିଛି ବର୍ଷ ଧରି ପ୍ରତିଷ୍ଠିତ ହୋଇ ଆସିଥିବା ବିଶ୍ୱ ଶୃଙ୍ଖଳାକୁ ଓଲଟପାଲଟ କରି ଦେଇଥିଲା ବେଳେ ଭାରତର ସ୍ଥାନ ଉଦାରବାଦୀ ଗଣତନ୍ତ୍ର ଓ ସତ୍ତାବାଦୀ ରୁଷିଆ ମଧ୍ୟରେ ଉଚାଲିଥିବା ପ୍ରାଚ୍ୟ-ପାଶ୍ଚାତ୍ୟ ଲଢ଼େଇର ମଧ୍ୟସ୍ଥଳରେ ରହିବା ଭଳି ହୋଇ ଯାଇଛି । ବର୍ତ୍ତମାନର ପରିସ୍ଥିତି ସବୁ ରାଷ୍ଟ୍ରଙ୍କ ନୀତି, ଆଦର୍ଶ ଓ ଦୃଷ୍ଟିକୋଣକୁ ଦୋହଲାଇ ଦେବା ଭଳି ହୋଇଥିଲେ ସୁଦ୍ଧା ଭାରତ ନିକଟରେ ଏବେ ବି ଏହାର ନେତୃତ୍ୱ ନେବାର ସାମର୍ଥ୍ୟକୁ ଅଧିକ ଗୁରୁତ୍ୱର ସହ ଗ୍ରହଣ କରି ପ୍ରତିପାଦିତ କରିବା ପାଇଁ ସୁଯୋଗଟିଏ । ରହିଛି । ଆଉ ଭାରତ ବିମଟେକ୍ (ବେ ଅଫ୍ ବେଙ୍ଗଲ ଇନିସିଏଟିଭ ଫର ମଲ୍ଟି-ସେକ୍ଟରାଲ ଟେକ୍ନିକାଲ ଆଣ୍ଡ ଇକୋନୋମିକ୍ କୋଅପରେସନ୍) ସଂଗଠନ ପାଇଁ ଦୃଢ଼ ଲକ୍ଷ୍ୟ ବହନ କରୁଥିବା ଏକ ସନନ୍ଦକୁ ଗ୍ରହଣ କରି ସକାରାତ୍ମକ ଭାବରେ ଏଥି ପ୍ରତି ନିଜର ପ୍ରତିକ୍ରିୟା ପ୍ରକାଶ କରିଛି । ଏହି ସନନ୍ଦ ବା ଘୋଷଣାପତ୍ର ଅନୁସାରେ ଭାରତକୁ ଦୀପପୁଞ୍ଜ ରାଷ୍ଟ୍ରମାନଙ୍କୁ ନେଇ ଗଠିତ ବା ବଙ୍ଗୋପସାଗର ଉପରେ ନିର୍ଭରଶୀଳ ଦେଶମାନଙ୍କର ସୁରକ୍ଷାକୁ ପରିଚାଳିତ କରିବା ନିମନ୍ତେ ଏକ ଯୋଜନା ପ୍ରସ୍ତୁତ କରିବା କ୍ଷେତ୍ରରେ ନେତୃତ୍ୱ ନେବାକୁ ପଡ଼ିବ । ଏହିସବୁ ରାଷ୍ଟ୍ରମାନଙ୍କ ମଧ୍ୟରେ ମିଆଁମାର ଏକ ପୃଥକୁ ରାଷ୍ଟ୍ର ଭାବରେ ରହିଛି, କାରଣ ଅନ୍ୟସବୁ ରାଷ୍ଟ୍ରରେ ମୁକ୍ତ ଓ ଅବାଧ ନିର୍ବାଚନ ପ୍ରକ୍ରିୟା ମାଧ୍ୟମରେ ଦୃଢ଼ ଗଣତାନ୍ତ୍ରିକ ଶାସନ ପ୍ରତିଷ୍ଠା ହୋଇଥିବା ବେଳେ ଏହି ରାଷ୍ଟ୍ର ସାମରିକ ଶକ୍ତି କୁନ୍ତା ଦ୍ୱାରା ଶାସିତ ହେଉଛି । ଦକ୍ଷିଣ ଏସୀୟ ରାଷ୍ଟ୍ରମାନଙ୍କର ଏହି ସମାବେଶ, ଯାହା ମୂଳତଃ ବିନା ପାକିସ୍ତାନରେ ସାର୍କ (ଏସ୍‌ଏଏଆରସି) ସଦୃଶ ଗୋଷ୍ଠୀ ଭଳି ପ୍ରତୀୟମାନ ହୁଏ, ତାହା ମଧ୍ୟ ପ୍ରତିଯୋଗିତାପୂର୍ଣ୍ଣ ଅଭିଳାଷଗୁଡ଼ିକର ବୋଝକୁ ବହନ କରୁନାହିଁ ଏବଂ ସେଥିପାଇଁ ଏହି ଗୋଷ୍ଠୀକୁ ଭାରତର ବିଦେଶ ନୀତି ସହିତ ଖାପ ଖୁଆଇବା ଭଳି ଏକ ଆଦର୍ଶ ଗୋଷ୍ଠୀ ଭାବରେ ଗ୍ରହଣ କରାଯାଉଛି । ୟୁକ୍ରେନ୍‌ରେ ଯୁଦ୍ଧ ଲାଗିବା ପରେ ବିଶ୍ୱରେ ଏକ ବିଭାଜନକାରୀ ଅବସ୍ଥା ସୃଷ୍ଟି ହୋଇଛି ଏବଂ ଏହାର ପରିସମାପ୍ତି ନିମନ୍ତେ ଏକ ନେତୃତ୍ୱର ଆବଶ୍ୟକତା ରହିଥିବା ବେଳେ ଭାରତ ଏହି ଶୂନ୍ୟସ୍ଥାନକୁ ପୂରଣ କରିବା ନିମନ୍ତେ କୁଣ୍ଠାଭାବ ପ୍ରକାଶ କରିବା ଉଚିତ ନୁହେଁ । ସମ୍ପ୍ରତି ପରିବର୍ତ୍ତିତ ପରିସ୍ଥିତିକୁ ନେଇ ବୁଝାମଣାରେ କିପରି ପରିବର୍ତ୍ତନ କରାଯିବାର ଆବଶ୍ୟକତା ରହିଛି, ତା'ର ଏକ ପ୍ରକୃଷ୍ଟ ଉଦାହରଣ ଭାବରେ ଶ୍ରୀଲଙ୍କାକୁ ନିଆଯାଇପାରେ, ଯାହା ବର୍ତ୍ତମାନ ସୁଦ୍ଧା ଅନୁଭବ କରି ପାରିଥିବ ଯେ ଏକ ଘୋର ଅର୍ଥନୀତିକ ସଂକଟ ଭିତରେ ଯେତେବେଳେ ଏହା ଗତି କରୁଥିଲା, ଭାରତ କିପରି ବିପଦ ବେଳର ବନ୍ଧୁ ଭାବରେ ଏହାକୁ ତହିଁରୁ ଉଦ୍ଧାର କରିବାକୁ ଆଗେଇ ଆସିଥିଲା । ଶ୍ରୀଲଙ୍କା ଚିନି ଭଳି ବେଶ କେତେକ ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ ବିଦେଶୀ ରାଷ୍ଟ୍ରମାନଙ୍କ ଉପରେ ନିର୍ଭର କରୁଥିବା ବେଳେ ଏହାର ଅର୍ଥନୀତିର କୁପରିଚାଳନା ଏହାକୁ ଘୋର ସଂକଟ ମଧ୍ୟକୁ ଠେଲି ଦେଇଛି । ପର୍ଯ୍ୟଟନ ଶିଳ୍ପ ଉପରେ ଅଧିକାଂଶ ପରିମାଣରେ ନିର୍ଭରଶୀଳ ଏହାର ଅର୍ଥନୀତି ମହାମାରୀ କୋଭିଡ୍-୧୯ ଦ୍ୱାରା ବିପର୍ଯ୍ୟସ୍ତ ହୋଇ ପଡ଼ିଛି । କଲମ୍ବୋର ହସ୍‌ପିଟାଲଗୁଡ଼ିକରେ ଔଷଧ ଓ ଅତ୍ୟାବଶ୍ୟକୀୟ ସାମଗ୍ରୀଗୁଡ଼ିକର ଅଭାବ ଯୋଗୁଁ ଜରୁରୀ ଅପରେସନ୍ ମଧ୍ୟ ହୋଇ ପାରୁ ନଥିବାର ଦୁଃଖଦ ଖବର କିଛି ଦିନ ପୂର୍ବେ ଭାରତର ବିଦେଶ ମନ୍ତ୍ରୀଙ୍କ କାନରେ ପଡ଼ିଲା । ଭାରତ ହୁଏତ ଏଭଳି ଦୟନୀୟ ପରିସ୍ଥିତିରୁ ଫାଇଦା ଉଠାଇବାକୁ ଯାଇ ଭୂ-ରାଜନୀତିକ ଅବସ୍ଥାରେ ପରିବର୍ତ୍ତନ ଘଟାଇବାକୁ ଯାଉଛି ବୋଲି ଖୋଲାଖୋଲି କହି ନପାରେ, କାରଣ ଏହାର ଅର୍ଥନୀତିକ ବିକାଶ ନିମନ୍ତେ ସମ୍ପ୍ରତି ଶ୍ରୀଲଙ୍କା ଚୀନ୍ ଉପରେ ଅଧିକ ପରିମାଣରେ ନିର୍ଭରଶୀଳ ; ଏବଂ ଚୀନ୍ ପାଇଁ ଏହା ଏକ ଅନୁକୂଳ ହିତାଧିକାରୀ ରାଷ୍ଟ୍ର । କିନ୍ତୁ ଏହା ଅବଶ୍ୟ କୁହାଯାଇ ପାରିବ କି ଭାରତ ସମସ୍ତ ଘଟଣାକୁ ନିୟନ୍ତ୍ରିତ କରି ଏହା ଏକ ଆଞ୍ଚଳିକ ଶକ୍ତି ହେବାକୁ ପସନ୍ଦ କରିବ । ଏହା ଦୋହରାଇବାର ଆବଶ୍ୟକତା ନାହିଁ ଯେ ଶ୍ରୀଲଙ୍କାର ଉତ୍ତର ଭାଗରେ ବାସ କରୁଥିବା ତାମିଲମାନେ ଏହି ଦ୍ୱୀପ ପୁଞ୍ଜର ସମୃଦ୍ଧଶାଳୀ ଦକ୍ଷିଣ ଭାଗରେ ବାସ କରୁଥିବା ସେମାନଙ୍କ ତାମିଲ ଭାଇମାନଙ୍କ ତୁଳନାରେ ଅତି ଦାରିଦ୍ର୍ୟପୂର୍ଣ୍ଣ ଜୀବନଯାପନ କରୁଛନ୍ତି । ଶ୍ରୀଲଙ୍କାର ତାମିଲମାନଙ୍କ ଜୀବନକୁ ପ୍ରଭାବିତ କରୁଥିବା ଚାରିଗୋଟି ପ୍ରମୁଖ ପ୍ରସଙ୍ଗକୁ ବିଦେଶ ମନ୍ତ୍ରୀ ସାମନାକୁ ଆଣିଛନ୍ତି । ସେଗୁଡ଼ିକ ଯଥାକ୍ରମେ- ରାଜନୀତିକ ବନ୍ଦୀ, ଜମିଜମା, ୨୦୦୯ରେ ଶେଷ ହୋଇଥିବା ଗୃହଯୁଦ୍ଧରେ ନିରୁଦ୍ଦିଷ୍ଟ ହୋଇ ଯାଇଥିବା ବ୍ୟକ୍ତିବିଶେଷ ଏବଂ ଅସମାନୁପାତିକ ବିକାଶମୂଳକ କାର୍ଯ୍ୟକ୍ରମ ସମୂହ । ଶ୍ରୀଲଙ୍କାର ବିପୁଳ ଋଣ ଭାର ତୁଳନାରେ କରଜ ଆକାରରେ ୨.୪ ବିଲିଅନ୍ ଡଲାର ମୂଲ୍ୟର ଜାଳେଣି, ଔଷଧପତ୍ର ଏବଂ ଅତ୍ୟାବଶ୍ୟକୀୟ ଭାରତୀୟ ସାମଗ୍ରୀଗୁଡ଼ିକର ରପ୍ତାନୀ ହୁଏତ ପର୍ଯ୍ୟାପ୍ତ ହୋଇ ନପାରେ, କାରଣ ଏହି ରାଷ୍ଟ୍ରର ଅର୍ଥନୀତିକ ସମସ୍ୟାକୁ ସମ୍ଭବତଃ ଆଇଏମ୍‌ଏଫ୍ ଋଣ ସହାୟତା ଦ୍ୱାରା ସମାଧାନ କରାଯାଇପାରେ । ତେବେ ଚୀନ୍ ଭାରତ-ପ୍ରଶାନ୍ତ ମହାସାଗରୀୟ ସାମୁଦ୍ରିକ କାର୍ଯ୍ୟକଳାପଗୁଡ଼ିକରୁ ଫାଇଦା ଉଠାଇବା ନିମନ୍ତେ ଶ୍ରୀଲଙ୍କାକୁ ସହାୟତା ପ୍ରଦାନ କରି ଯେଉଁ କୂଟନୀତିକ ସାଫଲ୍ୟ ହାସଲ କରିଥିଲା ଏବଂ ଭାରତ ତାହା ହରାଇ ଥିଲା, ସମ୍ପ୍ରତି ସେ କ୍ଷେତ୍ରରେ ଭାରତକୁ ଅବଶ୍ୟ କେତେକ ଆଶ୍ୱସ୍ତି ମିଳିବ । ଭାରତର ଏହି କାର୍ଯ୍ୟ ପରିପ୍ରେକ୍ଷୀରେ ଏତିକି କୁହାଯାଇପାରେ ଯେ ଏହା ବର୍ତ୍ତମାନ ବସୁଧୈବ କୁଟୁମ୍ବକମ୍ ନୀତି ଆପଣାଇ ହାତୀ ଭଳି ସଦର୍ପ ଚାଲିବାକୁ ଆରମ୍ଭ କରିଛି ।



ପ୍ରଦୋଷ କୁମାର ଦାସ

# ସାବଧାନ:ଜଂଗଲ ନିଆଁ,ଜୀବନ ଧୂଆଁ!

ମାର୍ଚ୍ଚମାସ ସରି ଏପ୍ରିଲ ଆରମ୍ଭ ହେଲା। ଦିନୁଦିନ ଗ୍ରୀଷ୍ମ ପ୍ରବାହ ବଢିଚାଲିଛି। ଉଷ୍ମ ମଣ୍ଡଳ ଆମ ଚାରିପାଖ ସାରା ପରିବେଶରେ ଖରାର ପ୍ରକୋପ ସାରା ଜୀବଜଗତକୁ ଅନୁରୂପ ଆଉଟ୍‌ପାଉଟ୍ କଲାଣି।ଆଗକୁ ଆହୁରି ୩ ମାସ ଖରାର ତୀବ୍ରତା ଆହୁରି ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଆଶଙ୍କା ବ୍ୟକ୍ତ କରିଛନ୍ତି।

ଦାରୁଣ ନିଦାଘରେ ସାରା ଧରିତ୍ରୀ ଛଟପଟ । ଏପରି ସ୍ଥଳେ ଆକାଶରେ ବାଦଲର ମଧ ଦେଖା ନାହିଁ। ମୁଣ୍ଡ ଉପର ସୂର୍ଯ୍ୟଙ୍କର ତାତିରେ ଧରା ଭୂମିର ଜଂଗଲଜମିର ସବୁଜିମା ଶୁଖି ଝଡିଚାଲିଛି। ଗଛର ପତ୍ରରାଜି ଶୁଖି କ୍ରମେ ବୃନ୍ତଚ୍ୟୁତ ହୋଇ ବହୁ ସଂଖ୍ୟାରେ ଆଖପାଖ ଓ ନିଜ ମୂଳରେ ଗଦାଇ ପଡୁଛି। ଜଂଗଲରେ ମଶାଣୀ ପରାଏ ଜାତିଜାତି ଗଛବୃଛ ଥୁଣ୍ଟା ହୋଇ ସତେ ଅବା ନୀରବ ନିଷ୍ପନ୍ଦ! ଝାଂଜି ପବନରେ ଜଂଗଲର ଗଛ ଗୁଡା ଜଳ ମୁନ୍ଦେ ପାଇଁ ଯେପରି ନାଚାର।ଆହା ଏହି ଗିରିସମ ବଡ ଦାରୁଣ! ବିସ୍ତୀର୍ଣ୍ଣ ଜଂଗଲର ଏହି ଶୁଖା ପତ୍ରରାଜି ପାଇଁ ଏବେ ପରିବେଶପ୍ରେମୀ ତଥା ଅଂଚଳବାସୀଙ୍କ ମନରେ ଅଜଣା ଭୟ ଘାରୁଛି। ଜଳବାୟୁ ସବୁଠାରେ ଜଳ ଶୁଷ୍କତା ଆଣିବାରେ ଲାଗିଥିବାବେଳେ ଅନେକ ଜଂଗଲରେ ଏବେ ଅଯଥା ନିଆଁ ଲାଗି ଖଣ୍ଡ ପ୍ରଳୟ କରୁଛି।

ଯଦି ଏହି ଗ୍ରୀଷ୍ମ ଅବକାଶରେ ଜଂଗଲ ଜଳିବା ଆରମ୍ଭ କରେ ତଥା ଏହାର ଆବଶ୍ୟକ ପ୍ରତିକାର କରାନଯାଏ, ତେବେ ଆମ ଜୀବଜଗତର ସହକାର ଜଂଗଲ ଉଜୁଡିଯିବ। ଏଥିରେ ଜଂଗଲର ବନସ୍ପତି ଉଜୁଡିଯିବା ସହ ବନବାସୀ ଜନ୍ତୁ ମଧ ଜଳିପୋଡି ନାଶ ଯିବେ। ଆଉ ଯେଉଁ ଜନ୍ତୁ ନିଆଁ ଦାଉରୁ ବର୍ତ୍ତିବେ, ସେମାନେ ପ୍ରାଣ ବିକଳରେ ଜଂଗଲ ଛାଡି ଜନବସତି ଆଡକୁ ଧାଇଁ ମୁହାଁଇବେ। ଫଳରେ ମଣିଷ ପଶୁ ମଧରେ ଅସ୍ତିତ୍ୱର ଲଢେଇରେ ଉଭୟ ବିପନ୍ନ ହୋଇଯିବେ। କେବଳ ସେତିକି ନୁହେଁ, ଜଂଗଲ ନିଆଁ ଓ ଧୂଆଁ ପରିବେଶ ପ୍ରଦୂଷଣର ମୂଳ କାରଣ ହେବା ସହ ଗରମ ଗୁଳୁଗୁଳିରେ ଜୀବନ ଦୁର୍ବିସହ ହେବ। ପରିବେଶରେ ଅଂଗାରକାମ୍ଳ ପରିମାଣ ବୃଦ୍ଧି ପାଇବା ସହ ସୁସ୍ଥ ଜୀବନ ବଜାୟ ପାଇଁ ବାୟୁମଣ୍ଡଳରେ ଅମ୍ଳଜାନ ସଂକଟ ପଡିବ । ଆମକୁ ଜଂଗଲ ନିଆଁ ରୋକିବାକୁ ସଚେତନ ଓ ସାବଧାନ ରହିବାକୁ ପଡିବ।

ଆମ ଦେଶ ଭାରତ ବର୍ଷର ବିଭିନ୍ନ ରାଜ୍ୟ ଓ ଅନ୍ୟାନ୍ୟ ପ୍ରାନ୍ତରରେ ଚଳିତବର୍ଷ ଏପ୍ରିଲ ପ୍ରାରମ୍ଭରୁ ଅଦ୍ୟାବଧି ୧୦୨୬ ଟି ବିଭିନ୍ନ ବନାଞ୍ଚଳ ଇଲାକାରେ ବଡ ଧରଣର ଜଂଗଲ ନିଆଁ ଚିହ୍ନଟ ହୋଇଛି। ଏଥିରେ ଆମ ରାଜ୍ୟ ଓଡିଶାର କେବଳ ୧୫୪ଟି ବିଭିନ୍ନ ସ୍ଥାନରେ ନିଆଁ ଲାଗିଛି। ସାରା ଦେଶରେ ଅଦ୍ୟାବଧି ଲାଗିଥିବା ଜଂଗଲ ନିଆଁକୁ ଅନୁଶୀଳନ କଲେ ଆମ ରାଜ୍ୟ ଓଡିଶାର ସ୍ଥାନ ୩ୟ ।

ଫରେଷ୍ଟ ସର୍ଭେ ଅଫ ଇଣ୍ଡିଆର ତଥ୍ୟ ଆଧାରରେ ଆଜି ୨.୪.୨୦୨୨ ସୁଦ୍ଧା ଦେଶର ୩୯୦ଟି ବିଭିନ୍ନ ଜଂଗଲ ଇଲାକାରେ ଲାଗିଥିବା ବ୍ୟାପକ ବନାଗ୍ନୀ ପରିବେଶବିତ୍ ମାନଙ୍କୁ ଚିନ୍ତାରେ ପକାଇଛି । ସୂଚନାରୁ ପ୍ରକାଶ, ମଧ୍ୟପ୍ରଦେଶରେ ସର୍ବାଧିକ ୧୩୪ ଟି, ଛତିଶଗଡରେ ୭୨ଟି ମହାରାଷ୍ଟ୍ରରେ ୫୫ଟି ସ୍ଥାନରେ ଜଂଗଲ ନିଆଁ ଲାଗିଥିବା ବେଳେ ଆମ ରାଜ୍ୟ ଓଡିଶାର ୪୧ଟି ବିଭିନ୍ନ ଜଂଗଲ ଇଲାକାରେ ବଡ ଧରଣର ନିଆଁ ଲାଗିଥିବା ସାଟେଲାଇଟ୍ ସୂଚନାରୁ ଜଣାଯାଇଛି। ଆଗକୁ ଆହୁରି ଜଂଗଲ ନିଆଁ ବ୍ୟାପିବାର ଆଶଙ୍କା ଓ ସମ୍ଭାବନାକୁ ସର୍ବେକ୍ଷଣ କରି ବନ ବିଭାଗ ଏଦିଗରେ ବିଭିନ୍ନ ପ୍ରତିକାରାତ୍ମକ ପଦକ୍ଷେପ ନେବା ଜରୁରୀ। ପ୍ରତି ରାଜ୍ୟ ପ୍ରଶାସନିକ ସ୍ତରରେ ବନ ବିଭାଗ ସହଯୋଗ ନେଇ କ୍ଷମତାପ୍ରାପ୍ତ ପ୍ରତି ଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ସଂଯୋଜନାରେ ପ୍ରତି ବ୍ଲକ ଓ ପଞ୍ଚାୟତ ସ୍ତରରେ କ୍ଷେତ୍ର ଅଧିକାରୀ, ନୀରିକ୍ଷକ, ଅଗ୍ନୀ ନିରୋଧକ ନିଯୁକ୍ତି କରି ଆବଶ୍ୟକ ପଦକ୍ଷେପ ନେବା ଜରୁରୀ। ନିଆଁ ନବ୍ୟାପିବା ଓ ଜଂଗଲ ଅଗ୍ନୀକାଣ୍ଡ ରୋକିବାକୁ ବହୁ ସଂଖ୍ୟାରେ 'ଫାୟାର-ବ୍ରେକ୍' ଲାଇନ ରଖିବା ସହ ସେଗୁଡିକୁ ନିୟମିତ ଭାବେ ସଫା ରଖିବାକୁ ପ୍ରତି ରାଜ୍ୟ ସରକାର ତ୍ୱରିତ ପଦକ୍ଷେପ ନେବା ନିହାତି ଜରୁରୀ । ଜଂଗଲ ନିଆଁ ମୁକ୍ତ ଅଂଚଳ ପାଇଁ ପ୍ରତି ପଞ୍ଚାୟତ ମୁଖ୍ୟଙ୍କ ମାଧ୍ୟମରେ ଆବଶ୍ୟକ ଜନ-ସଚେତନତା ଓ ସାଧାରଣରେ ନୀରିକ୍ଷଣର ଆବଶ୍ୟକତା ମଧ ରହିଛି। ସମ୍ଭାବ୍ୟ ଜଂଗଲ ନିଆଁ ରୋକିବାକୁ ଅଧିକରୁ ଅଧିକ ଫାୟାର ପ୍ରୋଟେକ୍ସନ ସ୍କ୍ୱାଡ ଆଶଙ୍କିତ ଇଲାକାରେ ନିଘା ରଖିବାରେ ନିୟୋଜନର ଆବଶ୍ୟକତା ରହିଛି । ଘଞ୍ଚ ଜଂଗଲି ଇଲାକାରେ ପବନର ଦିଗ ପ୍ରତିକୂଳକୁ ଆକଳନ କରି 'ଫାୟାର ବ୍ରେକ୍ ଲାଇନ' ପାଇଁ ଆବଶ୍ୟକ ରଣନୀତି ପ୍ରସ୍ତୁତ କରିବା ଜରୁରୀ । ଏଦିଗରେ ଅଧିକ ମୋବାଇଲ ବିଶେଷଜ୍ଞ ଅଗ୍ନୀ ନିରୋଧକ ଓ ଯନ୍ତ୍ରୀଙ୍କ କର୍ମ ନିୟୋଜନ କରାଯାଇ ଆଶଙ୍କିତ ଅଂଚଳରେ ଅଗ୍ନୀ ସମ୍ବେଦନଶୀଳ କ୍ଷେତ୍ର ପ୍ରସଂଗରେ ଅତ୍ୟାଧୁନିକ ଏୟାର କଂପ୍ରେସର, ଭାକ୍ୟୁମ କ୍ଲିନର, ଫାୟାର ଏକ୍ଷ୍ଟିଙ୍ଗଗ୍ୟୁସର ରଖାଯାଇ ରାପିଡ୍ ଆକ୍ସନ କର୍ମଚାରୀ ମୁତୟନ ମଧ ଜରୁରୀ। ତେବେ ସରକାରୀ ପଦକ୍ଷେପ ସହ ଆମକୁ ଆମ ଅଂଚଳର ଜଂଗଲକୁ ଅଂଗ୍ନୀକାଣ୍ଡ ମୁକ୍ତ ଅଂଚଳ ରଖାଇବାକୁ ଆବଶ୍ୟକ ସାମାଜିକ ଜନ ସଚେତନତା ଓ ଏଦିଗରେ କର୍ତ୍ତବ୍ୟ ପରାୟଣତା ମଧ ଅଧିକ ଜରୁରୀ।

ଜଂଗଲ ସଫା ନାମରେ ଜଂଗଲରେ ଜମା ହୋଇଥିବା କୁଡକୁଡ ଶୁଖିଲା ପତ୍ରରାଜିରେ କେହି କେହି ମୁଢଲୋକେ ନିଆଁ ଲଗାଇଦେଇଥାନ୍ତି। ଏହା ପବନରେ କୁହୁଳି କୁହୁଳି ଅଗ୍ନୀ ବ୍ୟାପିଯାଇ ଆଖପାଖ ବିସ୍ତୀର୍ଣ୍ଣ ଜଂଗଲି ଇଲାକାକୁ ଜାଳିପୋଡି ଛାରଖାର କରିଦେଇ ପରିବେଶକୁ ଉତପ୍ତ ଓ ପ୍ରଦୂଷିତ କରିଦେଇଥାଏ। କେହି କେହି ଅସାମାଜିକ ଲୋକେ ବଣଭୋଜି କରିବାକୁ ଜଂଖଲ ଇଲାକାରେ ଅନଧିକାର ପ୍ରବେଶ କରି ବଣଭୋଜି ପରେ ଅଧାଲିଭା ଚୁଲିନିଆଁ ଛାଡିଦେଇ ଆସିଥାନ୍ତି। ଏହା ପବନରେ କୁହୁଳି ଆଖପାଖ ଶୁଖିଲା ପତ୍ରରାଜୀ ସଂସ୍ପର୍ଶରେ ଆସି ବନାଗ୍ନୀର କାରଣ ହୋଇଥାଏ। ସ୍ଥାନୀୟ କାଠୁରିଆ ବନ ମଧକୁ କାଠ ସଂଗ୍ରହ କରିବାକୁ ଯାଇଥିବା ବେଳେ ଖାଉଥିବା ଅଧାସରା ବିଡି ସିଗ୍ରେଟ ଆଦି ଜଂଗଲରେ ଫିଂଗିଦେଇ ଆସିଥାନ୍ତି। ଏହା ଶୁଖିଲା ପତ୍ରରେ ପଡି କ୍ରମେ ଅଯଥା ଜଂଗଲ ନିଆଁ ରୂପେ ଉଭା ହୋଇ ସତ୍ୟାନାଶ କରିଥାଏ। ସଚେତନତା ଓ ସ୍ଥାନୀୟ ପ୍ରଶାସନୀକ ଉଦାସୀନତାରୁ ଫାଇଦା ଉଠାଇ କେହି କେହି ଜଂଗଲରେ ନିଆଁ ଲଗାଇ କ୍ରମେ ପଦା ହେଉଥିବା ଜଂଗଲ ଜମିକୁ ଅନଧିକାର ଜବର ଦଖଲର କାରଣ ହୋଇଥାନ୍ତି। ଏହା ଉପରେ କଠୋରରୁ କଠୋରତମ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି। ମନେ ରଖିବାକୁ ହେବ ଆମ ଅଂଚଳର ଜଂଗଲ ସୁରକ୍ଷା ଆମ ଜୀବନ ରକ୍ଷା ଦିଗରେ ତଥା ଆମ ପରିବେଶ, ଆମ ସବୁଜିମା, ଆମ ବାୟୁମଣ୍ଡଳର ଅମ୍ଳଜାନ ସନ୍ତୁଳନ ରକ୍ଷା ଦିଗରେ ପରମ ସହକାରର ଭୂମିକା ନିର୍ବାହ କରୁଛି। କାରଣ ଅପରିଣାମଦର୍ଶୀ ଭାବେ ଜଂଗଲକୁ ଦହନ କରାଗଲେ ଆମ ଜୀବନକୁ ନାହିଁ ନିସ୍ତାର!

ସ୍ତମ୍ଭକାର,
ସା/ ପୋ:- ନାଟୁଣୀ, ଜିଲ୍ଲା: ଖୋରଧା- ୭୫୨୦୩୪
ମୋ: ୬୩୭୦୪୯୫୯୪୪



ଲୋକନାଥ ମହାପାତ୍ର

# ଦେବତା ବନାମ ଅସୁର

ପୁରାଣ ମାନଙ୍କରେ ଅନେକ କଥା ପ୍ରତୀକାତ୍ମକ ଭାବେ କୁହାଯାଇଛି । ଏଗୁଡିକୁ ଗଭୀର ଭାବରେ ବିଶ୍ଳେଷଣ କଲେ ସେଥିରୁ ଅନେକ ଗୂଢ ତତ୍ତ୍ୱ ଦୃଷ୍ଟିଗୋଚର ହୋଇଥାଏ । ଉଦାହରଣ ସ୍ୱରୂପ ଏଠାରେ ହିନ୍ଦୁ ପୁରାଣ ମାନଙ୍କରେ ବର୍ଣ୍ଣିତ ଦେବାସୁର ସଂଗ୍ରାମ କଥା ନିଆଯାଉ ।

ଭାରତୀୟ ପୌରାଣିକ ଶାସ୍ତ୍ର ଅନୁଯାୟୀ, କାଶ୍ୟପ ଋଷିଙ୍କର ଦୁଇ ପତ୍ନୀ ଦିତି ଓ ଅଦିତିଙ୍କ ଠାରୁ ଦେବତା ଓ ଅସୁରଙ୍କ ଉତ୍ପତ୍ତି ହୋଇଥିଲା । ସେମାନଙ୍କ ପିତା ଏକ ହୋଇଥିଲେ ମଧ ମାତାଙ୍କ ସଂସ୍କାର ଅନୁଯାୟୀ ଦେବତା ଓ ଅସୁରମାନଙ୍କ ପ୍ରକୃତି ଭିନ୍ନ ଭିନ୍ନ ଥିଲା । ତେଣୁ ସେମାନଙ୍କ ମଧ୍ୟରେ ମତଭେଦ ଥିଲା ଏବଂ ତାହା ହିଁ ଦେବାସୁର ସଂଗ୍ରାମର ପ୍ରମୁଖ କାରଣ ଥିଲା ।

ଦେବାସୁର ସଂଗ୍ରାମ ହେଉଛି ଦେବତା ଏବଂ ଅସୁରମାନଙ୍କ ମଧ୍ୟରେ ପାରସ୍ପରିକ ଯୁଦ୍ଧ । ସ୍ୱର୍ଗରାଜ୍ୟ ଏବଂ ସର୍ବୋଚ୍ଚତା ପାଇବା ପାଇଁ ଅସୁରମାନେ ସମୟ ସମୟରେ ଦେବତାମାନଙ୍କୁ ଆକ୍ରମଣ କରୁଥିଲେ । ଯୁଦ୍ଧରେ ଅନେକ ଥର ଅସୁରମାନେ ଏବଂ ବେଳେବେଳେ ଦେବତାମାନେ ପରାସ୍ତ ହେଉଥିଲେ । ପ୍ରାୟ ସବୁ ପୁରାଣରେ ଊଣା ଅଧିକେ ଦେବାସୁର ସଂଗ୍ରାମ କଥା ଦେଖିବାକୁ ମିଳିଥାଏ ।

ପୌରାଣିକ ଗ୍ରନ୍ଥ ଅନୁଯାୟୀ, ଥରେ ବୃତ୍ତାସୁର ନାମକ ପରାକ୍ରମୀ ଅସୁର ସହ ଦେବତାମାନଙ୍କ ଯୁଦ୍ଧ ହୋଇଥିଲା । ଉକ୍ତ ଦେବାସୁର ସଂଗ୍ରାମରେ ବୃତ୍ତାସୁରକୁ ବଧ କରିବା ପାଇଁ ଦେବତାମାନଙ୍କର ନିବେଦନରେ ମହର୍ଷି ଦଧୀଚି ନିଜର ଅସ୍ଥି ଦାନ କରିଥିଲେ । ସେହି ଅସ୍ଥିରେ ଭଗବାନ ବିଶ୍ୱକର୍ମା ବଜ୍ର ତିଆରି କରି ଇନ୍ଦ୍ରଦେବଙ୍କୁ ଦେଇଥିଲେ । ଏହି ବଜ୍ରରେ ଦେବରାଜ ଇନ୍ଦ୍ର ବୃତ୍ତାସୁର ନାମକ ରାକ୍ଷସକୁ ହତ୍ୟା କରି ଅସୁରମାନଙ୍କୁ ପରାସ୍ତ କରିଥିଲେ ।

ଆଉ ଏକ ପୌରାଣିକ ଆଖ୍ୟାନ ଅନୁଯାୟୀ ସମୁଦ୍ରମନ୍ଥନ ପରେ ଭଗବାନ ବିଷ୍ଣୁ ମୋହିନୀ ରୂପରେ ଅସୁରମାନଙ୍କୁ ବଶ କରି ତାଙ୍କ ଠାରୁ ଅମୃତକୁ ନେଇ ଦେବତାଙ୍କୁ ଦେଇଥିଲେ । ଏହା ଜାଣିବା ପରେ ଅସୁରମାନେ ବହୁତ ରାଗିଗଲେ ଏବଂ ଦେବତାମାନଙ୍କୁ ଆକ୍ରମଣ କରିବାକୁ ଲାଗିଲେ । ଏହିପରି ଭୟଙ୍କର ଦେବାସୁର ଯୁଦ୍ଧ ଆରମ୍ଭ ହୋଇଥିଲା ଯେଉଁଥିରେ ଦେବରାଜ ଇନ୍ଦ୍ର ଦୈତ୍ୟରାଜ ବଳିଙ୍କୁ ପରାସ୍ତ କରି ଇନ୍ଦ୍ରଲୋକ ପ୍ରତ୍ୟାବର୍ତ୍ତନ କରିଥିଲେ।

ଅନ୍ୟ ଏକ ପୌରାଣିକ ଆଖ୍ୟାନ ଅନୁଯାୟୀ ମହିଷାସୁର ନାମକ ଅସୁର ଦେବତାଙ୍କୁ ପରାଜିତ କରି ସ୍ୱର୍ଗକୁ ଦଖଲ କରି ନେଇଥିଲା । ଏଥିରେ ଦେବତାମାନେ ଦେବୀ ଦୁର୍ଗାଙ୍କ ନେତୃତ୍ୱରେ ଲଢ଼େଇ କରିଥିଲେ । ଏହି ଯୁଦ୍ଧରେ ଦେବୀ ଦୁର୍ଗା ମହିଷାସୁରକୁ ବଧ କରି ଦେବତାମାନଙ୍କୁ ବିଜୟୀ କରାଇଥିଲେ ଏବଂ ମହିଷାସୁରମର୍ଦ୍ଦିନୀ ନାମରେ ନାମିତ ହୋଇଥିଲେ । ପୁରାଣ ଅନୁଯାୟୀ ସତ୍ୟଯୁଗରେ ରାଜା ଦଶରଥ ଇନ୍ଦ୍ରଙ୍କ ଆଦେଶରେ ଦେବସୁର ସଂଗ୍ରାମରେ ଭାଗ ନେଇଥିଲେ। ଏହି ଯୁଦ୍ଧରେ ତାଙ୍କୁ ତାଙ୍କ ପତ୍ନୀ କୈକେଇ ସହାୟତା କରିଥିଲେ। ଯୁଦ୍ଧରେ ଦଶରଥ କିଛି ସମୟ ପାଇଁ ଚେତାଶୂନ୍ୟ ହୋଇ ଯାଇଥିଲେ । ରାଜା ଚେତାଶୂନ୍ୟ ହୋଇଯିବାରୁ କୈକେଇ ତାଙ୍କୁ ଯୁଦ୍ଧକ୍ଷେତ୍ରରୁ ବାହାରକୁ ଆଣି ତାଙ୍କ ପ୍ରାଣରକ୍ଷା କରିଥିଲେ । ତେଣୁ ଦଶରଥ ଖୁସି ହୋଇ ତାଙ୍କୁ ଦୁଇଟି ବର ଦେବା ପାଇଁ ପ୍ରତିଜ୍ଞା କରିଥିଲେ। ଏଥିରେ କୈକେଇ କହିଥିଲେ ଯେ ସମୟ ଆସିଲେ ସେ କହିବେ। ପରେ ମନ୍ଥରାର କୁମନ୍ତ୍ରଣାରେ ପଡି କୈକେଇ ରାମଙ୍କ ନିର୍ବାସନ ଏବଂ ଭାରତ ପାଇଁ ରାଜ୍ୟ ଦାବି କରିଥିଲେ । ଏହିପରି ଭାବେ ପୁରାଣ ମାନଙ୍କରେ ଦେବତା ଓ ଅସୁରମାନଙ୍କ ମଧ୍ୟରେ ଘଟିଥିବା ମୁଖ୍ୟ ୧୨ ଟି ଯୁଦ୍ଧର ଉଲ୍ଲେଖ ମିଳିଥାଏ ।

ପୁରାଣ ମାନଙ୍କରେ ଅନେକ କଥା ପ୍ରତୀକାତ୍ମକ ଭାବେ କୁହାଯାଇଛି । ଏଗୁଡିକୁ ଗଭୀର ଭାବରେ ବିଶ୍ଳେଷଣ କଲେ ସେଥିରୁ ଅନେକ ଦାର୍ଶନିକ ତତ୍ତ୍ୱ ଦୃଷ୍ଟିଗୋଚର ହୋଇଥାଏ । ଦେବାସୁର ସଂଗ୍ରାମ ପଛରେ ମଧ ଅନେକ ଦାର୍ଶନିକ ତତ୍ତ୍ୱ ଲୁଚି ରହିଛି ।

ପ୍ରଥମତଃ ଦେବତା ହେଉଛନ୍ତି ସଦ୍ଭାବନାର ବା ଭଲର ବିଚାରର ପ୍ରତୀକ ଏବଂ ଅସୁର ହେଉଛନ୍ତି ଦୁର୍ଭାବନା ବା ମନ୍ଦ ବିଚାରର ପ୍ରତୀକ । ସମୁଦ୍ରର ଲହଡ଼ି ପରି ଆମ ମନ ଭିତରେ ମଧ ସବୁବେଳେ ଭଲ ଓ ମନ୍ଦ ବିଚାରର ଲହଡ଼ି ଉତ୍ପନ୍ନ ହୋଇଥାଏ । ଏହି ଭଲ ଓ ମନ୍ଦ ମଧ୍ୟରୁ ମଣିଷକୁ ଯେକୌଣସି ଗୋଟିକୁ ବାଛିବାକୁ ହୋଇଥାଏ ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)



ସୁବ୍ରତ କର

# ମଦ ପିଉଥିବା ବ୍ୟକ୍ତି ଭରତୀୟ ନୁହେଁ; ମହାପାପୀ

ଉପରୋକ୍ତ ଉକ୍ତିଟି ମୋର ନୁହଁ । ଏହି ବକ୍ତବ୍ୟଟି ରଖିଛନ୍ତି ବିହାରର ମୁଖ୍ୟମନ୍ତ୍ରୀ ମହୋଦୟ ଶ୍ରୀ ନୀତିଶ କୁମାର । ମୋର ଏତେ ସାହସ ହେବ ନାହିଁ କାରଣ ମୋତେ ନିଶା କରୁଥିବା ବ୍ୟକ୍ତିମାନେ ଆଉ କଣ ରଖିବେ । କିନ୍ତୁ ଦୁଃଖର କଥା ବିହାର, ଗୁଜରାଟ ପ୍ରଭୃତି ରାଜ୍ୟ ପାଇଁ ଓଡ଼ିଶା ପାଇଁ ଦୃଷ୍ଟାନ୍ତ ହୋଇ ରହିଛନ୍ତି । ଭ୍ରଷ୍ଟାଚାର ଭଳି ନିଶା ମଧ ଆମ୍ଭମାନଙ୍କ ରକ୍ତରେ ମିଶି ଯାଇଛି । ଖୁବ୍ କମ୍ ଲୋକ ଅଛନ୍ତି ଯେଉଁମାନେ ନିଶା କରନ୍ତି ନାହିଁ । ପାନ ଗୁଣ୍ଡିଠୁ ଆରମ୍ଭ କରି ଧଳା ଜହର । ଏବେ ଆସିବା ନୀତିଶ କୁମାର ଏପରି କାହିଁକି କହିଲେ ଏବଂ କେଉଁ ପରିସ୍ଥିତି ପାଇଁ । ଏବେ ଗତ ୬ମାସରେ ନିଶା ନିଷିଦ୍ଧ ରାଜ୍ୟରେ ମଧ ମଦ ନିଶାରେ ୬୦ଜଣ ଲୋକଙ୍କ ପ୍ରାଣବାୟୁ ଉଡ଼ିଗଲା । ବିରୋଧୀ ଦଳ ଏପରିକି ବିଜେପି ଦଳ ମଧ ଏହାକୁ ସହ ଭାବରେ ନେଇ ନାହିଁ । ମୁଖ୍ୟମନ୍ତ୍ରୀ ରାଗିକରି କହିଲେ ଏହି ପାପୀ ଲୋକଙ୍କୁ ସରକାର ତରଫରୁ କୌଣସି ସରକାରୀ ସାହାଯ୍ୟ ମିଳିବାର ପ୍ରଶ୍ନ ଉଠୁନାହିଁ । ନିଶାକୁ ବିରୋଧୀ ଲୋକେ ଯେତେବେଳେ ବିହାରକୁ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଆଦର୍ଶ ହିସାବରେ ଗ୍ରହଣ କରିଥିଲେ ସେମାନେ ମଧ ହତାଶ । ଏତେ କଡ଼ା ଆଇନ ଲାଗୁ ହେବା ପରେ ମଧ ବିଶେଷ କିଛି ଫଳ ମିଳୁନାହିଁ । ଏଥିରେ ଆମ ରାଜ୍ୟ ସରକାର ଭାବୁଥିଲେ ଯେ ଏ ଆଇନ ଲାଗୁ କରି ଠିକ୍ କରିଛନ୍ତି କାରଣ ନିଶାକୁ ଅଟକେଇ ହେବ ନାହିଁ ବା ଜନତାଙ୍କୁ ନିଶାଠାରୁ ଦୂରରେ ରଖି ହେବନାହିଁ । ଏଥିରେ କିନ୍ତୁ ଓଡ଼ିଶାରେ ଥିବା ମିଳିତ ନିଶା ନିବାରଣ ମଞ୍ଚ ହତାଶ ହେବାର ନାହିଁ ବା ପଛକୁ ହଟିବାର ନାହିଁ । ନୀତିଶ କୁମାର ନିଶ୍ଚୟ ଏତେ ବୋକା ଲୋକ ନୁହଁନ୍ତି ବା ଏତେ ସହଜରେ ଦବିଯିବେ ନାହିଁ । ଯଦି ବିହାରର ମୁଖ୍ୟମନ୍ତ୍ରୀ ସାହସର ସହିତ କହି ପାରିଲେ ନିଶା କରୁଥିବା ଲୋକେ ଭାରତୀୟ ନୁହଁନ୍ତି ଏବଂ ସେମାନେ ପାପ କରୁଛନ୍ତି ତେବେ ଆମ ରାଜ୍ୟ ସରକାର କରୁଛନ୍ତି କଣ ? ସେ ଜାତୀୟ ପିତା ମହାତ୍ମାଗାନ୍ଧୀଙ୍କ ନାମ ଉଲ୍ଲେଖ କରିଛନ୍ତି । କହିଛନ୍ତି ସେ ନିଶାକୁ ଘୃଣା କରୁଥିଲେ । ଏହାପରେ ଯଦି ସାରା ଦେଶକୁ ମହାତ୍ମା ଗାନ୍ଧୀଙ୍କୁ ଦ୍ୱିତୀୟ ଭଗବାନ ଭାବନ୍ତି ତେବେ ସେହି ଭଗବାନଙ୍କ ନାମରେ ଶପଥ ନେଇ ନିଶାକୁ ବନ୍ଦ କାହିଁକି କରୁ ନାହାନ୍ତି ? ଏଥିରେ ସ୍ପଷ୍ଟ ହେଲା ଦୁଇତିନି ରାଜ୍ୟକୁ ଛାଡ଼ିଦେଲେ ଦେଶର ଅନ୍ୟରାଜ୍ୟ ମାନଙ୍କ ପାଇଁ ମହାତ୍ମା ଗାନ୍ଧୀଙ୍କ ବାଣୀ ପାଣି ଫୋଟକା । ଏହା ଆମ ରାଜ୍ୟ ପାଇଁ ମଧ ଲାଗୁ । ଆମେ ଯଦି ଗାନ୍ଧୀଜୀଙ୍କୁ ଆଦର୍ଶ ହିସାବରେ ଗ୍ରହଣ କରିଛୁ ତେବେ ଏହି ଆଦର୍ଶକୁ ମାନିବାକୁ ଆମେ କୁଣ୍ଠିତ କାହିଁକି ? ଆମେ ବୁଝିବା ଯେ ଆମ ରାଜ୍ୟ ସରକାର ଗାନ୍ଧୀ ଜୟନ୍ତୀ ଦିନ ଆମର ମୁଖିଆ ମାନେ ଗାନ୍ଧୀଜୀଙ୍କୁ ମୁଣ୍ଡିଆ ମାରି ବେକରେ ହାର ପିନ୍ଧାନ୍ତି, ଏହା ମଧ ଲୋକ ଦେଖାଣିଆ। ତେବେ ଏହା ନିଶ୍ଚିତ ଆମର ମୁଖିଆମାନେ ଯାହା କରନ୍ତି ଜନତାଙ୍କୁ ଠକେଇବା ପାଇଁ । କିନ୍ତୁ ଏହା ବା ଏପରି କେତେଦିନ ?

## କବିତା କୋଣାର୍କ



### ମଧୁବାବୁ
ରାମ ଚନ୍ଦ୍ର ପ୍ରଧାନ

ଘେନ ମଧୁବାବୁ ଉତ୍କଳ ଦିବସେ
ଭକ୍ତିପୂତ ଶ୍ରଦ୍ଧାଞ୍ଜଳି
ଦେଶ ପାଇଁ ତୁମେ ଏ ମର୍ତ୍ତ୍ୟ ମଣ୍ଡଳେ
ଦେଇ ଅଛ ପ୍ରାଣବଳି ।

ତୁମ ଅବଦାନ ଭାଷା ସାହିତ୍ୟକୁ
କରିଛି ଦିଗ୍ ବିଜୟୀ
ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନେ
ବୀର ତୁମେ କାଳଜୟୀ ।

ହେ ଚିର ପୁଣ୍ୟାତ୍ମା ପ୍ରବାଦ ପୁରୁଷ
ଅଗାଧ ତୁମର ଜ୍ଞାନ
ମଧୁ ବାରିଷ୍ଟର ନାମେ ପରିଚିତ
ବଢ଼ାଇ ଉତ୍କଳ ମାନ ।

ଭାଷା ବିଦ୍ରୋହର ହେ ମୁଖ୍ୟ ପୁରୋଧା
ଓଡ଼ିଆ ମାଟିର ବୀର
ପ୍ରଥମ ଓଡ଼ିଆ ଏମ୍-ଏ ପଢୁଆ
ଥିଲ ତୁମେ ଓଡିଶାର ।

ଗଢି ଥିଲ ତୁମେ ଭାଷାର କୋଣାର୍କ
ତ୍ୟାଗ କରି ସ୍ୱାର୍ଥ ସବୁ
ଆହେ କୁଳବୃଦ୍ଧ ଉତ୍କଳ ଗୌରବ
କବିପ୍ରାଣ ମଧୁବାବୁ ।

♥ ଶିକ୍ଷକ
ସାନ୍ତରାପଲ୍ଲୀ, ଗଞ୍ଜାମ
ମୋ :୯୮୬୧୬୩୮୭୩୬



### ତୁମେ ହିଁ ପାରିବ ମୁକ୍ତ କରି
କୁନା ସେଠୀ

ଓଡିଶା ଧାମର ସାହିତ୍ୟ ସାଧକ
ଦେଖ ଏଇ ଓଡିଶା ନେତ୍ର ଭରି
ଆଜି ବି ଅନେକ ଓଡ଼ିଆ ଅଂଚଳ
ଅଛିନ୍ତି ପଡୋଶୀ ରାଜ୍ୟ ଆବୋରି ।

ମଧୁସୂଦନ ବା ଫକୀର ମୋହନ
ନାହାନ୍ତି ଗାଇବେ ମୁକ୍ତିର ଗୀତ
ରାଜା କୃଷ୍ଣଚନ୍ଦ୍ର ଅବା ମୁକ୍ତିକାମୀ
ମନରେ ଭରିବେ ମୁକ୍ତିର ଚିତ ।

ସୀମାନ୍ତ ଅଂଚଳ ହରାଉଛି ବଳ
ଓଡିଶା ରାଇଜେ ରହିବା ପାଇଁ
ଭାଷା ଟା ବଦଳି ପଡୋଶୀ ସାଜୁଛି
ଓଡ଼ିଆ ବୋଲି ସେ କହିବ କାହିଁ ।

ଜ୍ଞାନୀ ଗୁଣୀ ଜନ ଦେଇ ମନ କର୍ଣ୍ଣ
ବୁଝିବ ବେଦନା ଓଡିଶା ମା'ର
ଜାତି ନନ୍ଦିଘୋଷ ବାଟ ହୁଡ଼ି ଅଛି
କେମିତି କରିବା ତା ଉପଚାର ?

ସୀମାନ୍ତରେ ଥାଇ ଭାବିବାରେ ଭାଇ
କେମିତି ଲାଗୁଛି ଓଡ଼ିଆ ଭାବେ
ଓଡିଶା ନା ଏତ ପଡୋଶୀ ରାଇଜ
କେମିତି ଭାବିବ ଟିକିଏ ଗର୍ବେ ।

ମାତୃଭୂମି ବୋଲି କହିବା ତାହାକୁ
ମାତୃଭାଷା କିନ୍ତୁ ସେଠାରେ ନାହିଁ
ଓଡ଼ିଆ ଭାଇର ପରିଚୟ ସେଠି
କେମିତି ପାଇବା କୁହରେ ଭାଇ ?

ଛାତ୍ର ଛାତ୍ରୀ ଗଣ ଏ କଥାଟି ଜାଣ
ଓଡିଶା ଉନ୍ନତି କାମନା କରି
ପଢୁଛନ୍ତି ପାଠ ଦେଖନ୍ତି ସପନ
ଜନମ ଭୂମିର ସେବା କୁ ବରି ।

ସୀମାନ୍ତ ଅଂଚଳେ ଶିଖାଇ ପାରିଲେ
ଓଡ଼ିଆ ଭାଷା କରି ଯତ୍ନର
ହସିବ ଓଡିଶା ହସିବ ଏ ମାଟି
ବେଦନା ଯେ ତାର ହୋଇବ ଦୂର ।

ଏଥି ପାଇଁ ଲୋଡ଼ା ଓଡ଼ିଆ ହୃଦୟ
ଜାହାଦେଇଥିଲେ ମଧୁସୂଦନ
ଜାତୀର ଟେକକୁ ରଖିବା ଆସରେ
ଓଡିଶା ମାଟିର ବିଜ୍ଞ ଜନ ।

♥ ଭୁତସରସିଙ୍ଗି,
ଗଞ୍ଜାମ



### ସାଧନ
ଯୋଗୀ କୃପାସିନ୍ଧୁ ମୁନି

ଉଠରାମ ପାହିଲା ରଜନୀରେ ।
ଉଠଉଠ
କରିବୁ ସାଧନରେ/ମୋର ମନ!
ହୋଇଛି ବ୍ରହ୍ମ ମୁହୂର୍ତ୍ତ ଅନୁଶାସିତ ହୋଇତ
ନିରୋଧିଣ ବୃତ୍ତି ଚିତ୍ତ ସୁଖାସନରେ ବସିତ
ସ୍ମରି ପଦଗୁରୁଙ୍କ ବଚନରେ ।
ପିତାମାତାଙ୍କୁ ସ୍ମରିତ ପାଳନ କରିବୁ ସତ୍ୟ
ଶ୍ରୀମୁଖେ ଓଁକାର ଜପ ଶୁଭଭାବନା ସଂକଳ୍ପ
ଜୀବନ ତୋ ହୋଇଯିବ ଧନ୍ୟରେ ।
ଭ୍ରମି ଅଷ୍ଟାଦଶଚକ୍ର ଭେଦନ କରିବୁ ନିତ୍ୟ
ତ୍ରୀକୁଟୀ ମଧ୍ୟରେ ରହି ଶିବୋହମ ଜପୁଥିବୁତ
ଶହେ ଆଠ କରିଶଚିନ୍ତନରେ ।
ପ୍ରାଣାୟାମରେ ରହିତୁ ଶବଦ ବ୍ରହ୍ମ ଶୁଣିବୁ
ଧାରଣେ ନିଜ ସ୍ୱରୂପ ଅନୁଭବରେ ଦେଖିବୁ
କୃପାସିନ୍ଧୁର ତୁ ଗଣ୍ଠିଧନରେ ।

♥ ଜୁଣବଳଦା,
ଗୋଡ଼ିଖାଳ ଆଶ୍ରମ, ବାଲେଶ୍ୱର

### ଜୀବନ
ସୁଧାକର ରାଉତ



ଜୀବନଟା ଏକଚକ୍ରବ୍ୟୁହ
ଯହିଁ ବଞ୍ଚିବାର ପଥ
ପାଇବା ଦୁରୂହ ।

ଜୀବନଟା ବିନ୍ଦୁର ସମାହାର
ଯୋଡି ଦେଲେ ହୁଏ ଭଲ ଚିତ୍ର
ନଚେତ ଅଲୋଡ଼ା, ଅସଜଡା
ହୋଇ ପକାଏ ଗୋଲକ ଧନ୍ଦାରେ ।

ଜୀବନଟା ସାପଶିଡି ଖେଳ
କିଛି ବୁଝିବା ଆଗରୁ
ସାପ ମୁହଁରେ ପଡେ
ଲକ୍ଷ୍ୟ ଥାଏ ଯେତେନେ ପ୍ରକାରେଣ
ଚଢିବାକୁ ସିଡ଼ି ।

ଜୀବନ ଆଶାର
ଏକ ବତୀଘର
ମୁଠାଏ ସୁଖର କୁହୁଡି
ଧରିବାକୁ ମନ
ସଦା ତତ୍ପର ।

ଉତ୍ତୁଙ୍ଗ ଉର୍ମି ମାଳାକୁ
ଆଡେଇ ଦେଇ
ସବୁ ଘାତ ପ୍ରତିଘାତକୁ ଏଡେଇ
ଧାଏଁ ସିଏ
ପ୍ରାଣ ମୂର୍ଚ୍ଛା ହୋଇ ।

ଜୀବନଟା ଅଛିଣ୍ଡା ଗଣିତ
ଯୋଗରୁ ବିୟୋଗବେଳେ
ଫଳ ସଦା ରହେ
ଅର୍ଦ୍ଧ ସତ୍ୟ ।

ବିରାମ ଚିହ୍ନରେ ଜୀବନଟା ଭରା
ଅଳିକ କାହାଣୀ ।
ବନ୍ଧନୀ ମଧ୍ୟେ କ୍ଷତାକ୍ତ
ରକ୍ତାକ୍ତ ହୋଇ ସଂଘର୍ଷମୟ
ଜୀବନର ପଡେ ପୂର୍ଣ୍ଣଚ୍ଛେଦ।

ଆଗରେ ଅନ୍ତହୀନ
ଦିଗନ୍ତ ବିସ୍ତାରୀ ଆକାଶ
ଆଉ ପଛରେ
ଜ୍ଞାତି କୁଟୁମ୍ବଙ୍କ
ବିଳାପର ପ୍ରହସନ
ଏଇତ ଜୀବନ ।

♥ ପ୍ରତାପ ନଗରୀ,କଟକ
ମୋ: ୮୨୪୯୯୩୨୭୯୨

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
୪ ଏପ୍ରିଲ, ସୋମବାର, ୨୦୨୨

# ଦୁଃଖ ପରେ ସୁଖ

**ଦେବେନ୍ଦ୍ର କର**
ମଙ୍ଗଳାବାଗ, ନିୟୋଗି କଲୋନି,
କଟକ-୭,
ଫୋନ୍ - ୯୯୩୭୯୬୩୯୧୦

ଘଡିରେ ସମୟ ରାତି ବାରଟା ବାଜି ତିରିଶ ମିନିଟ୍। ପଲଙ୍କର ଗୋଟେ କଡକୁ ଭାବୁକ ମୁଦ୍ରାରେ ମିତାଲି ଚାହିଁଥାଏ ଝରକା ସେପଟ ଅନ୍ଧାର ଆଡକୁ। ଆଖିରେ ନିଦର ଟିକିଏ ବି ଆଭାଷ ମିଳୁନାହିଁ। ପଲଙ୍କର ଆରପଟରେ ଅନିକେତ ଗଭୀର ନିଦ୍ରାରେ। ଦିହିଁଙ୍କ ବିବାହକୁ ଆସନ୍ତା କାଲି ଗୋଟିଏ ମାସ ପୁରିଯିବ। ସେଇ ଖୁସିର ମୁହୂର୍ତ୍ତକୁ ଆଉ ଟିକେ ଆକର୍ଷଣୀୟ କରିବାକୁ ଅନିକେତ୍ ଯୋଜନା କରିଛନ୍ତି ମିତାଲଙ୍କ ଗାଁକୁ ବୁଲିଯିବାକୁ। ଅଗ୍ନିକୁ ସାକ୍ଷୀରଖି ଅନିକେତଙ୍କୁ ଜୀବନସାଥୀ ରୁପେ ପାଇ ମିତାଲି ନିଜକୁ ଭାଗ୍ୟବାନ ମନେ କରିଛି। ହୃଦୟର ଉଚ୍ଚ ଆସନରେ ସ୍ଥାନଟିଏ ଦେଇଛି ଅନିକେତଙ୍କୁ। ବିଶ୍ୱାସ ଆସିଛି ନିଜ ଉପରେ ଓ ନିଜ ପରିବାର ଉପରେ ଆଉ ତା ପ୍ରିୟ ଠାକୁର ଭୋଳାନାଥଙ୍କ ଉପରେ। ଦିନେ ନିଜକୁ ଖୁବ୍ ଛୋଟ ମନେ କରୁଥିଲା ଜୀବନଟା ସତେ ଯେମିତି ଏକ ବୋଝ ମନେହେଉଥିଲା। ଦୁଃଖର ଦିନ ଗୁଡିକ ଆଜି ଅପସରି ଯାଇଛି ସୁଖର ରାଇଜରେ ଆଜି ସେ ପାଦ ଥାପିଛି। ଅନିକେତ ଆଜି ତା ପାଦତଳେ ଅଜାଡି ଦେଇଛନ୍ତି ଅଜଶ୍ର ସ୍ନେହ ଶ୍ରଦ୍ଧା ଭଲପାଇବା ଆଉ ଶୁଖ ଶାନ୍ତି। ଧନୀ ଘରର ପୁଅଟା ପୁଣି କେବେ ଯେ ଗରିବ ଘରର ଅଳପ ପାଠୁଆ ଝିଅଟାର ହାତ ଧରିବେ ଭାବିଲେ ଖୁବ୍ ଆଶ୍ଚର୍ଯ୍ୟ ଲାଗେ। କୋଉ ଜନମର ପୂଣ୍ୟ କାର୍ଯ୍ୟର ଇଏ ଫଳ ନିଶ୍ଚିନ୍ତ। ଯେତେ ରୋକିବାକୁ ଚାହିଁଲେ ବି ମନଟା ଆପେ ଆପେ ଟାଣି ନେଉଥିଲା ସେଇ ପୁରୁଣା ଦିନ ଆଡକୁ। କଣ ଭୁଲି ହେବ ସେ ଦିନକୁ। ବାପାଙ୍କ ହାତରେ ତିନି ତିନିଟା କଅଁଳ ଛୁଆଙ୍କୁ ଟେକିଦେଇ ମା ଚାଲିଗଲା ଆରପାରିକୁ। କନ୍ୟା ସନ୍ତାନଟିଏ ବାପାମାଙ୍କ ମୁଣ୍ଡରେ ବୋଝ ବେସ୍ ଭଲଭାବରେ ହୃଦୟଙ୍ଗ କରିସାରିଥିଲା ମିତାଲି। ବାପାଙ୍କୁ ତିନି ଝିଅଙ୍କ ବାହାଘର ଚିନ୍ତା ସବୁବେଳ ଘାରେ। ଅଭାବ ଅନାଟନ ଭିତରେ ବାପା ଦୁଇ ଓଳି ଆହାର ଦେବା ସମ୍ଭବ ନଥିଲା। ସ୍ୱଳ୍ପ ରୋଜଗାରରେ ଘରେ ପାଟିତୁଣ୍ଡ ଅଶାନ୍ତି ଲାଗି ରହୁଥାଏ। ମାମୁଁଙ୍କ ଦୟାରୁ ମିତାଲି ଦିନେ କଲେଜରେ ପାଦ ଦେଲା। ଘର ପରିସ୍ଥିତିକୁ ନେଇ ପାଠରେ ଆଦୌ ମନ ଲାଗୁନଥାଏ। ଲକ୍ଷ୍ୟ ଥିଲା ସହରରେ ଚାକିରିଟିଏ କରି ଘରପାଇଁ ଦିପଇସା ସଞ୍ଚି ପାରିବ। ସେଇ ଦୃଷ୍ଟିରୁ ମିତାଲି ବାପାଙ୍କୁ ସିଧାସିଧା କହିଦେଇଥିଲା ମୋ ବାହାଘର ଚିନ୍ତା ମୁଣ୍ଡରୁ କାଢିଦିଏ। କଷ୍ଟେମଷ୍ଟେ ସାନ ଦୁଇ ଝିଅ ସୋମା ଆଉ ରୋମା ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ। ସେ ଦିହିଁଙ୍କୁ ବି ଆଉ ଆଗକୁ ପଢିବା ସମ୍ଭବ ନଥିଲା। ଯାହିଯେତିକି ଜମିବାଡି ବିକିବାକି ତା ବାପା ସୋମା ରୋମାର ବାହାଘରଟା ସାରିଦେଲେ।



ଗାଁର ଗଗନ ଭାଇ କଟକରେ ସହରରେ କୌଣସି ଏକ ଡାକ୍ତରଙ୍କ କ୍ଲିନିକରେ କାମକରେ। କଟକରେ ଅନେକ ବର୍ଷ ରହିବା ଭିତରେ ତାର ଖୁବ୍ ଜଣାଶୁଣା ହୋଇଯାଇଥାଏ। କଟକର ଏକ ନର୍ସିଂହୋମରେ ମିତାଲି ପାଇଁ ଚାକିରିଟିଏ ବୁଝିଦେଲା। ବାପାଙ୍କୁ ଗାଁରେ ଏକାଟିଆ କରି ମିତାଲି ଚାଲିଆସିଲା ସହର। ଜନଗହଳି ପୂର୍ଣ୍ଣ କଟକ ସହରରେ କିଏ ବା କାହାକୁ ପଚାରେ। ନର୍ସିଂହୋମ ମାଲିକ ସରୋଜ ବାବୁଙ୍କର ଏଠି ଭାରି ଖାତିରି। ମାସିକ ଦରମା ଦୁଇହଜାର ଟଙ୍କା। ଚାକଚକ୍ୟପୂର୍ଣ୍ଣ ପାଞ୍ଚମହଲା ନର୍ସିଂହୋମ କୋଠାଟି। ସକାଳୁ ରାତି ପର୍ଯ୍ୟନ୍ତ ମିତାଲି ତାରି ଭିତରେ ହଜାଇ ଦେଉଥିଲା ନିଜକୁ। କେତେବେଳେ ଦିନଟିଏ ବିତିଯାଇ ସଂଜ ନଇଁଆସେ ଆଦୌ ଧାରଣା ରୁହେନି। ନୂଆ ଜୀବଟିଏ ପାଇବା ଆଶାରେ ଅନେକ ଦୂର ଦୂରନ୍ତାର ରୋଗୀ ଓ ତାଙ୍କ ସମ୍ପର୍କୀୟ ମାନେ ଛୁଟିଆସିନ୍ତି ଏଠିକି। କାହାର କେତେ ରୋଗ ବଇରାଗ। ରାତିଦିନ ଏକ କରି ମିତାଲି ଲାଗିପଡିଲା ନିଜ କାର୍ଯ୍ୟରେ। ଯା ହଉ ମୁଣ୍ଡ ଗୁଞ୍ଜିବାକୁ ଘର ଖଣ୍ଡେ ତ ମିଳିଗଲା। ମାସକୁ ଅପର୍ଯ୍ୟାପ୍ତ ଆୟ ହୁଏ ନର୍ସିଂହୋମରେ। ସରୋଜବାବୁଙ୍କ ମୁହଁରେ ସବୁବେଳେ ସେଇ ଗୋଟିଏ କଥା ଇଏ କି ବା ରୋଜଗାର ଯାଅ ଦେଖିବ ରାଜଧାନୀ ଭୁବନେଶ୍ୱରରେ ହସପିଟାଲ ମାନଙ୍କରେ। ବେଶି କହିଲେ କହିବେ କଣ ନାଁ ସବୁ ପଇସା ତ ଡାକ୍ତର ନେଇ ଯାଉଛନ୍ତି ଆଉ ଯାହି ଯେତିକି ପଇସା କର୍ମଚାରୀ ଇଲେକ୍ଟ୍ରି ଘରଭଡା ଅନ୍ୟାନ୍ୟ ଖର୍ଚ୍ଚରେ ଯାଉଛି।

ଏଠିକୁ ଆସିବା ପରେ ସାନ ଭଉଣୀଙ୍କ ସହ ମିତାଲି ବରାବର ଫୋନରେ କଥା ହୁଏ ଧୀରେ ଧୀରେ ସେ ବ୍ୟବଧାନ ବଢିବାକୁ ଲାଗିଥାଏ। ଅଖିଆ ଅପିଆ ଦିନ ତମାମ ରୋଗୀ ସେବାରେ କଟିଯାଏ। ଭୋକ ଉପାସରେ ଦିନେ ଦିନେ ବାନ୍ତି ଲାଗେ ପେଟରେ ଯନ୍ତ୍ରଣା ହୁଏ। ସେଥିରେ ପୁଣି ସରୋଜ ବାବୁଙ୍କ କଟୁ କଥା ବି ଶୁଣିବାକୁ ପଡେ। ଖର୍ଚ୍ଚବାର୍ଚ୍ଚ ଯାଇ ବାପାଙ୍କ ପାଖକୁ ହଜାର ଟଙ୍କା ପ୍ରତି ମାସରେ ପଠାଏ। ଅଳପ ଦିନରେ ଅନେକ କାମ ଶିଖିଯାଇଥିଲ ମିତାଲି। ପ୍ରଥମେ ପ୍ରଥମେ ତ ଖୁବ୍ ଭୟ ଲାଗୁଥିଲା ଧୀରେ ଧୀରେ ଗାଳିମନ୍ଦ ଶୁଣି ସବୁଥିରେ ପାରଙ୍ଗମ ହୋଇଗଲା। ଏଇ ନର୍ସିଂହୋମରେ ଦୁଇଜଣ ସାଙ୍ଗ ବି ମିଳିଯାଇଥିଲେ ସୁଜାତା ଆଉ ନମ୍ରତା। ସେମାନେ ବି ତାରିପରି ଘରପରିବାର ଛାଡି ପେଟପାଟଣା ପାଇଁ ଚାଲିଆସିଥିଲେ ଏ ସହରକୁ। ଏଠି ନିଜର ସଉକ ଆଶା ବୋଲି କିଛି ନଥାଏ ଯାହା ଖାଲି ମୁଣ୍ଡ ଗୁଞ୍ଜିବାକୁ ଖଣ୍ଡେ ସ୍ଥାନ ପେଟକୁ ଦୁଇଓଳି ଆହାର। ନର୍ସିଂହୋମକୁ ଆସୁଥିବା ରୋଗୀମାନେ କେତେବେଳେ କେମିତି ମନ ହେଲେ ୫୦-୧୦୦ ହାତରେ ଗୁଂଜି ଦିଅନ୍ତି। କଟକରେ ଅନେକ ପୂଜାପର୍ବାଣୀ ବେଶ୍ ଯାକଜମକରେ ପାଳନ ହୁଏ ହେଲେ ନର୍ସିଂହୋମ ବାହାରକୁ ଗୋଡ କାଢିବା ଝିଅମାନଙ୍କର ପକ୍ଷେ ଆଦୌ ସମ୍ଭବ ନୁହେଁ। ତିନି ଚାରିମାସରେ ଗାଁ ଯିବାକୁ ଛୁଟି ମିଳେ ସେଥିରେ ପୁଣି ଦୁନିଆ କଥା ଶୁଣିବାକୁ ପଡେ ଡାକ୍ତର ମାନଙ୍କଠାରୁ। ଗାଁର ସେଇ ଚାଳି କୁଡିଆ ଶିବ ମନ୍ଦିର ଆମ୍ବତୋଟା ପୋଖରୀ ଦୋଳ ପଡିଆ କଥା ଭାରି ମନେ ପଡେ। ଗାଁକୁ ଫେରିଲେ ଦିନେ କେଇଟା ନପୁରୁଣୁ ସରୋଜ ବାବଙ୍କ ଫୋନ ପହଞ୍ଚିଯାଏ। ମନରେ ରାଗ ଆସେ ଏ ବଡବଡିଆ ଡାକ୍ତର ଗୁଡାକ ଖାଲି ପଇସାକୁ ଚିହ୍ନନ୍ତି। କେଇ ଜଣଙ୍କ ଖରାପ ନଜର ବି ତାଉପରେ ପଡିଛି। ଅନେକବାର କୌଶଳ କରି ମୁକୁଳେଇ ଆସିଚି ଛିଃ ଭାବିଲେ ସେ ଦିନ ଗୁଡିକ ଦେହ ଶିତେଇ ଉଠେ।

ସେଦିନ ରଜ ଉପଲକ୍ଷେ ସରୋଜବାବୁ ସପରିବାରେ ବିଦେଶ ଭ୍ରମଣରେ ଯାଇଥାନ୍ତି। ଏପଟେ ସ୍ୱଳ୍ପ ରୋଗୀଙ୍କୁ ଦୃଷ୍ଟିରେ ରଖି ହସପିଟାଲର ଅନ୍ୟ କିଛି ବାବୁମାନେ ସୁଯୋଗ ଦେଖି ଧାଇଁଗଲେ ବୁଲାବୁଲିରେ। ଅଚାନକ ର୍ନସିଂହୋମରେ ଦୁର୍ଘଟଣାଗ୍ରସ୍ତ ରୋଗୀଟିଏ ପହଞ୍ଚିଲେ। ରୋଗୀ ଜଣଙ୍କର ବୟସ ପାଖାପାଖି ୩୨-୩୩ ହେବ। ଦେହରେ ଅନେକ ସ୍ଥାନରେ ଖଣ୍ଡିଆଖାବରା କ୍ଷତ ଚିହ୍ନ ଗୋଡହାତରୁ ଝରିପଡୁଥିଲା ଧାରଧାର ରକ୍ତ। ତାଙ୍କ ନିକଟରେ ଅଳ୍ପ କିଛି ସାଙ୍ଗସାଥିଙ୍କୁ ଛାଡିଦେଲେ ନିଜର ବୋଲି କେହି ନଥିଲେ। ନିଜ ଅଭିଜ୍ଞତାକୁ ସାବ୍ୟସ୍ତ କରିବାକୁ ମିତାଲି ପାଇଁ ଇଏ ଏକ ସୁଯୋଗ ଥିଲା। ଚଟାପଟ ଓଟି ଭିତରକୁ ପ୍ରବେଶ କରାଇ ଡାକ୍ତରଙ୍କୁ ରିଙ୍ଗକଲା। ପ୍ରାୟ ଦେଢଘଣ୍ଟା ସମୟ ଲାଗିଗଲା ଓଟି ଭିତରେ। କାହିଁ କେଜାଣି ମିତାଲି ଯୁବକଙ୍କ ପ୍ରତି ବେଶୀରୁ ବେଶୀ ଦରଦି ହୋଇଯାଇଥିଲା ସେଦିନ। ଏଠି ରହିବା ଦିନରୁ ଏପରି କେବେ ବି ସେ ଅନୁଭବ କରିନଥିଲା। ପ୍ରାଥମିକ ଚିକିତ୍ସା ପରେ ମିତାଲି ଟିକେ ଅଧିକ



ଯତ୍ନ ନେବାକୁ ଲାଗିଥାଏ। ଦିନେ ଦୁଇଦିନ ପରେ ଯୁବକଟି କଥାବାର୍ତ୍ତା କରିବାକୁ ସକ୍ଷମ ହେଲେ। ସେ ଭଲଭାବରେ ଜାଣୁଥିଲେ ନର୍ସିଂହୋମର ଏଇ ଦିଦି ତାଙ୍କର ପାଖେ ପାଖେ ରହି ଯତ୍ନ ନେଉଛନ୍ତି। ସେଦିନ ମିତାଲି ଔଷଧ ଦେବାକୁ ପ୍ରସ୍ତୁତ ହେଉଥାଏ ଯୁବକଟି ଅଚାନକ ଏକ ପ୍ରଶ୍ନ ରଖିଲେ। ତୁମ ନାଁ କଣ। ଏଣୁତେଣୁ କହି ମିତାଲି କଥାର ମୋଡ ବଦଳାଇବାକୁ ଚେଷ୍ଟାକଲା ଯୁବକ ଏଥର ନିଜ ନାଁଟି କହିଲେ ମୁଁ ଅନିକେତ। ମିତାଲିକୁ ଟିକେ ନର୍ଭସ ଲାଗିଲା ବୋଧେ ଏକ ନିଶ୍ୱାସରେ ବାହାରି ଆସିଲା ସେଠାରୁ। ସେଦିନ ରାତିରେ ଅନିକେତଙ୍କୁ ନିଜ ନାଁ କହିନଥିବାରୁ ଭାରି ଅଡୁଆ ଅଡୁଆ ଲାଗୁଥାଏ। ପୁଣି ମନକୁ ବୁଝାଇଲା ସାଧାସିଧା ହସକୁରା ପିଲାଟି ଭଦ୍ର ବ୍ୟବହାର ନାଁ କହିଦେଲେ କଣ ବା ଭାସିଯାଉଛି। ତହିଁଆର ଦିନ ସକାଳୁ ସକାଳୁ ଧାଇଁଯାଇଥିଲା ଯୁବକ ପାଖକୁ ଅଳ୍ପ ହସି ସୁପ୍ରଭାତ ଜଣାଇ ନିଜ ନାଁଟା କହିଦେଲା। ଅନିକେତ ସଙ୍ଗେ ସଙ୍ଗେ କହିଲେ ଭେରି ନାଇସ ନେମ୍। ଦିନ କେଇଟାରେ ଅନିକେତଙ୍କ ସହ ମିତାଲିର ଭିନ୍ନ ଏକ ସମ୍ପର୍କଟିଏ ଗଢିଉଠିଲା। ସମୟ ସୁଯୋଗ ଦେଖି ଅନିକେତ ସେଦିନ କହିଦେଇଥିଲେ ମୁଁ ତୁମକୁ ଭଲପାଏ। ଏବେ କିଛିଦିନ ହେବ ଅନିକେତଙ୍କ କ୍ୟାବିନ ଛାଡି ମିତାଲି ଅନ୍ୟ କେଉଁ ଆଡେ ଯାଉନଥିଲା। ଅନିକେତଙ୍କୁ ଘଡିଏ ନଦେଖିଲେ ତା ମନ ଭଲ ଲାଗେନି। ବିଳମ୍ବରେ ହେଉପଛେ ସେଦିନ ଅନିକେତ୍ଙ୍କ ବାପା ବିଶ୍ୱନାଥବାବୁ ପହଞ୍ଚିଲେ ହସପିଟାଲରେ। ଗତ କିଛିଦିନ ହେବ ନିଜ କମ୍ପାନି କାମରେ ବିଦେଶରେ ଫଶିଯାଇଥିଲେ। ପୁଅ ପାଖରୁ ସବୁକଥା ଶୁଣି ବିଶ୍ୱନାଥବାବୁ ମିତାଲିକୁ ଅନେକ ଅନେକ ଧନ୍ୟବାଦ ଦେଲେ। ଅନିକେତ ଡିସଚାର୍ଜ ହେବା ଦିନ ମିତାଲିକୁ ଚୁପ୍ କିନା କହିଗଲା ବ୍ୟସ୍ତ ହେବନି ମୁଁ ଆସିବି ବହୁତ ଜଲ୍ଦି। ଚେକ୍ ଅପ ବାହାନାରେ ଅନିକେତ ମଝିରେ ମଝିରେ ଚାଲି ଆସନ୍ତି ନର୍ସିଂହୋମ। ବେସ୍ କିଛି ସମୟ ଦିହିଁଙ୍କର ଦୁଖଃସୁଖ ଚାଲେ। ସମସ୍ତ କଳ୍ପନାଜଳ୍ପନାର ଅବସାନ ଘଟାଇ ଦିନେ ଅନିକେତଙ୍କ ବାପା ପହଞ୍ଚିଗଲେ ନର୍ସିଂହୋମରେ। ମା ବୋଲି ସମ୍ବୋଧନ କରି ଘର କଥା ପଚାରିଲେ। ଆଉ ତାପରେ ସିଧାସଳଖ କହିଲେ ମୋ ପୁଅ ତତେ ବହୁତ ଭଲପାଏ ଆଉ ମୁଁ ତତେ ବୋହୁ କରିବାକୁ ଚାହୁଁଛି। ଏତକ ଶୁଣୁ ଶୁଣୁ ଲାଜେଇଗଲା ମିତାଲି। ଦୁଇ ନୟନରୁ ଝରି ଆସିଲା କେଇବୁନ୍ଦା ଅଶ୍ରୁ ଧାର ଯାହା ଦର୍ଶାଉଥାଏ ଦୁଃଖର ନୁହେଁ ବରଂ ଆନନ୍ଦର। ଶୁଭଖବରଟି ବିଶ୍ୱାନାଥବାବୁ ସଙ୍ଗେ ସଙ୍ଗେ ମିତାଲିଙ୍କ ବାପାଙ୍କୁ ଜଣେଇଦେଲେ। ହାଲୁକା ପବନ ଛୁଆଁରେ ଦୀର୍ଘ ଭାବନାରେ ପଡିଗଲା ପୂର୍ଣ୍ଣଚ୍ଛେଦ୍। ମିତାଲିର ନଜର ଟାଣିନେଲା ଝରକା ସେପଟ ଅନ୍ଧକାର ଆଡକୁ। ରାତି ପାହିବାକୁ ଆହୁରି ଢେର ସମୟ ବାକିଥାଏ। ଧୀରେ ଧୀରେ ଆଖି ଯୋଡିକ ଆପେ ଆପେ ମୁଦିଆସିଲା।

# ଅଘଟଣ



**ପ୍ରଫୁଲ୍ଲ ବାରିକ**
ଚନ୍ଦନବିନ୍ଧା, ଚାନ୍ଦବାଲି, ଭଦ୍ରକ
ମୋ:୯୨୩୮୯୨୦୪୦୫

ଠିକ ଗାଧୁଆ ବେଳକୁ ଖବର ପହଂଚିଲା ଗାଁରେ, ଯେ ନରିକୁ ଧରି ନେଇଛି ପୁଲିସ। ନରି ଏବେ ଥାନାରେ, ପୁଲିସ ହାଯତରେ । ଭାଗ୍ୟକୁ ଗାଧୁଆ ବେଳ । ଦୁଃଖଧନ୍ଦା ସାରି ସମସ୍ତେ ଥିଲେ ଗାଁ'ରେ । କେଡେ ବଡ଼ ଅଘଟଣ ! ପୂରା ପଞ୍ଚାୟତରେ ଗାଁ ତାଙ୍କର ନିଆରା । ପୁରୁଷ ପୁରୁଷର ପରମ୍ପରା । ଆଜି ଭାଙ୍ଗିଗଲା। ନା କଳି ଝଗଡ଼ାରେ କେହି ଯାଇଥିଲେ ଥାନା ଦୁଆରକୁ, ନା ପୁଲିସ ମାଡିଥିଲା ଗାଁ'ମାଟି । ଯା'ହୁଏ, ମେଣ୍ଟେ ଗାଁ'ରେ । ମୁଖିଆ ମେଣ୍ଟାନ୍ତି ଅପରାଧ ଯେଡ଼େ ହଉ ପଛେ । ମାନି ନିଅନ୍ତି ମୁଖିଆଙ୍କୁ ସମସ୍ତେ। ପରମ୍ପରା ଭାଙ୍ଗି ପୁଲିସ ଧରି ନେଇଛି ନରିକୁ। ସିଏପୁଣି ଆଉ କିଏ ହେଇଥିଲେ କଥା ବିଶ୍ୱାସଯୋଗ୍ୟ ହେଇଥାନ୍ତା। ନରି ମାଛିକୁ ମ'କୁହେନା । ପରଧନ ପ୍ରତି ନଜର ନାଇଁ ତାର। ନିଜ ଦୁଃଖରେ ସଦା ବ୍ୟସ୍ତ ମହୁମାଛିଟିଏ ପରି । ତାକୁ ପୁଣି ବାନ୍ଧିଲା ପୁଲିସ। କାଇଁକି, ଖାମକାତ ହବନି.. ?

ସମସ୍ତେ ରୁଣ୍ଡ ହେଲେ ଯାଇ ନରି ଦୁଆରେ। ପଚରାଗଲା ତା ଘରଣୀକୁ ଡାକି। ସିଏବି ଅଜଣା। ତା କହିବାର କଥା, ପିଠା ଚା ଖାଇ ଆଠଟାକୁ ଦାଆ ବାଉଙ୍ଗୀ ଧରି ଯାଇଥିଲେ ଘାସ ଭାରେ ଆଣିବାକୁ ବିଲକୁ । ଭୋଦୁଅ ମାସ ଖରା। ଦିନ ଦଶ ହଉହଉ ଅନେଇ ହଉନି ଆକାଶକୁ । ବେଳାବେଳି ଘାସଭାରେ ଗାଇଙ୍କ ପାଇଁ ନେଇଆସିଲେ ଦିନକର ଚିନ୍ତା ଗଲା । ସେଇଆ ଭାବି ସଅଳେ ସଅଳେ ଯାଇଥିଲେ । ଆସି ଦିନ ଗଡିବାକୁ ବସିଲାଣି । ଲୋକର ଦେଖା ନାଇଁ।

ମୁଖିଆ କହିଲେ ମୁଁ ଭଲକି ଜାଣେ, ଘାସ କଟା ବାହାନା। ଅସଲରେ ବିଲରୁ ଘେରେ ବୁଲି ନଆସିଲେ ତା ମନ ଥୟ ହୁଏନା। ଏବର୍ଷ ଧାନ ହବାକୁ, ଦି'ମାଣ କରିଥିଲା ଭାଗକୁ ଅଧିକା। ବିଲରେ ଧାନ ଦେଖି ତା ପେଟ ପୁରୁଥିଲା। ପବନରେ ଢେଉ ଭାଙ୍ଗୁଛି ସବୁଜିମା। ଯିଏବି ହେଲେ ଅନେଇବ ଘଡିଏ। ଇମିତି ଧାନ କେବେ ହେଇନି। ନରି କହୁଥିଲା, ଏସନ ଯାହା ପାଇବ, ଖାଇବାକୁ ପାଞ୍ଚ ଦଶ ବସ୍ତା ରଖି, ମପେଇଦେବ ସୋସାଇଟିକୁ । ସେଇ ଟଙ୍କାରେ ଧୂଳୀହାତ ପାଣିହାତ କରି ଝିଅକୁ ବିଦା କରିବ । ଆଉ ଅଧିକ ଦିନ ରଖିବ ନାଇଁ ।

ନରି ଘରଣୀଠୁ ସଠିକ କିଛି ନଶୁଣି ଗୋଟା ଗାଁ'ର ଟୋକାଠୁ ବୁଢ଼ା ଧାଇଁଲେ ଥାନାକୁ । ଏତେଗୁଡା ଲୋକଙ୍କୁ ଏକତ୍ର ଦେଖି ଥାନାବାବୁ ପ୍ରଥମେ ହଡବଡ଼େଇ ଗଲେ । ସମସ୍ତଙ୍କୁ ଚୁପ ବସିବାକୁ କହି ମୁଖିଆ ଏକା କଥା ହେଲେ ଥାନାବାବୁଙ୍କ ସହ । ଦେଖିଲେ ହାଜତର ଲୁହା ଘେର ଭିତରେ କାକୁସ୍ତ ହେଇ



ବସିଛି ନରି । ଥାନା ବେଞ୍ଚରେ ବସିଥିବା ଦୁଇଜଣ ପୁଅ ଝିଅଙ୍କୁ ଦେଖେଇ ଥାନାବାବୁ କହିଲେ, ଏମାନେ ଭାଇ ଭଉଣୀ। ସାଇକେଲରେ ଯାଉଥିଲେ ଭଉଣୀ ଘରକୁ ତମ ଗାଁ ପଦାବାଟ ଦେଇ। ନରି ବସିଥିଲା ଘାସଭାର ଥୋଇ। ଅକସ୍ମାତ ଉଠି ଅଟକେଇଲା ଏଙ୍କୁ । ନମାନିବାରୁ ବାଉଙ୍ଗି କାଢି ଦେଲା ପୁଅଟାକୁ ଦି'ପାହାରେ ଯେ ସାଇକେଲ ଛାଡି ଦୌଡ଼ି ଦୌଡ଼ି ଆସି ସେମାନେ ଥାନାରେ। ବାଇକ ଧରି ତୁରନ୍ତ ଆମେ ଯାଇ ଦେଖିଲୁ ସିମିତି ସିଏ ବସିଛି । ପଚାରିବାରୁ ଓଲଟି କହୁଛି ସେମାନେ ଆସିଲେ ପୁଣି ପିଟିବ । ସେଇଠୁ ତାକୁ ନେଇ ଆସିଚୁ। ଲୋକଟାର ମଥା ଠିକ ନଥିଲା ପରି ଲାଗୁଚି ।

ମୁଖିଆ ଛେପ ଢ଼ୋକି ଦଣ୍ଡେ ଚିନ୍ତାକଲେ। ତାଙ୍କ କପାଳର କୁଞ୍ଚନ କହୁ ଥିଲା ସେ ଚିନ୍ତାରେ ବୁଡି ରହିଛନ୍ତି। ଥାନା ବାବୁଙ୍କ ସମ୍ମତିରେ ସେ ଭେଟିଲେ ଯାଇ ନରିକୁ । ନରି ମୁହଁରେ ଟିକେବି ଦୁଃଖ, କି ଅନୁସୋଚନାର ଚିହ୍ନବି ଦେଖିଲେନି । ଖୁସିରେ ନରି କହିଲା, ମୁ ନପିଟିଥିଲେ ଝିଅକୁ ସେ ଟୋକା ନେଇ ଯାଇଥାଆନ୍ତା। ନେଇ..... ସେଇଠୁ ନରିର ଆଖି ଢଳ ଢଳ ହେଇ ଆସିଲା । ସେ ଚୁପ ରହିଲା । ମୁଖିଆଙ୍କୁ ବୁଝିବାକୁ କିଛି ବାକି ରହିଲାନି । ନରିକୁ ଶାନ୍ତ୍ୱନା ଦେଇ ସେ ଆସିଲେ ଥାନା ବାବୁଙ୍କ ଟେବୁଲ ପାଖକୁ । ଯୋଡହସ୍ତ ହେଇ କହିଲେ, ଯାହା ଆପଣ ଭାବିଛନ୍ତି ତାକୁ, ସେ ସେଇଆ ନୁହେଁ । ମାଛିକୁ ମ'କହୁ ନଥିବା ଶାନ୍ତ ନିରୀହ ମଣିଷଟି ଆମ ଗାଁରେ। ଯାହା ସିଏ କରିଛି, ତାର ପାଗଳାମିରୁ। ମତିଭ୍ରମରୁ । ଆପଣ, ମୁଁ ଯିଏବି କରିଥାନ୍ତେ ସେଇ ଏକା କାମ ।

----- କଣ ଆପଣ କହୁଛନ୍ତି, ସିଧା ଖୋଲିକି କୁହନ୍ତୁ । କାଇଁକି ସିଏ ପିଟିଲା ତାଙ୍କୁ ବିନା ଦୋଷ, ବିନା କଥାରେ ?

ପୁଲିସିଆ ଠାଣିରେ ପଚାରିଲେ ଥାନାବାବୁ।

ଶୁଣନ୍ତୁ ସାର,ମୁଖିଆ କହିଲେ,ମାସକ ତଳେ ଦୁର୍ଘଟଣାଟିଏ ଘଟି ଯାଇଛି ଆମ ଗାଁରେ । ଆଉ କଉଠି ହେଇଥିଲେ ଏଇନେ ଉଠୁଥା'ନ୍ତା ପଡୁଥାଆନ୍ତା ଗୋଟା ମୂଲକ । ଆଖି ଲୁହକୁ ପାଟିରେ ଚୁସି ଆମେ ଚପେଇଲୁ ଦୁଃଖକୁ ବୁକୁତଳେ।

----- କଣ ହେଇଥିଲା କୁହନ୍ତୁ ?

---- ନରି ଝିଅ ପାଖ କଲେଜରେ ପଢେ। ଟିଉସନ ସାରି ସେଦିନ ଫେରୁଥିଲା ସେଇ ପଦା ବାଟେ। ଟିକେ ସଞ୍ଜ ହେଇ ଆସୁଥିଲା। ଗାଁ ପଦାତ, ସିମିତି ଭୟ ଛୁଇଁ ନଥିଲା ମନକୁ । ହଠାତ ପଛପଟୁ ବାଇକରେ ଆସିଲେ ଟୋକା ଦିଇଟା । ବାଇକ ରଖି ଟେକି ନେଲେ ତାକୁ କିଆବାଡ଼ ସେପଟକୁ । ବାଳାତ୍କାର କରି ଛାଡି ପଳେଇଲେ । କ୍ଷତବିକ୍ଷତ ଶରୀରରେ ଅନ୍ଧାରରେ ଘୁଷୁରି ଘୁଷୁରି ସେ ପହଂଚିଲା ଘରେ। ଥାନାରେ ଏଥିପାଇଁ ଦେଲୁନାଇଁ ଯେ ଝିଅ ବଂଚିଛି । ଆଜିର କ୍ଷତ କାଲିକୁ ନଥିବ। ଜୀବନ ସେ ଜିଇବ, ନା ନାଇଁ ? କିଏ ବାହାହବ କଥା ପ୍ରଘଟ ହେଇଗଲେ ? ଥାନାକୁ ଗଲେ କମ୍ପିବ ଦେଶ। ମିଡ଼ିଆ ଅନେଇଛନ୍ତି ଖବରକୁ । ଝିଅ କଣ ଫେରି ପାଇବା ତା ହଜିଲା ଧନ ? ବରଂ ହବ ସମସ୍ତଙ୍କ ଘୃଣାର ପାତ୍ର । ଏ ସମାଜ ବୁଝିବ କି ? ଇମିତି ସେବେଠୁ ସିଏ ବସିଛି ମୌନ ହେଇ। କାହାରିକୁ କିଛି କହୁ ନାଇଁ । ଗୋଡ଼େ ଗୋଡ଼େ ତା ମାଆ ଜଗିଛି ତାକୁ । କିଛି ଭରସା ନାଇଁ କେତେବେଳେ କଣ ଘଟିଯିବ । ବାପ ମାଆ ଉଭୟେ ଏକ ପ୍ରକାରେ ପାଗଳ ସେବେଠୁ। ଜୀବ ଥିବାରୁ କରିଧରି ଗଣ୍ଡେ ନାଁ'କୁ ଖାଉଛନ୍ତି । ଗୋଟିଏ ବୋଲି ଝିଅ । ତା ଦୁର୍ଦ୍ଦିନରେ ଛାତିରେ ପଥର ରଖି ବାଟ ଚାଲିଛନ୍ତି। ସେବେଠୁ, ଏକଲା ହେଇ କୋଉଠି ପୁଅ ଝିଅ ଯୋଡିଙ୍କୁ ଦେଖିଲେ ତା ମୁଣ୍ଡକୁ ଓହ୍ଲେଇ ଆସୁଚି ବିଷ । ରଖି ପାରୁନି ନିଜକୁ ନିଜ ଅକ୍ତିଆରରେ । ଆଜିର ଅଘଟଣ ସାର ଅନ୍ୟ କିଛି ନୁହେଁ । ଖାସ ସେଇ କାରଣରୁ । ତାକୁ ଛାଡି ଦିଅନ୍ତୁ । ଆମେ ଗାଁ'ବାଲା କଥା ଦଉଚୁ, ଏଣିକି ପାଦେ ପାଦେ ଜଗିବୁ ତାକୁ । ଛାଡିବୁ ନାଇଁ ଗାଁ ବାହାରକୁ ଏକଲା ।

ମୁଖିଆ ସବୁ କହିସାରି ଅପେକ୍ଷାରେ ରହିଲେ ଥାନା ବାବୁଙ୍କ ନିଷ୍ପତ୍ତିକୁ । ଥାନା ବାବୁ କହିଲେ, ଏତେବଡ ଦୁର୍ଘଟଣାକୁ କିମିତି ଚାପି ଦେଲ ଗାଁ ଲୋକେ ମିଶି ?

---- ଦେଖନ୍ତୁ ସାର, ଟୋକା ଦିଇଟା ଅପରାଧ ଘଟେଇ ଫେରାର ହେଇଗଲେ । ଝିଅବି ଚିହ୍ନେନା ତାଙ୍କୁ । କୋଉଠି ଖୋଜି ଥାଆନ୍ତେ? ଆଉ ପାଇଥିଲେ ଫେରି ଥାଆନ୍ତା କି ଝିଅର ଇଜ୍ଜତ ? କଣ ସବୁ ହଉଛି ଖବର କାଗଜରୁ ଆମେ ପଢୁନୁକି ? ଖାଲି ଖବର ବ୍ୟାପିବା ଛଡା ଅନ୍ୟ କିଛି ନୁହେଁ । ସେୟା ଭାବି ଆମେ ଦୁଃଖକୁ ପିଇ ଚୁପ ରହିଲୁ । ଖାସ ଝିଅଟାର ଜୀବନ ପାଇଁ।

ଥାନା ବାବୁ ଟିକେ ନରମି ଗଲେ ହାଜତ ପାଖକୁ । ପୁଅଟାକୁ ପାଖକୁ ଡାକି ନରିକୁ କହିଲେ କ୍ଷମା ମାଗିବାକୁ ଭୁଲ ପାଇଁ । ମୁଖିଆ ଠାରିଲେ ନରିକୁ । ନରି ହାତଯୋଡି କହିଲା, କ୍ଷମା କରିବେ ମୋତେ । ମୋର ଭୁଲ ହେଇଚି।

ଝିଅଟା ଶୁଣି ସାରିଥିଲା ମୁଖିଆଙ୍କ ଗୋଟା ବିବରଣୀ । କନେଷ୍ଟବଳ ଗାରଦ ଖୋଲୁଥିବା ବେଳେ ଝିଅଟା ନରି ପାଖକୁ ଯାଇ ଯୋଡହସ୍ତେ କହିଲା, ତମର କିଛି ଭୁଲ ହେଇନି। ଯାହା କଲ, ଯିଏବି ତମ ପରିସ୍ଥିତିରେ କରିଥାନ୍ତା। ଦୁଃଖ କରନା। ଭଲରେ ଯାଆ ଘରକୁ। ଆମେ ଦୁଃଖିତ ତମକୁ ଥାନାକୁ ଆଣି । ଆମକୁ ପାରତ କ୍ଷମା କରି ଦେବ ।

ସମସ୍ତେ ଶୁଣୁ ଥାଆନ୍ତି ଝିଅର କଥାକୁ କାନ ଡେରି ।

# ଓଡ଼ିଶା ବିଜ୍ଞାନ ଏକାଡେମୀ ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର,୦୩/୦୪ (ନି.ପ୍ର): ବିଜ୍ଞାନ ଶିକ୍ଷାକୁ ଅଧିକ ସଶକ୍ତ କରିବା ପାଇଁ ବିଜ୍ଞାନ ଓ କାରିଗରୀ ବିଭାଗ ପକ୍ଷରୁ ଓଡ଼ିଶାର ଛାତ୍ରଛାତ୍ରୀମାନଙ୍କୁ ପରିଦର୍ଶନ କରିବା ନିମନ୍ତେ 'ଇସ୍ରୋ' ଓ 'ନାସା'କୁ ପଠାଇବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ପ୍ରକାଶ କରିଛନ୍ତି । ଓଡ଼ିଶା ବିଜ୍ଞାନ ଏକାଡେମୀର ପ୍ରତିଷ୍ଠା ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ପଣ୍ଡା କହିଛନ୍ତି ଯେ ରାଜ୍ୟରେ 'ମୋ ସ୍କୁଲ' ଯୋଜନାରେ ଆଦର୍ଶ ବିଦ୍ୟାଳୟଗୁଡ଼ିକର ବିଜ୍ଞାନ ଓ ଗଣିତ ଶିକ୍ଷକମାନଙ୍କୁ ଉଚ୍ଚତର ତାଲିମ ଦିଆଯିବା ସହିତ ଛାତ୍ରଛାତ୍ରୀମାନଙ୍କୁ ବିଜ୍ଞାନ ଶିକ୍ଷା ପ୍ରତି ଅଧିକ ଆକୃଷ୍ଟ କରିବା ନିମନ୍ତେ ସରକାର କାର୍ଯ୍ୟ କରୁଛନ୍ତି । ମନ୍ତ୍ରୀ ଶ୍ରୀ ପଣ୍ଡା କହିଛନ୍ତି ଯେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଜ୍ଞାନର ଲୋକପ୍ରିୟତା ବୃଦ୍ଧି ଓ ଉପଯୋଗର ପ୍ରସାର ନିମନ୍ତେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି । ରାଜ୍ୟର ସମସ୍ତ ଜିଲ୍ଲାରେ ବିଜ୍ଞାନ କେନ୍ଦ୍ର ଏବଂ ୬ଟି ଜିଲ୍ଲାରେ ପ୍ଲାନେଟୋରିୟମ୍ ପ୍ରତିଷ୍ଠା କରାଯିବ ବୋଲି ସେ ଉଲ୍ଲେଖ କରିଥିଲେ । ଇମେଜ୍ ଅନୁଷ୍ଠାନର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ସମାରୋହରେ ଆଂଚଳିକ ଭେଷଜ ବିଜ୍ଞାନ ପ୍ରତିଷ୍ଠାନର ନିର୍ଦ୍ଦେଶିକା ଡ. ସଂଘମିତ୍ରା ପତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ତାଙ୍କ ବକ୍ତବ୍ୟ ରଖିଥିବାବେଳେ ଏକାଡେମୀର ସଭାପତି ପ୍ରଫେସର ବିଭୂତିଭୂଷଣ ମିଶ୍ର ଅଧ୍ୟକ୍ଷତା କରିଥିଲେ । ଏହି କାର୍ଯ୍ୟକ୍ରମରେ ଖ୍ୟାତିସଂପନ୍ନ ବୈଜ୍ଞାନିକ ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା, ଡ. ବେଦାଙ୍ଗ ଦାସ ମହାନ୍ତି, ପ୍ରଫେସର ଜ୍ୟୋତିର୍ମୟୀ ଦାଶ, ଡ. ଜ୍ୟୋତିରଞ୍ଜନ ଏସ୍. ରାୟ, ଡ. ମାମୋନୀ ଦାଶ ଓ ପ୍ରଫେସର ନାରାୟଣ ପ୍ରଧାନଙ୍କୁ ସେମାନଙ୍କ ଉଲ୍ଲେଖନୀୟ ଅବଦାନ ନିମନ୍ତେ ମାନପତ୍ର ଓ ଉପଢୌକନ ସହ ମନ୍ତ୍ରୀ ଶ୍ରୀ ପଣ୍ଡା ସମ୍ମାନିତ କରିଥିଲେ । ଏକାଡେମୀ ଦ୍ୱାରା ପ୍ରକାଶିତ 'ବିଜ୍ଞାନ ଦିଗନ୍ତ'(ଓଡ଼ିଆ) ଓ 'ସାଇନ୍ସ ହୋରାଇଜନ୍'(ଇଂରାଜୀ) ପତ୍ରିକା ଉନ୍ମୋଚିତ ହୋଇଥିଲା । ପୂର୍ବରୁ ଅନୁଷ୍ଠିତ ପ୍ରବନ୍ଧ, ପ୍ରକଳ୍ପ ନିର୍ମାଣ, ତର୍କ, ଚିତ୍ରାଙ୍କନ ଏବଂ କୁଇଜ୍ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।

ଏହା ପୂର୍ବରୁ ଦୁଇଦିନ ଧରି ବିଜ୍ଞାନ ଶିକ୍ଷକ ଓ ଛାତ୍ରଛାତ୍ରୀମାନଙ୍କ ଭାବବିନିମୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ବିଶ୍ୱରଞ୍ଜନ ସାସମଲ, ବିଜ୍ଞାନ ଓ ବୈଷୟିକ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଲକ୍ଷ୍ମୀଧର ଦାସ, ବିଶିଷ୍ଟ ଭୂବିଜ୍ଞାନୀ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ଶ୍ରୀରୂପ ଗୋସ୍ୱାମୀ, ଉଦ୍ୟାନବିତ୍ ଜୟନ୍ତ ଜେନା, ଭୁବନେଶ୍ୱର ପ୍ଲାନେଟୋରିୟମ୍ ର ଉପନିର୍ଦ୍ଦେଶକ ଡ. ଶୁଭେନ୍ଦୁ ପଟ୍ଟନାୟକ, ବରିଷ୍ଠ ବୈଜ୍ଞାନିକ ଲକ୍ଷ୍ମୀନାରାୟଣ ପାଢ଼ୀ, ଏକାଡେମୀ ପତ୍ରିକାର ସଂପାଦକ ଡ. ମୁରାରୀ ମୋହନ ଦାସ ଓ ଇଂ. ମାୟାଧର ସ୍ୱାଇଁ ପ୍ରମୁଖ ବକ୍ତବ୍ୟ ରଖି ବିଦ୍ୟାର୍ଥୀ ଓ ଶିକ୍ଷକମାନଙ୍କର ବିଭିନ୍ନ ପ୍ରଶ୍ନର ଉତର ଦେଇଥିଲେ। ଏକାଡେମୀ ସଂପାଦକ ଇ. ନରେନ୍ଦ୍ର କୁମାର ପଣ୍ଡା ସମସ୍ତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ।

# ଆହାର କେନ୍ଦ୍ର ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର,୦୩/୦୪ (ନି.ପ୍ର): ଗତକାଲି ରାଜ୍ୟବ୍ୟାପି ଆହାର କେନ୍ଦ୍ର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ୨୦୧୫ ମସିହା ଏପ୍ରିଲ ପହିଲାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରେ ଆହାର ଯୋଜନାର ଶୁଭାରମ୍ଭ କରିଥିଲେ । ଏହି ଯୋଜନାର ମୂଳ ଲକ୍ଷ୍ୟ ଥିଲା ଗରିବ ଓ ଅଭାବୀ ଲୋକଙ୍କୁ ଶସ୍ତାରେ ଉନ୍ନତମାନର ଖାଦ୍ୟ ଯୋଗାଇଦେବା ବିଶେଷକରି ଡାକ୍ତରଖାନା, ବସଷ୍ଟାଣ୍ଡ, ରେଲଷ୍ଟେସନ ଓ ବଡ ବଡ ସହରକୁ ଆସୁଥିବା ଲୋକ ଖାଦ୍ୟ ପାଇଁ ହଇରାଣ ହରକତ ହେବା ସହିତ ଠକାମିରେ ପଡୁଥିଲେ । ଅନେକ ସମୟରେ ନିମ୍ନମାନର ଖାଦ୍ୟ ଖାଇ ରୋଗାକ୍ରାନ୍ତ ବି ହେଉଥିଲେ । ଇତି ମଧ୍ୟରେ ରାଜ୍ୟରେ ୫ଟଙ୍କିଆ ଆହାର ଖାଉଥିବା ଲୋକଙ୍କ ସଂଖ୍ୟା ୧୨ କୋଟି ଟପିଛି । ଗତ କାଲି ଆହାର କେନ୍ଦ୍ର ୭ବର୍ଷ ପୂରଣ କରିଥିବାବେଳେ ଏହି ସମୟରେ ବିଭିନ୍ନ ଆହାର କେନ୍ଦ୍ରରେ ୧୨ କୋଟିରୁ ଅଧିକ ୫ଟଙ୍କିଆ ଭାତ-ଡାଲମା ମିଲ୍ ଯୋଗାଇ ଦିଆଯାଇଛି ।

ଇତି ମଧ୍ୟରେ ରାଜ୍ୟର ୩୦ଟି ଜିଲ୍ଲାରେ ୧୬୭ଟି ଆହାର କେନ୍ଦ୍ର ଖୋଲିଥିବାବେଳେ ଏଥିରୁ ୫୮ଟି ଉଭୟ ଦିନ ଓ ରାତି ବେଳା ଲୋକଙ୍କୁ ଖାଦ୍ୟ ଯୋଗାଉଛି । ଏହି ସମସ୍ତ ଆହାର କେନ୍ଦ୍ରର ପରିଚାଳନା ଭାର ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠି, ମିଲର୍ସ ମାଲିକ ସଂଘ ଆଦିଙ୍କ ଦ୍ୱାରା ଚଳାଯାଉଥିବାବେଳେ ଏଥିପାଇଁ ୩୮ଟି କେନ୍ଦ୍ରୀୟ ପାକଶାଳା ରହିଛି । କେନ୍ଦ୍ରୀୟ ପାକଶାଳା ଓ ଆହାର କେନ୍ଦ୍ର ମଧ୍ୟରେ ଖାଦ୍ୟ ପରିବହନ ବ୍ୟବସ୍ଥାକୁ ସୁସଂଗଠିତ କରିବାପାଇଁ କର୍ତ୍ତୃପକ୍ଷ ସେଗୁଡିକୁ ଜିଓ ଟ୍ୟାଗିଙ୍ଗ୍ କରିଛନ୍ତି । ଫଳରେ କେତେବେଳେ ସାମଗ୍ରୀ ଆସି କେଉଁଠାରେ ପହଂଚିଲା ସୂଚନା ମିଳିପାରିବ । ତେବେ ଉନ୍ନତମାନର ଖାଦ୍ୟ ପରିବେଷଣ ସହିତ ଆନୁଷଙ୍ଗିକ ଭିତ୍ତିଭୂମି ପାଇଁ ସମସ୍ତ ପାକଶାଳା ଓ ଆହାର କେନ୍ଦ୍ରକୁ ଆଇଏଏସ୍‌ଓ ପ୍ରମାଣପତ୍ର ମିଳିଛି । ଆହାର କେନ୍ଦ୍ରର ପରିଚାଳନା ଭାର ମହିଳାଙ୍କ ହାତରେ ଦିଆଯାଇଥିବାବେଳେ ଆହାର କେନ୍ଦ୍ରରେ ବ୍ୟବହାର ହେଉଥିବା ଆଚାର ପ୍ରସ୍ତୁତିରେ ବି ମହିଳା ଗୋଷ୍ଠି ନିୟୋଜିତ ହୋଇଛନ୍ତି । ଆହାର କେନ୍ଦ୍ରରେ ଗୋଟିଏ ମିଲ୍ ପାଇଁ ହିତାଧିକାରୀ ୫ଟଙ୍କା ଦେଉଥିବାବେଳେ ରାଜ୍ୟ ସରକାର ଖାଦ୍ୟ ଯୋଗାଉଥିବା ସଂସ୍ଥାକୁ ମିଲ୍ ପିଛା ୨୩ଟଙ୍କା ଯୋଗାଇ ଦେଉଛନ୍ତି ।

ଲକଡାଉନ୍ ଓ ସଟ୍ ଡାଉନ୍ ସମୟରେ ରୋଗୀଙ୍କ ସମ୍ପର୍କୀୟଙ୍କ ଠାରୁ ଆରମ୍ଭ କରି ଦିନ ମଜୁରିଆଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଆହାର କେନ୍ଦ୍ର ଖାଦ୍ୟ ଯୋଗାଇବାରେ ସମର୍ଥ ହୋଇଥିଲା । ତେବେ ସାତବର୍ଷ ପୂରଣ କରିଥିବା ଆହାର କେନ୍ଦ୍ର ଗୁଡିକ ଆଗାମୀ ଦିନରେ ଅଧିକରୁ ଅଧିକ ମହିଳା ଗୋଷ୍ଠିଙ୍କ ହାତକୁ କାମ ଯୋଗାଇବାର ଲକ୍ଷ୍ୟ ରଖିଥିବା ଜଣାଯାଇଛି ।

# ବିଶ୍ୱ ଅଟିଜିମ୍ ସଚେତନତା ଦିବସ ପାଳିତ

ଭୁବନେଶ୍ୱର,୦୩/୦୪ (ନି.ପ୍ର): ସ୍ୱପରାୟଣତା (ଅଟିଜିମ୍) ସ୍ନାୟବିକ ସମସ୍ୟା କାରଣରୁ ସାମାଜିକ ଭାବବିନିମୟ ଏବଂ ଯୋଗାଯୋଗ ଅସୁବିଧା ଭୋଗୁଥିବା ଲୋକମାନଙ୍କୁ ସମସ୍ତେ ବୁଝିବା ଆବଶ୍ୟକ। ସେମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ନିମନ୍ତେ ସଚେତନତା ଓ ବିଭିନ୍ନ ପଦକ୍ଷେପର ରୂପାୟନ ଦରକାର ବୋଲି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ପ୍ରକାଶ କରିଛନ୍ତି । ବିଶ୍ୱ ଅଟିଜିମ୍ ସଚେତନତା ଦିବସ ଅବସରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ପକ୍ଷରୁ ଆଜି ସକାଳେ ଆୟୋଜିତ ଏକ ସଚେତନତା ରାଲିର ଶୁଭାରମ୍ଭ କରି ମନ୍ତ୍ରୀ ଶ୍ରୀ ପଣ୍ଡା କହିଛନ୍ତି ଯେ ସ୍ୱପରାୟଣତା ସମସ୍ୟା ରହିଥିବା ଲୋକମାନେ ମାନସିକ ସ୍ତରରେ ଅନଗ୍ରସର ହୋଇଥିଲେ ମଧ୍ୟ ସେମାନଙ୍କୁ ବିଭିନ୍ନ ପ୍ରତିବନ୍ଧକରୁ ମୁକ୍ତ କରି ବିଭିନ୍ନ କାର୍ଯ୍ୟରେ ସାମିଲ କରାଯାଇପାରିବ। ଚଳିତ ବର୍ଷ ମିଳିତ ଜାତିସଂଘ ଘୋଷିତ ପ୍ରସଙ୍ଗ 'ସମସ୍ତ କାର୍ଯ୍ୟରେ ଅନ୍ତର୍ଭୁକ୍ତି' ଉପରେ ବକ୍ତବ୍ୟ ରଖି ମନ୍ତ୍ରୀ ଶ୍ରୀ ପଣ୍ଡା କହିଛନ୍ତି ଯେ ଭିନ୍ନକ୍ଷମମାନଙ୍କୁ ବିଭିନ୍ନ ପ୍ରକାର ସାମାଜିକ-ଅର୍ଥନୈତିକ କାର୍ଯ୍ୟକ୍ରମରେ ସଂପୃକ୍ତ କରାଯାଇପାରିବ । ଆଜି ସକାଳେ ସ୍ଥାନୀୟ ରାମ ମନ୍ଦିର ଛକଠାରୁ ଭୀମଭୋଇ ଦୃଷ୍ଟିହୀନ ବିଦ୍ୟାଳୟ ପର୍ଯ୍ୟନ୍ତ ଯାଇଥିବା ଏହି ରାଲିରେ ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ମହାନଗର ନିଗମର ମେୟର ଶ୍ରୀମତୀ ସୁଲୋଚନା ଦାସ, ବିଭାଗର ଶାସନ ସଚିବ ଭାସ୍କରଜ୍ୟୋତି ଶର୍ମା ଓ ନିର୍ଦ୍ଦେଶକ ଶ୍ରୀମତୀ ବ୍ରତତୀ ହରିଚନ୍ଦନଙ୍କ ସମେତ ଅନ୍ୟାନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ। ରାଲିରେ କ୍ୟାଚ୍, ଓପନ୍ ଲର୍ଣ୍ଣିଂ ସିଷ୍ଟମ୍, ଚେତନା ଇନ୍‌ଷ୍ଟିଚ୍ୟୁଟ୍, ରାଜ୍ୟ ଭିନ୍ନକ୍ଷମ ସଶକ୍ତିକରଣ ପ୍ରତିଷ୍ଠାନ ଓ ସ୍ୱାସ୍ଥ୍ୟ ବିଜ୍ଞାନ ପ୍ରତିଷ୍ଠାନ ସହିତ ବିଭିନ୍ନ ସ୍ୱତନ୍ତ୍ର ଶିକ୍ଷାନୁଷ୍ଠାନର ସ୍ୱପରାୟଣମାନେ ଯୋଗ ଦେଇଥିବାବେଳେ ସେମାନଙ୍କ ଅଭିଭାବକ, ଶିକ୍ଷକ ତଥା ତାଲିମଦାତାମାନେ ମଧ୍ୟ ସାମିଲ ହୋଇଥିଲେ । ଏହି ଅବସରରେ ଜନତା ମଇଦାନରେ ଚାଲିଥିବା ତୋଷାଳି ମେଳାରେ ମଧ୍ୟ ସଚେତନତା ଲକ୍ଷ୍ୟରେ ବାଲୁକାଶିଳ୍ପୀ ସୁବଳ ମହାରଣାଙ୍କ ବାଲୁକା କଳା ପ୍ରଦର୍ଶିତ ହୋଇଥିଲା । ଅପରାହ୍ଣରେ ବିଭାଗ ପକ୍ଷରୁ ଏକ ୱେବିନାର ଆୟୋଜନ କରାଯାଇଥିଲା । 'କୋଭିଡ୍ ମହାମାରୀ ପରବର୍ତ୍ତୀ ବିଶ୍ୱରେ କାର୍ଯ୍ୟକ୍ଷେତ୍ରରେ ଅନ୍ତର୍ଭୁକ୍ତି ନିମନ୍ତେ ବିଭିନ୍ନ ଆହ୍ୱାନ ଓ ସୁଯୋଗ' ପ୍ରସଙ୍ଗ ଉପରେ ବିଭାଗୀୟ ଶାସନ ସଚିବ, ନିର୍ଦ୍ଦେଶକ ଶ୍ରୀମତୀ ହରିଚନ୍ଦନ, ଯୁଗ୍ମ ସଚିବ ଅମ୍ବିକା ପ୍ରସାଦ ପଟ୍ଟନାୟକ, ରାଉରକେଲାରୁ ବନ୍ଦନା ପଟ୍ଟନାୟକ, ଚେତନା ପ୍ରତିଷ୍ଠାନର ରେଖା ମିଶ୍ର, ଛତ୍ରପୁରରୁ କେ. ଆନନ୍ଦରାଓ ଏବଂ ଅଭିଭାବକ ସଂଘ ପକ୍ଷରୁ ଶୋଭାଗିନୀ ସାହୁଙ୍କ ସମେତ ଅନ୍ୟମାନେ ବକ୍ତବ୍ୟ ରଖି ବିଭିନ୍ନ ଦିଗରୁ ମତାମତ ପ୍ରଦାନ କରିଥିଲେ ।

# ବିଜେପି କୃଷକ ମୋର୍ଚ୍ଚାର ରାଜ୍ୟ କାର୍ଯ୍ୟାଳୟ ଉଦ୍‌ଘାଟିତ

ଭୁବନେଶ୍ୱର,୦୩/୦୪ (ନି.ପ୍ର): ଭାରତୀୟ ଜନତା ପାର୍ଟି କୃଷକ ମୋର୍ଚ୍ଚାର ରାଜ୍ୟ କାର୍ଯ୍ୟାଳୟ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଦ୍ୱାରା ଭୁବନେଶ୍ୱରସ୍ଥିତ ରାଜ୍ୟ କାର୍ଯ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ କୃଷକ ମୋର୍ଚ୍ଚା ପରିବାରର ନବ ନିର୍ବାଚିତ ଜନ ପ୍ରତିନିଧିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଢେଙ୍କାନାଳ ପୌରାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିବା ମୋର୍ଚ୍ଚାର ବରିଷ୍ଠ ଉପ-ସଭାପତି ରାମ ପାତ୍ରଙ୍କ ଧର୍ମପତ୍ନୀ ଶ୍ରୀମତୀ ଜୟନ୍ତୀ ପାତ୍ର, କଟକ ବାରଙ୍ଗ ଜିଲ୍ଲା ପରିଷଦ ସଭ୍ୟ ତଥା କୃଷକ ମୋର୍ଚ୍ଚାର ରାଜ୍ୟ ସମ୍ପାଦକ ତୃଷାରକାନ୍ତ ଚକ୍ରବର୍ତ୍ତୀ, ତିର୍ତୋଲ କନକପୁର ଗ୍ରାମ ପଂଚାୟତର ସରପଂଚ ତଥା କୃଷକ ମୋର୍ଚ୍ଚାର ସଂପାଦକ ଅଶୋକ ମହାନ୍ତିଙ୍କ ଧର୍ମପତ୍ନୀ ଶ୍ରୀମତୀ ରେବତୀ ମହାନ୍ତିଙ୍କୁ ରାଜ୍ୟ ସଭାପତି ସମୀର ମହାନ୍ତି, ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ମାନସ କୁମାର ମହାନ୍ତି, କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ପ୍ରଦୀପ ପୁରୋହିତ ପ୍ରମୁଖ ଉପଢ଼ୌକନ, ଫୁଲତୋଡା ପ୍ରଦାନ କରିବା ସହିତ ଓ ମୁଣ୍ଡରେ ଚାଷୀ ଝାଂପି ପିନ୍ଧାଇ ସମ୍ବର୍ଦ୍ଧିତ କରିଥିଲେ। କୃଷକମାନଙ୍କ ସ୍ୱାର୍ଥର ସୁରକ୍ଷା ଏବଂ ତାଙ୍କ ସମସ୍ୟାର ସମାଧାନ ପାଇଁ ମୋର୍ଚ୍ଚାର କାର୍ଯ୍ୟକର୍ତ୍ତାମାନେ କାର୍ଯ୍ୟ କରିବାକୁ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଆହ୍ୱାନ ଦେଇଛନ୍ତି । ଏପରିକି ଚାଷୀକୁଳର ସ୍ୱାର୍ଥ ରକ୍ଷା ପାଇଁ ଆବଶ୍ୟକ ପଡିଲେ ରାଜରାସ୍ତାକୁ ଓହ୍ଲାଇ ଦୁର୍ବାର ଆନ୍ଦୋଳନ ପାଇଁ ପ୍ରସ୍ତୁତ ରହିବାକୁ ଶ୍ରୀ ମହାନ୍ତି କହିଛନ୍ତି ।

ଏହି କାର୍ଯ୍ୟକ୍ରମରେ ବିଜେପି ନେତା ତଥା ସିନେତାରକା ଅଶ୍ରୁମୋଚନ, କୃଷକ ମୋର୍ଚ୍ଚାର ବରିଷ୍ଠ ଉପସଭାପତି ହୃଷିକେଶ ଜେନା, ଶ୍ରୀରଞ୍ଜନ ମଙ୍ଗରାଜ, ରାମ ପାତ୍ର, ଦୁର୍ଯ୍ୟୋଧନ ସାହୁ, ସାଧାରଣ ସଂପାଦକ କାମାକ୍ଷା ପ୍ରଧାନ, ରାଜ୍ୟ କୋଷାଧ୍ୟକ୍ଷ ବିଶ୍ୱଜିତ୍ ସ୍ୱାଇଁ, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଦିଲ୍ଲୀପ ସ୍ୱାଇଁ, ମିଡିଆ ସଂଯୋଜକ ହିତେଶ ମହାପାତ୍ର, ସୋସିଆଲ ମିଡିଆ ରାଜ୍ୟ ସଂଯୋଜକ ପ୍ରଦୀପ କୁମାର ସାହୁଙ୍କ ସମେତ କୃଷକ ମୋର୍ଚ୍ଚାର ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଟାଟା କମ୍ପାନୀର ନିର୍ଯ୍ୟାତନା ବିରୋଧରେ ଛାତ୍ର କଂଗ୍ରେସର ବିକ୍ଷୋଭ

ଭୁବନେଶ୍ୱର,୦୩/୦୪ (ନି.ପ୍ର): ଭୁବନେଶ୍ୱର ସ୍ଥିତ ୟୁନିଟ ୧ ବିଦ୍ୟୁତ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୟୁନିଟ ୧ ମାର୍କେଟର ଓ ବିଭିନ୍ନ ସ୍ଥାନରେ କିଛି ଉପଭୋକ୍ତା ସ୍ଥାନୀୟ ଜେଇଙ୍କ ଦୌରାତ୍ମ୍ୟ ପ୍ରତିବାଦରେ ବିକ୍ଷୋଭ କରିଥିଲେ। ଏହି ଆନ୍ଦୋଳନରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସୀର ନୱାଜ, ଭୁବନେଶ୍ୱର ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର ସେଠାରେ ପହଂଚି ସାଧାରଣ ଉପଭୋକ୍ତାଙ୍କ ସ୍ୱର ସହିତ ସ୍ୱର ମିଳାଇଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀ ନୱାଜ କହିଥିଲେ ନବୀନ ସରକାର ଓ ଟାଟା କମ୍ପାନୀର ମଧୁ ଚନ୍ଦ୍ରିକାରେ ଖାଉଟି ହନ୍ତସନ୍ତ। ଖାଉଟିଙ୍କ ଟଂଟି ଚିପି ଅର୍ଥ ଆଦାୟ କରୁଛନ୍ତି। ଏକ ନମ୍ବର ମାର୍କେଟରେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରାଯାଇଥିବା ଉପଭୋକ୍ତା ମାନଙ୍କର ବିଦ୍ୟୁତ ସଂଯୋଗ କରାଯିବା ପରେ ଧାରଣାକୁ ବନ୍ଦ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ପ୍ରକାଶ ମିଶ୍ର, ଛାତ୍ର କଂଗ୍ରେସ ଉପସଭାପତି ସୁନିଲ ମାଟିଆ, ଛାତ୍ର କଂଗ୍ରେସ ସାଧାରଣ ସଂପାଦକ କାର୍ତ୍ତିକେଶ୍ୱର କାଣ୍ଡି ଓ ସାଗର ପଟ୍ଟନାୟକ ଉପସ୍ଥିତ ଥିଲେ।

# ଓଡିଶା ଉଠାଜଳସେଚନ ନିଗମ ଜାତୀୟସ୍ତରରେ ପୁରସ୍କୃତ

ଭୁବନେଶ୍ୱର,୦୩/୦୪ (ନି.ପ୍ର): ଓଡିଶା ଜଳ ସଂପଦ ବିଭାଗ ଅନ୍ତର୍ଗତ ଓଡିଶା ଉଠାଜଳସେଚନ ନିଗମକୁ ୨୦୨୧-୨୨ ବର୍ଷ ନିମନ୍ତେଶ୍ରେଷ୍ଠ ଗୋଷ୍ଠୀ ଉଠା ଜଳସେଚନ ପ୍ରକଳ୍ପ ପାଇଁ ସର୍ବଭାରତୀୟସ୍ତରରେ ପୁରସ୍କୃତ କରାଯାଇଛି। ଜଳ ପରିଚାଳନା କ୍ଷେତ୍ରରେ ଉଲ୍ଲେଖନୀୟ ଉଦ୍ୟମ ପାଇଁ ଓଡିଶା ଉଠାଜଳସେଚନ ନିଗମକୁଏହି ୧୫ତମ 'ୱାଟର ଡାଇଜେଷ୍ଟ ୱାଟର ଆୱାର୍ଡସ'ପ୍ରଦାନ କରାଯାଇଛି। ଗତ ମାର୍ଚ୍ଚ ୨୯ ତାରିଖରେ ନୂଆଦିଲ୍ଲୀଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ଜଳଶକ୍ତି ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତଙ୍କ ଠାରୁ ନିଗମର ପରିଚାଳନା ନିର୍ଦ୍ଦେଶିକା ଶ୍ରୀମତୀ ଅର୍ଚ୍ଚନା ପଟ୍ଟନାୟକ ଏହି ପୁରସ୍କାର ଗ୍ରହଣ କରିଥିଲେ । ଗୋଷ୍ଠୀ ଉଠାଜଳସେଚନ ପ୍ରକଳ୍ପଗୁଡିକ ରାଜ୍ୟର କୃଷକମାନଙ୍କୁ ଆବଶ୍ୟକୀୟ ଜଳସେଚନ ସୁବିଧାଯୋଗାଇ ଦେବା ସହିତ ସେମାନଙ୍କୁ ବିବିଧ ଚାଷ ପ୍ରକ୍ରିୟାରେ ସହାୟକ ହୋଇଛି । ଏଥି ସହିତ କୃଷକଗୋଷ୍ଠୀମାନଙ୍କର ଉନ୍ନତି ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସ୍ୱଳ୍ପ ବ୍ୟୟରେ ଜଳସେଚନ ସୁବିଧା ଏବଂ ସହଜରେ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ଯୋଗୁଁ କୃଷକମାନେ ବହୁଳ ଭାବେ ଉପକୃତ ହେବା ସହିତ ସଶକ୍ତ ହୋଇପାରୁଛନ୍ତି । ଚଳିତ ବର୍ଷ, ଓଡିଶା ଉଠାଜଳସେଚନ ନିଗମ ପ୍ରତିଷ୍ଠା ଦିବସର ୫୦ ବର୍ଷ ପୂର୍ତ୍ତି ଅବସରରେ ସୁବର୍ଣ୍ଣ ଜୟନ୍ତୀ ପାଳନ କରିବାକୁ ଯାଉଛି । ସୁବର୍ଣ୍ଣ ଜୟନ୍ତୀ ବର୍ଷରେ ଓ.ଏଲ୍.ଆଇ.ସି. ପ୍ରଥମ ଥର କରି ଏହି ଜାତୀୟସ୍ତରୀୟ ପୁରସ୍କାର ଲାଭ କରିଥିବାରୁ ନିଗମର ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି । ଏହି ଅବସରରେ ଜଳ ସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ,ଓ.ଏଲ୍.ଆଇ.ସି. ନିଗମର ଅଧ୍ୟକ୍ଷ ଅମରେଶ ପତ୍ରୀ, ପରିଚାଳନା ନିର୍ଦ୍ଦେଶିକା ଶ୍ରୀମତୀ ପଟ୍ଟନାୟକ ଏବଂ ଟିମ୍ ଓ.ଏଲ.ଆଇ.ସିକୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହିତ ସାମୂହିକ ପ୍ରଚେଷ୍ଟା ଫଳରେ ଏହି ସଫଳତା ମିଳିଛି ଓ ଆଗାମୀ ଦିନରେ ଓଡିଶା ଉଠାଜଳସେଚନ ନିଗମ ଅଧିକ ଭଲ କାର୍ଯ୍ୟକରିବ ବୋଲି ଆଶା ବ୍ୟକ୍ତ କରିଛନ୍ତି ।

# କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟଗୁଡ଼ିକରେ ନାମଲେଖା ପାଇଁ ଏକକ ପ୍ରବେଶିକା ପରୀକ୍ଷାକୁ ଏଆଇଡିଏସ୍‌ଓର ବିରୋଧ

ଭୁବନେଶ୍ୱର,୦୩/୦୪ (ନି.ପ୍ର): ସମସ୍ତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଏବଂ ସେମାନଙ୍କ ଅନୁବନ୍ଧିତ କଲେଜଗୁଡ଼ିକରେ ସ୍ନାତକ ଓ ସ୍ନାତକୋତର ପାଠ୍ୟକ୍ରମରେ ନାମଲେଖା ପାଇଁ ସର୍ବଭାରତୀୟ ସ୍ତରରେ ଏକକ ବିଶ୍ୱବିଦ୍ୟାଳୟ ପ୍ରବେଶିକା ପରୀକ୍ଷା (ସିୟୁଏଟି ) ପ୍ରବର୍ତ୍ତନ କରିବାକୁ ନିକଟରେ ୟୁଜିସି ଘୋଷଣା କରିଛି। ରାଜ୍ୟ ବିଶ୍ୱବିଦ୍ୟାଳୟ, ଘରୋଇ ବିଶ୍ୱବିଦ୍ୟାଳୟ ଓ ଡିମ୍‌ଡ ବିଶ୍ୱବିଦ୍ୟାଳୟ ଗୁଡିକ ମଧ୍ୟ ଏହି ପ୍ରକ୍ରିୟାରେ ସାମିଲ ହେବା ସହ ସ୍ନାତକ ଓ ସ୍ନାତକୋତର ଆଡମିଶନ ପାଇଁ ସିୟୁଏଟି ସ୍କୋର ବ୍ୟବହାର କରିବାକୁ କୁହାଯାଇଛି । ଏହି ନିଷ୍ପତିକୁ ବିରୋଧ କରିଛି ଏଆଇଡିଏସଓ ଏଆଇଡିଏସଓର ସାଧାରଣ ସମ୍ପାଦକ ସୌରଭ ଘୋଷ କହିଛନ୍ତି ଯେ,ଏହି ବିଶ୍ୱବିଦ୍ୟାଳୟଗୁଡିକରେ ଏକକ ପ୍ରବେଶିକା ପରୀକ୍ଷାକରିବାର ନିଷ୍ପତି ହେଉଛି ଜାତୀୟ ଶିକ୍ଷାନୀତି– ୨୦୨୦ର ଏକ ଷଡଯନ୍ତ୍ର, ଯାହା କେବଳ ବିଭିନ୍ନ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟଗୁଡିକର ସ୍ୱାୟତତାକୁ ହ୍ରାସ କରିବ ନାହିଁ, ଆହୁରି ମଧ୍ୟ ଶିକ୍ଷାର କେନ୍ଦ୍ରୀକରଣ ପାଇଁ ପଥ ପରିଷ୍କାର କରିବ । ଫଳରେ ରାଜ୍ୟ ଭିତରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ତଥା ରାଜ୍ୟ ରାଜ୍ୟ ମଧ୍ୟରେ ବହୁତ ବ୍ୟବଧାନ ସୃଷ୍ଟି କରିବ। ସିୟୁଇଟି ସମାଜର ନିମ୍ନ ବର୍ଗରୁ ଆସୁଥିବା ଛାତଛାତ୍ରୀମାନଙ୍କୁ ଉଚ୍ଚଶିକ୍ଷାରୁ ବଂଚିତ କରିବ। ଅନ୍ୟ ଦିଗରେ, ଯଦି ୟୁଜି ଏବଂ ପିଜିରେ ଆଡମିଶନ ପାଇଁ ସିୟୁଇଟି ସ୍କୋର ଏକମାତ୍ର ମାନଦଣ୍ଡ ହୁଏ ତେବେ ଉଚ୍ଚ ମାଧ୍ୟମିକ ପରୀକ୍ଷାର ଗୁରୁତ୍ୱ କମିବ। ଏହି ଛାତ୍ର ବିରୋଧୀ ଅଗଣତାନ୍ତ୍ରିକ ସିୟୁଇଟି ପ୍ରସ୍ତାବକୁ ପ୍ରତ୍ୟାହାର କରିବାକୁ ୟୁଜିସି ନିକଟରେ ଏଆଇଡିଏସଓ ଦୃଢ ଦାବି ଉପସ୍ଥାପନ କରୁଛି । ଭିତିଭୂମି ଠାରୁ ଆରମ୍ଭ କରି ଅଧ୍ୟାପକ ନିଯୁକ୍ତି ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟର ସମସ୍ତ ଆବଶ୍ୟକତା ପୂରଣ କରିବା ଏବଂ ସମସ୍ତ ବିଶ୍ୱବିଦ୍ୟାଳୟକୁ ଶିକ୍ଷାଗତ ସ୍ୱାୟତତା ପ୍ରଦାନ କରିବାକୁ ଆମେ ସରକାରଙ୍କ ନିକଟରେ ଦାବି କରୁଛୁବୋଲି ସେ କହିଛନ୍ତି।

# ଜାତୀୟ ରାଜପଥ ରାସ୍ତା ପ୍ରଶସ୍ତିକରଣ ଓ ସୁଦୃଢ଼ିକରଣ ପାଇଁ ବଜେଟ ମଂଜୁର

ଭୁବନେଶ୍ୱର,୦୩/୦୪ (ନି.ପ୍ର): ୨୦ ନମ୍ବର ଜାତୀୟ ରାଜପଥ ଓ ୩୨୬ ନମ୍ବର ଜାତୀୟ ରାଜପଥର କିଛି ଅଂଶର ପ୍ରଶସ୍ତିକରଣ ଓ ସୁଦୃଢ଼ିକରଣକୁ ମଂଜୁରୀ ଦିଆ ଯିବା ସହ ଏଥି ପାଇଁ ବଜେଟକୁ ଅନୁମୋଦନ ଦିଆ ଯାଇଛି । କେନ୍ଦ୍ର ମନ୍ତ୍ରୀ ନୀତିନ ଗଡକରୀ ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି ।

ସେ ଟ୍ୱିଟ କରି କହିଛନ୍ତି ଯେ ରାଜ୍ୟର ୨୦ ନମ୍ବର ଜାତୀୟ ରାଜପଥ କୁଆଖିଆ-ମଙ୍ଗଳପୁର ଖଣ୍ଡ ର ୪ ଲେନ୍/ ୨ ଲେନ୍ ରାସ୍ତା ପ୍ରଶସ୍ତୀକରଣ ଓ ସୁଦୃଢ଼ିକରଣ (ଭୂମି ଅଧିଗ୍ରହଣ ସମେତ) ପାଇଁ ୬୩୬.୧୦ କୋଟି ଟଙ୍କାର ବଜେଟ ଅନୁମୋଦନ କରାଯାଇଛି । କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି । ସେହିପରି ସେ ଅନ୍ୟ ଏକ ଟ୍ୱିଟରେ କହିଛନ୍ତି ଯେ - ରାଜ୍ୟର ୩୨୬ ନମ୍ବର ଜାତୀୟ ରାଜପଥ ଧୋଗଔ ରୁ ପୋଦମାରୀ ଖଣ୍ଡ ର ୨ ଲେନ ରାସ୍ତା ପ୍ରଶସ୍ତୀକରଣ ପାଇଁ ୧୮୬.୫୨ କୋଟି ଟଙ୍କାର ବଜେଟ ଅନୁମୋଦନ କରାଯାଇଛି ।

## ଜଳସେବା ଶିବିର ଉଦ୍‌ଘାଟିତ

ଭୁବନେଶ୍ୱର,୦୩/୦୪ (ନି.ପ୍ର): ସାମାଜିକ ସ୍ୱେଚ୍ଛାସେବୀ ସଙ୍ଗଠନ 'କର ଫାଉଣ୍ଡେସନ୍' ଓ 'ୟୁଥ୍ ଫର ଭଲ୍ୟୁଣ୍ଟାରୀ ୱାର୍କ'ର ମିଳିତ ସହଯୋଗରେ ଭୁବନେଶ୍ୱରର ରେଡ଼କ୍ରସ ଟ୍ରାଫିକ୍ ସମ୍ମୁଖରେ ଏକ ଜଳସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ରୂପେ ପୂର୍ବତନ ଅର୍ଥମନ୍ତ୍ରୀ ପଂଚାନନ କାନୁନଗୋ, ଜଣାଶୁଣା ଅଭିନେତା ତଥା କର ଫାଉଣ୍ଡେସନ୍‌ର ଅଧ୍ୟକ୍ଷ ଚନ୍ଦନ କର, ସ୍ଥାନୀୟ ବିଜୟୀ କର୍ପୋରେଟର୍ ରଞ୍ଜୁଲତା ରାୟ, ଭୁବନେଶ୍ୱର ମଧ୍ୟ ନିର୍ବାଚନ ମଣ୍ଡଳୀର ବିଜେଡି ଛାତ୍ର ଜନତା ଦଳର ସଭାପତି ଶକ୍ତି ପ୍ରକାଶ ପତି, କର ଫାଉଣ୍ଡେସନ୍‌ର କୋଷାଧ୍ୟକ୍ଷା ଗୀତାଞ୍ଜଳି କର, ଯୁବ ସାମାଜିକ କର୍ମୀ ମୀର୍ ଅହମ୍ମଦ ଅଲ୍ଲି, ଯୁବନେତା ଅଂଶୁମାନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# କେନ୍ଦୁଝର ଜିଲ୍ଲାର ରାଜସ୍ୱ ସମୀକ୍ଷା ବୈଠକ

ଭୁବନେଶ୍ୱର,୦୩/୦୪ (ନି.ପ୍ର): ଆଜି କେନ୍ଦୁଝର ଜିଲ୍ଲାର ରାଜସ୍ୱ ସମୀକ୍ଷା ବୈଠକ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଅତିରିକ୍ତ ମୁଖ୍ୟ ଶାସନ ସଚିବ ତହସିଲ ଓ ନିବନ୍ଧନ କାର୍ଯ୍ୟାଳୟକୁ ଆସୁଥିବା ପ୍ରତ୍ୟେକ ଜନସାଧାରଣଙ୍କୁ ସମ୍ମାନ ସହିତ ସେମାନଙ୍କର ଅଭିଯୋଗ ଶୁଣାଣି ଓ ଅଭିଯୋଗ ଉପରେ ତୁରନ୍ତ ନ୍ୟାୟୋଚିତ କାର୍ଯ୍ୟାନୁଷ୍ଠାନ ନେବାପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ସମୀକ୍ଷା ବୈଠକରେ ସମସ୍ତ ଅଧିକାରୀମାନଙ୍କୁ ନିଜ ଓ ନିଜ ଅଧିନସ୍ଥ କାର୍ଯ୍ୟାଳୟମାନଙ୍କରେ ଅଧିକ ସ୍ୱଚ୍ଛତା ଆଣିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଜନସାଧାରଣଙ୍କୁ ଆଇନ ଅନୁଯାୟୀ ଦାଖଲ ଖାରଜ ଓ ଘରବାଡ଼ି ପଟ୍ଟା ସେବା ତ୍ୱରିତ ଯୋଗାଇଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ସାର୍ଟିଫିକେଟ ସେବା ଯଥା ରେସିଡେଣ୍ଟ, ଇନକମ ଓ ଜାତିଗତ ପ୍ରମାଣପତ୍ରରେ କୌଣସି ବିଳମ୍ବ ନକରିବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସମସ୍ତ କ୍ଷେତ୍ରାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଘସିପୁରା ତହସିଲ ଅନ୍ତର୍ଗତ ତୋରାଣିଆପାଳ ଗ୍ରାମ ଭୂଲେଖରେ ତୁରନ୍ତ ଦର୍ଶାଇବାକୁ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । କେନ୍ଦୁଝର ଜିଲ୍ଲାରେ ୧୯୭ ଲଘୁ ଖଣିଜ ଉତ୍ସରୁ ମାତ୍ର ୫୫ ଲଘୁ ଖଣିଜ ଉତ୍ସ କାର୍ଯ୍ୟକ୍ଷମ ହୋଇଛି ଏବଂ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅବଶିଷ୍ଟ ଲଘୁ ଖଣିଜ ଉତ୍ସକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ମୁଖ୍ୟତଃ ଘସିପୁରା ଓ ଆନନ୍ଦପୁର ଅଂଚଳରେ ଲଘୁ ଖଣିଜ ସମ୍ପଦ ଚୋରା ଚାଲାଣକୁ ରୋକିବା ଦିଗରେ ଉପ ଜିଲ୍ଲାପାଳ ଓ ତହସିଲଦାରମାନଙ୍କୁ କଡା ତାଗିଦ କରାଯାଇଥିଲା । ସମସ୍ତ ଲଘୁ ଖଣିଜ ଉତ୍ସକୁ କାର୍ଯ୍ୟକ୍ଷମ କିମ୍ବା ଲଘୁ ଖଣିଜ ଉତ୍ସରୁ ସମସ୍ତ ଲଘୁ ଖଣିଜ ସମ୍ପଦ ବିଲୁପ୍ତ ହୋଇଥିଲେ ତାକୁ ଆଇନ ଅନୁଯାୟୀ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଲଘୁ ଖଣିଜ ସମ୍ପଦ ଚୋରା ଚାଲାଣ ଏବଂ ବେଆଇନ ଲଘୁ ଖଣିଜ ସମ୍ପଦ ଉଠାଣ ଉପରେ କଡା ପଦକ୍ଷେପ ନେବାକୁ ସମସ୍ତ କ୍ଷେତ୍ରାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ସମସ୍ତ କ୍ଷେତ୍ରାଧିକାରୀଙ୍କୁ ଲଘୁ ଖଣିଜସଂପଦରୁ ରାଜସ୍ୱ ଆଦାୟ ଉପରେ ଗୁରୁତ୍ୱାରୋପ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳଙ୍କୁ ତହସିଲଦାରମାନଙ୍କୁ ଲଘୁ ଖଣିଜ ଚୋରା ଚାଲାଣ ସମୟରେ ଚଢ଼ାଉ ବେଳେ ସୁରକ୍ଷା ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ତହସିଲଦାରମାନଙ୍କୁ ପୋଲିସ ସହ ଭଲ ସମନ୍ୱୟ ରକ୍ଷା କରି ଲଘୁ ଖଣିଜ ସମ୍ପଦ ଚୋରା ଚାଲାଣ ରୋକିବା ଦିଗରେ ପଦକ୍ଷେପ ନେବାକୁ କୁହାଯାଇଥିଲା । ଅତିରିକ୍ତ ମୁଖ୍ୟ ଶାସନ ସଚିବ କୌଣସି ସରକାରୀ ପ୍ରକଳ୍ପ ଯଥା ରେଳବାଇ, ଜାତୀୟ ରାଜପଥ ଓ ଜଳସେଚନ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣରେ ବିଳମ୍ବ ନ କରିବାକୁ ସମସ୍ତ ଜମି ଅଧିଗ୍ରହଣ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲା ମଧ୍ୟରେ କାର୍ଯ୍ୟକ୍ଷମ ଦୈତାରୀ ବାଂଶପାଣି ରେଳପଥ ପ୍ରକଳ୍ପ, ସିଂଘଡା ବିଞ୍ଜବାହାଲ ଓ ପାଣିକୋଇଲି ରିମୁଳି ଜାତୀୟ ରାଜପଥ ପ୍ରଶସ୍ତିକରଣ ନିମନ୍ତେ ତ୍ୱରିତ ଜମି ଅଧିଗ୍ରହଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ସେହିପରି ଜାତୀୟ ରାଜପଥ ୨୦ରେ ରିମୁଳି କୋଇଡା ମଧ୍ୟରେ ଜମି ଅଧିଗ୍ରହଣ କରି ଦାଖଲ ଖାରଜ ମାମଲାରେ ପଟ୍ଟା ସଂଶୋଧନ କରି ଜାତୀୟ ରାଜପଥ ପ୍ରାଧିକରଣକୁ ଜମି ହସ୍ତାନ୍ତରଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଆନନ୍ଦପୁର ବ୍ୟାରେଜ, କାନପୁର ଓ ଦେଓ ଜଳସେଚନ ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣକୁ ପ୍ରାଥମିକତା ଦେବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସମସ୍ତ କ୍ଷେତ୍ରାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସମସ୍ତ ୫ଟି ଉଚ୍ଚ ବିଦ୍ୟାଳୟକୁ ଏପ୍ରିଲ ୩୦ ସୁଦ୍ଧା ସଂଶୋଧିତ ଜମି ପଟ୍ଟା ଦେବାକୁ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଏତଦବ୍ୟତୀତ ସମସ୍ତ ସରକାରୀ ଶିକ୍ଷାନୁଷ୍ଠାନମାନଙ୍କୁ ଏପ୍ରିଲ ୩୦ ସୁଦ୍ଧା ଅତିରିକ୍ତ ଜିଲ୍ଲାପାଳଙ୍କ ସ୍ୱତନ୍ତ୍ର ତତ୍ତ୍ୱାବଧାନରେ ଜମି ପଟ୍ଟା ଯୋଗାଇଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ନୂତନ ରାଜସ୍ୱ ନିରୀକ୍ଷକମାନଙ୍କ ପାଇଁ ବାସଭବନ ତଥା କାର୍ଯ୍ୟାଳୟ ନର୍ମାଣ ଦିଗରେ ଏପ୍ରିଲ ୧୫ ସୁଦ୍ଧା ଜାଗା ଚିହ୍ନଟ କରିବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ । ମୂଲ୍ୟବାନ ସରକାରୀ ଜମିକୁ ସୁରକ୍ଷା ଓ ସଂରକ୍ଷଣ କରିବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ ।

# ଇସ୍ରୋ, ନାସା ପରିଦର୍ଶନରେ ଯିବେ ଓଡ଼ିଆ ଛାତ୍ରଛାତ୍ରୀ

ଭୁବନେଶ୍ୱର ,୦୩/୦୪ (ନି.ପ୍ର): ବିଜ୍ଞାନ ଶିକ୍ଷାକୁ ଅଧିକ ସଶକ୍ତ କରିବା ପାଇଁ ଓଡ଼ିଶାର ଛାତ୍ରଛାତ୍ରୀମାନଙ୍କୁ ଇସ୍ରୋ ଓ ନାସା ପରିଦର୍ଶନରେ ପଠାଇବାକୁ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି। ଓଡ଼ିଶା ବିଜ୍ଞାନ ଏକାଡେମିର ପ୍ରତିଷ୍ଠା ଦିବସ ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ସୂଚନା ଦେଇଛନ୍ତି ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା। ଶ୍ରୀ ପଣ୍ଡା କହିଛନ୍ତି ଯେ ରାଜ୍ୟରେ 'ମୋ ସ୍କୁଲ' ଯୋଜନାରେ ଆଦର୍ଶ ବିଦ୍ୟାଳୟଗୁଡ଼ିକର ବିଜ୍ଞାନ ଓ ଗଣିତ ଶିକ୍ଷକମାନଙ୍କୁ ଉଚ୍ଚତର ତାଲିମ ଦିଆଯିବା ସହିତ ଛାତ୍ରଛାତ୍ରୀମାନଙ୍କୁ ବିଜ୍ଞାନ ଶିକ୍ଷା ପ୍ରତି ଅଧିକ ଆକୃଷ୍ଟ କରିବା ପାଇଁ ସରକାର କାର୍ଯ୍ୟ କରୁଛନ୍ତି। ରାଜ୍ୟର ସମସ୍ତ ଜିଲ୍ଲାରେ ବିଜ୍ଞାନ କେନ୍ଦ୍ର ଓ ୬ଟି ଜିଲ୍ଲାରେ ପ୍ଲାନେଟୋରିୟମ ପ୍ରତିଷ୍ଠା କରାଯିବ ବୋଲି ସେ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଆଞ୍ଚଳିକ ଭେଷଜ ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶିକା ଡା.ସଂଘମିତ୍ରା ପତି ବକ୍ତବ୍ୟ ରଖିଥିବା ବେଳେ ଓଡ଼ିଶା ବିଜ୍ଞାନ ଏକାଡେମିର ସଭାପତି ପ୍ରଫେସର ବିଭୂତି ଭୂଷଣ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ବୈଜ୍ଞାନିକ ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା, ବେଦାଙ୍ଗ ଦାସ ମହାନ୍ତି, ପ୍ରଫେସର ଜ୍ୟୋତିର୍ମୟୀ ଦାଶ, ଜ୍ୟୋତିରଂଜନ ରାୟ, ମାମୋନୀ ଦାଶ, ପ୍ରଫେସର ନାରାୟଣ ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା। ପରେ ଏକାଡେମି ଦ୍ୱାରା ପ୍ରକାଶିତ ବିଜ୍ଞାନ ଦିଗନ୍ତ, ସାଇନ୍ସ ହରାଇଜନ୍ ପତ୍ରିକା ଉନ୍ମୋଚିତ ହୋଇଥିଲା।

## ଦେବତା ବନାମ ଅସୁର

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ଉଦାହରଣ ସ୍ୱରୂପ ଆମ ଆଗରେ ଦୁଇଟି ଥାଳି ଆଛି । ଗୋଟିକରେ ଅତ୍ୟନ୍ତ ସ୍ୱାଦିଷ୍ଟ କିନ୍ତୁ ଦେହ ପାଇଁ ଅହିତକର ବ୍ୟଞ୍ଜନ ରଖାଯାଇଛି ଏବଂ ଆଉ ଗୋଟିକରେ କମ୍ ସ୍ୱାଦିଷ୍ଟ କିନ୍ତୁ ଦେହ ପାଇଁ ହିତକର ବ୍ୟଞ୍ଜନ ରଖାଯାଇଛି । ଅର୍ଥାତ୍ ଭଲ ଓ ମନ୍ଦ ଭିତରୁ କାହାକୁ ଗ୍ରହଣ କରିବ ଓ କାହାକୁ ଛାଡିବ । ଆମ ମନ ମଧ୍ୟରେ ପ୍ରତ୍ୟେକ ମୁହୂର୍ତ୍ତରେ ଏହି ଲଢେଇ ଚାଲିଥାଏ । ମଣିଷ ମନ ଭିତରେ ପ୍ରତି ମୁହୂର୍ତ୍ତରେ ସୃଷ୍ଟି ହେଉଥିବା ଏହି ଅନ୍ତର୍ଦ୍ୱନ୍ଦ୍ୱ ହିଁ ବସ୍ତୁତଃ ଦେବାସୁର ସଂଗ୍ରାମ । ତେବେ ଏହା ଆମ ଉପରେ ନିର୍ଭର କରୁଛି ଯେ ଆମେ କାହା ସପକ୍ଷରେ ଅଛୁ । ଆମେ ଯଦି ଭଲ ସପକ୍ଷରେ ରହିବା ଅର୍ଥାତ୍ ସଭାବନାକୁ ସମର୍ଥନ ଦେବା ତାହେଲେ ଦେବତ୍ୱ ଲାଭ କରିବା ଏବଂ ଆମେ ଯଦି ମନ୍ଦ ସପକ୍ଷରେ ରହିବା ଅର୍ଥାତ୍ ଦୁର୍ଭାବନାକୁ ସମର୍ଥନ ଦେବା ତାହେଲେ ନିଃସନ୍ଦେହ ଅସୁର ପାଲଟି ଯିବା । ଆମେ ଦେବତ୍ୱ ଲାଭ କରି ସ୍ୱର୍ଗ ପ୍ରାପ୍ତ କରିବା ଓ ଭଗବାନଙ୍କ ସାନ୍ନିଧ ଲାଭ କରିବା ନା ଅସୁର ହୋଇ ଜୀବନକୁ ନର୍କ କରି ଭଗବାନଙ୍କ ଅପ୍ରିୟ ହେବା, ସେ ନିଷ୍ପତ୍ତି ଆମ ନିଜର ।

ଦ୍ୱିତୀୟତଃ ଦେବାସୁର ସଂଗ୍ରାମରୁ ଏହି ବାର୍ତ୍ତା ମିଳିଥାଏ ଯେ ରାତ୍ରୀ ଯେତେ ଅନ୍ଧକାରାଚ୍ଛନ୍ନ ହେଲେ ମଧ୍ୟ ସୂର୍ଯ୍ୟୋଦୟ ଦ୍ୱାରା ଦୂରୀଭୂତ ହୋଇଥାଏ ସେହିପରି ମନ୍ଦ ଯେତେ ଶକ୍ତିଶାଳୀ ହେଉ ନା କାହିଁକି ଶେଷରେ ତାହା ପରାଜିତ ହୁଏ ଏବଂ ସତ୍ୟ ଓ ନ୍ୟାୟର ହିଁ ବିଜୟ ହୋଇଥାଏ । ସେଥିପାଇଁ ତ କୁହାଯାଇଛି - ସତ୍ୟମେବ ଜୟତେ ।

ତୃତୀୟତଃ ଦେବତା ଓ ଅସୁରମାନେ ଗୋଟିଏ ପିତାଙ୍କ ସନ୍ତାନ ହେଲେ ମଧ୍ୟ ସ୍ୱର୍ଗ ପଦ ଓ ଐଶ୍ୱର୍ଯ୍ୟ ଲାଭ କରିବା ପାଇଁ ସେମାନେ ଯେପରି ବିଭାଜିତ ହୋଇ ଯୁଦ୍ଧ କରୁଥିଲେ ସେପରି ଆଜି ମଧ୍ୟ ଭୂମି, ଧନସମ୍ପଦ, ରାଜନୈତିକ ସ୍ୱାର୍ଥ ହାସଲ ପାଇଁ ପରସ୍ପର ମଧ୍ୟରେ ଯୁଦ୍ଧ ହେଉଅଛି । କିନ୍ତୁ ଏହା ଭୁଲିଯାଉଛୁ ଯେ ଦେବତା ଓ ଅସୁରମାନଙ୍କ ସମ୍ମିଳିତ ପ୍ରୟାସ ଯୋଗୁଁ ଯେମିତି ଅମୃତ ତଥା ଅନେକ ମୂଲ୍ୟବାନ ପଦାର୍ଥ ମିଳି ପାରିଥିଲା ସେହିପରି ସମାଜର ସାମୁହିକ ସ୍ୱାର୍ଥ ପାଇଁ ପାରସ୍ପରିକ ମତଭେଦକୁ ଭୁଲି ଆମେ ଦେଶର ବିକାଶ ତଥା ପ୍ରଗତିରେ ମିଳିତ ଭାବରେ ସହଯୋଗ କରିବା ଉଚିତ ।

ଉପରୋକ୍ତ ତଥ୍ୟ ଆଧାରରେ ଏତିକି କୁହାଯାଇପାରେ ଯେ ଦେବାସୁର ସଂଗ୍ରାମକୁ କେବଳ ଏକ ପୌରାଣିକ ବିଷୟ ବୋଲି ନ ଭାବି ଏଥିରେ ଥିବା ସାରତତ୍ତ୍ୱକୁ ଉପଲବ୍ଧି କରିପାରିଲେ ଆମେ ନିଜକୁ ଉଚିତ ମାର୍ଗରେ ପରିଚାଳିତ କରିବା ସହ ଏ ଦୁର୍ଲଭ ମାନବ ଜନ୍ମକୁ ସାର୍ଥକ କରିପାରିବା ।

♥ ବ୍ରହ୍ମପୁର

## ଜିଲା ସ୍ୱାସ୍ଥ୍ୟ ପରିଦର୍ଶକ ସଂଘର ବାର୍ଷିକ ସମ୍ବର୍ଦ୍ଧନା ପର୍ବ

ବାଲେଶ୍ୱର,୦୩/୦୪ (ନି.ପ୍ର): ବାଲେଶ୍ୱର ଜିଲା ସ୍ୱାସ୍ଥ୍ୟ ପରିଦର୍ଶକ ସଂଘ ପୁରୁଷ ଶାଖାର ବାର୍ଷିକ ବନ୍ଧୁମିଳନ ଓ ସମ୍ବର୍ଦ୍ଧନା ପର୍ବ ଜିଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହରେ ରବିବାର ଅନୁଷ୍ଠିତ ହୋଇଯାଇଛି । ସଙ୍ଗଠନର ଜିଲା ସଭାପତି ବ୍ରଜେଶ୍ୱର ନନ୍ଦ ଏଥିରେ ସଭାପତିତ୍ୱ କରିଥିଲେ । ସ୍ୱାସ୍ଥ୍ୟସେବା ପରିଦର୍ଶକ ରାଜ୍ୟ ସଙ୍ଘ ଉପଦେଷ୍ଟା ଚନ୍ଦ୍ରମୋହନ ରାଉତ, ରାଜ୍ୟ ସମ୍ପାଦକ ବିଜୟ ପାତ୍ର, ରାଜ୍ୟ କାର୍ଯ୍ୟକାରୀ ସଭାପତି ଅମରେଶ ଚନ୍ଦ୍ର ପୁହାଣ, ରାଜ୍ୟ ସଙ୍ଘ କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ପତି, ସଂଘର ବାଲେଶ୍ୱର ଶାଖା ଜିଲା ସମ୍ପାଦକ ପ୍ରଦୀପ କୁମା ଦଳାଇ, ପୂର୍ବତନ ଜିଲା ସଭାପତି ଗୋପୀନାଥ ଦାସ ପ୍ରମୁଖ ଏଥିରେ ଯୋଗଦେଇ ସାମ୍ପ୍ରତିକ ସ୍ଥିତିରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପରିଦର୍ଶକମାନେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ଓ ଏହାର ସ୍ଥାୟୀ ପ୍ରତିକାର ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ବିଶେଷ କରି ଦରମା ଅସଙ୍ଗତି ଓ ପଦୋନ୍ନତି ଅନିୟମିତତାକୁ ନେଇ ଉପସ୍ଥିତ କର୍ମକର୍ତ୍ତାମାନେ କ୍ଷୋଭ ପ୍ରକାଶ କରିଥିଲେ । ସରକାରଙ୍କ ପ୍ରତିଟି ନିର୍ଦ୍ଦେଶ ଓ ସରକାରୀ ନିୟମ ମାନି ପରିଦର୍ଶକମାନେ ଉଚିତ ସେବା ଯୋଗାଇ ଦେଇ ଆସୁଥିଛନ୍ତି । ସବୁଠାରୁ ବଡ଼କଥା ହେଲା କରୋନା କାଳରେ ଜୀବନକୁ ବିପଦରେ ପକାଇ ରୋଗୀସେବା କରିବା ପରେ ବି ସେମାନଙ୍କୁ ଉଚିତ ନ୍ୟାୟ ନମିଳିବା ଦୁର୍ଭାଗ୍ୟର ବିଷୟ ବୋଲି ରାଜ୍ୟ କର୍ମକର୍ତ୍ତାମାନେ କହିଥିଲେ । ଆଗାମୀ ଦିନରେ ସଙ୍ଗଠନକୁ ଆହୁରି ସୁଦୃଢ଼ କରିବା ସହ ଦାବି ପୂରଣ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବାକୁ ସେମାନେ ପ୍ରତିଶ୍ରୁତି ଦେଇଥିଲେ । ଏହି ଅବସରରେ ଉଲେଖନୀୟ କାର୍ଯ୍ୟଦକ୍ଷତା ପାଇଁ ବହୁ ପରିଦର୍ଶକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲ । ରମାନାଥ କର, ଗଦାଧର ବେହେରା, ସୁବ୍ରତ କୁମାର ଜେନା, ବିପ୍ଳବ କୁମାର ଦାସ ପ୍ରମୁଖ ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଆକାଶରୁ ଖସିଲା ଲୁହା ଖଣ୍ଡ....

ନାହିଁ ତାହା ଜାଣିବା ପାଇଁ ସବୁ ଗାଁକୁ ଏକ ଟିମ ପଠାଯାଇଛି । ତେବେ ଏହି ବସ୍ତୁ କେଉଁଠୁ ଆସିଲା ତାହାର ସ୍ପଷ୍ଟ ଖବର ସାମ୍ନାକୁ ଆସିପାରିନାହିଁ । ସେପଟେ ଏହି ଲୁହା ଖଣ୍ଡକୁ ନେଇ ଅନେକ ଲୋକ ଅନେକ ଦାବି କରିଛନ୍ତି । କିଛି ଲୋକ ଏହାକୁ ସାଟେଲାଇଟର ଅଂଶବିଶେଷ କହୁଛନ୍ତି । ସେହିପରି ଚନ୍ଦ୍ରପୁର ସ୍କାଇ ବ୍ରାଞ୍ଚ ଗ୍ରୁପର ଅଧ୍ୟକ୍ଷ ପ୍ରଫେସର ସୁରେଶ ଚୋପନେ କହିଛନ୍ତି ଶନିବାର ସନ୍ଧ୍ୟା ୬ଟା ୧୧ମିନିଟରେ ନ୍ୟୁଜିଲାଣ୍ଡର ମହିୟା ଦ୍ୱିପରୁ ଏକ ଇଲୋକ୍ଟ୍ରନ ରକେଟ ଲଞ୍ଚ କରାଯାଇଥିଲା । ତେବେ ଏହି ବସ୍ତୁ ସେହି ରକେଟର ଅଂଶ ହୋଇଥାଇପାରେ ବୋଲି ସେ ଦାବି କରୁଛନ୍ତି । ଗତ ବର୍ଷ ମଧ୍ୟ ଚୀନର ଏକ ରକେଟର ଅଂଶ ବିଶେଷ ନ୍ୟୁଜିଲାଣ୍ଡରେ ପଡିଥିଲା । ଯାହାକୁ ଅନ୍ତରାଷ୍ଟ୍ରିୟ ସ୍ତରରେ ଅନେକ ବିରୋଧ ହୋଇଥିଲା । ତେବେ ଏକ ଗାଁରେ ଏଭଳି ରହସ୍ୟମୟ ବସ୍ତୁ ପଡିବା କୌଣସି ସାଧାରଣ କଥା ନୁହେଁ । ଏସବୁ ବସ୍ତୁକୁ ସ୍ଥାନୀୟ ପ୍ରଶାସନ ପରୀକ୍ଷା ପାଇଁ ପଠାଇଛି । ତେବେ ପରୀକ୍ଷା ପରେ ହିଁ ଜଣାପଡିବ ଏହା ରକେଟର ଅଂଶବିଷେଶ ନା ନୁହେଁ? ଏହି ବସ୍ତୁ ଗୁଡିକ କେଉଁ ଦେଶରୁ କେମିତି ଆସିଲା ?

### ଫାଙ୍କା ପଡିଥିବା ସରକାରୀ....

କରିବା ପରେ ଏପରି ନିର୍ଦ୍ଦେଶ ଦେଇଛନ୍ତି । ଅମଲାମାନଙ୍କୁ ନିଜ ନିଜ ଭିତରେ ଝଗଡା ନ ଲାଗି ମିଳିମିଶି ଏକ ଟିମ୍ ହୋଇ କାର୍ଯ୍ୟ କରିବାକୁ କୁହାଯାଇଛି । ନିକଟରେ ହୋଇଥିବା ୫ ରାଜ୍ୟ ନିର୍ବାଚନରେ ବେକାରୀ ସମସ୍ୟା ନେଇ ବିରୋଧୀ ସରକାରଙ୍କୁ ଘେରିଥିଲେ । ଏହା ପରେ ମୋଦି ଚାକିରି ସୃଷ୍ଟି ଉପରେ ଗୁରୁତ୍ୱ ଦେଇଛନ୍ତି । ୨୦୨୪ରେ ସାଧାରଣ ନିର୍ବାଚନ ହେବାକୁ ଥିବା ବେଳେ ମୋଦିଙ୍କ ଏହା ମାଷ୍ଟରଷ୍ଟ୍ରୋକ ବୋଲି କୁହାଯାଉଛି । ଗତ ଫେବୃଆରୀରେ ସରକାର ରାଜ୍ୟ ସଭାରେ ଉତର ରଖି କହିଥିଲେ ଯେ, ୨୦୨୦ ମାର୍ଚ୍ଚ ସୁଦ୍ଧା ଦେଶରେ କେନ୍ଦ୍ର ସରକାରଙ୍କ ଅଧିନରେ ୮ ଲକ୍ଷ ୭୦ ହଜାର ସରକାରୀ ପଦବୀ ଫାଙ୍କା ପଡିଛି ।

### ଛାଡପତ୍ର ପରେ ସ୍ତ୍ରୀ ମଧ୍ୟ ଦେବ....

ଅଦାଲତକୁ ସ୍ୱାମୀ ତାଙ୍କ ପ୍ରତି ନିର୍ଦ୍ଦୟ ହେଉଛନ୍ତି ବୋଲି ଅଭିଯୋଗ ଆଣି ଛାଡପତ୍ର ପାଇଁ ଅପିଲ କଲେ । ଯାହାକୁ ୨୦୧୫ ମସିହାରେ ସ୍ଥାନୀୟ କୋର୍ଟ ଅନୁମତି ଦେଇଥିଲେ । ଛାଡପତ୍ର ପରେ ସ୍ୱାମୀ ନାନ୍ଦେଡର ନିମ୍ନ ଅଦାଲତରେ ଏକ ପିଟିସନ୍ ଦାଖଲ କରି କହିଥିଲେ ଯେ, ତାଙ୍କ ଆର୍ଥିକ ଅବସ୍ଥା ବହୁତ ଖରାପ । ହେଲେ ପତ୍ନୀଙ୍କର ଚାକିରୀ ଅଛି । ଯାହାକୁ ଦୃଷ୍ଟିରେ ରଖି ସେ ପତ୍ନୀଙ୍କ ଠାରୁ ମାସିକ ୧୫,୦୦୦ ଟଙ୍କା ସ୍ଥାୟୀ ଭରରଣପୋଷଣ ଦାବି କରିଥିଲେ । ସ୍ୱାମୀଙ୍କ ଯୁକ୍ତି ଥିଲା ଯେ ତାଙ୍କର ଚାକିରୀ ନଥିବାବେଳେ ତାଙ୍କ କିନ୍ତୁ ପତ୍ନୀ ଶିକ୍ଷିତା । ସ୍ୱାମୀ ଏହି ପିଟିସନ ଦାଖଲ କରିବା ବେଳେ ତାଙ୍କ ପିତ୍ନୀଙ୍କ ପାଇଁ ତାଙ୍କର ବହୁତ ଅବଦାନ ଥିବା ଦାବି କରିଛନ୍ତି । ସେ କହିଛନ୍ତିଯେ, 'ତାଙ୍କ ପତ୍ନୀଙ୍କୁ ଶିକ୍ଷିତ କରିବାକୁ ଅନେକ କଷ୍ଟ ବରଣ କରିଛନ୍ତି । ବିବାହ କରିବା ପରେ ତାଙ୍କୁ ଅଧିକ ପାଠ ପଢାଇବା ସହ ତାଙ୍କୁ ଚାକିରି କରାଇବା ଯାଏଁ ଅନେକ କଷ୍ଟ ସହିଛନ୍ତି । ଏପରିକି ନିଜ ଇଚ୍ଛାକୁ ମାରି ତାଙ୍କୁ ରୋଜଗାରକ୍ଷମ କରିଛନ୍ତି । ଘରର ବିଭିନ୍ନ କାର୍ଯ୍ୟ ମଧ୍ୟ ସେ ନିଜେ କରିଥାନ୍ତି । ତାଙ୍କର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅନେକ ସମସ୍ୟା ରହିଛି । ଏବେ ତାଙ୍କ ସ୍ୱାସ୍ଥ୍ୟ ଭଲ ରହୁନାହିଁ । ତାଙ୍କ ପତ୍ନୀ ମାସକୁ ୩୦ ହଜାର ରୋଜଗାର କରନ୍ତି । ତେଣୁ ଦୟାକରି ତାଙ୍କୁ ପତ୍ନୀଙ୍କ ଠାରୁ ଭରଣପୋଷଣ ଦିଆଯାଉ' । ସ୍ୱାମୀଙ୍କ ଏପରି ପିଟିସନକୁ ଚ୍ୟାଲେଂଜ କରିଥିଲେ ସ୍ତ୍ରୀ । ତାଙ୍କ ଉପରେ ଝିଅର ସବୁ ଦାୟିତ୍ୱ ରହିଛି । ତେଣୁ ମାସିକ ଏତେ ଟଙ୍କା ଦେବାକୁ ସେ ଅସମର୍ଥ ବୋଲି ଦର୍ଶାଇଥିଲେ । ଏହାପରେ ପୁରା ଘଟଣାର ଛାନବିନ୍ ହୋଇଥିଲା । ଏଥିରୁ ମିଳିଥିବା ସତ୍ୟତାକୁ ଆଧାର କରି ସ୍ୱାମୀଙ୍କୁ ମାସିକ ୩୦୦୦ ଟଙ୍କା ଭରଣପୋଷଣ ଖର୍ଚ୍ଚ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ । ଔରଙ୍ଗାବାଦ ହାଇକୋର୍ଟଙ୍କ ରାୟ ମୁତାବକ, ହିନ୍ଦୁ ମ୍ୟାରେଜ ଆକ୍ଟ ଧାରା ୨୪ ଓ ୨୫ ଅନୁଯାୟୀ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରୁ ଯଦି କୌଣସି ଜଣଙ୍କର ଆର୍ଥିକ ସ୍ଥିତି ଭଲ ନଥାଏ ତେବେ ଜଣେ ଅନ୍ୟକୁ ଭରଣପୋଷଣ ଦେବାକୁ ବାଧ୍ୟ । ଏହି ରାୟକୁ ବମ୍ବେ ହାଇକୋର୍ଟ ସମର୍ଥନ ଜଣାଇଛନ୍ତି ।

### ଶ୍ରୀମନ୍ଦିର ରୋଷଘରେ ୬୦ରୁ ଉର୍ଦ୍ଧ୍ୱ ....

ପୁରୀ ଶ୍ରୀମନ୍ଦିର ରୋଷ ଘରେ ଚୁଲି ଭଙ୍ଗା ଯିବା ମାମଲା ସାମନାକୁ ଆସିବା ପରେ ଏଥିରେ ଦୋଷୀ ମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀ ଅଜୟ ଜେନା । ଏହି ଘଟଣା ଉପରେ ପ୍ରତିକ୍ରିୟା ପ୍ରକାଶ କରି ସେ କହିଛନ୍ତି ଯେ ରୋଷଘରେ ଆଉ କେହି ପ୍ରବେଶ କରି ନ ଥାନ୍ତି । ସୁଆର ଓ ମହାସୁଆର ନିୟୋଗର ସେବାୟତ ମାନେ ଏହି କାମ ସମ୍ପାଦିତ କରିଥାନ୍ତି । ଏହାର ଜଏଂଟ ଇନକ୍ୱାରି କରାଯିବ । ଯିଏ ବି ଏଥି ପାଇଁ ଦାୟୀ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି ।

### ଶେଷ ଓଭରରେ ଚକ୍‌ମା....

ସୁପ୍ରିମକୋର୍ଟ ଆବେଦନ ଗ୍ରହଣ କରିବା ନେଇ ବିରୋଧୀ ଦଳ ନେତା ସେହବାଜ୍ ସରିଫ ଆଶାବାଦୀ ଥିବା ଟ୍ୱିଟ୍ କରି କହିଛନ୍ତି । ସେ କହିଛନ୍ତି ଯେ, ସଂସଦରେ ଅନାସ୍ଥା ପ୍ରସ୍ତାବ ସମ୍ପର୍କରେ ଭୋଟ୍ ଦେବାକୁ ସୁଯୋଗ ନଦେଇ ସରକାର ସାମ୍ବାଧାନିକ ନୀତିନିୟମକୁ ଉଲ୍ଲଂଘନ କରିଛନ୍ତି । ପାକିସ୍ତାନର ମିଳିତ ବିରୋଧୀ ଦଳ ସଂସଦ ଛାଡ଼ି ନାହାନ୍ତି । ଆମ ଓକିଲ ଏବେ ସୁପ୍ରିମକୋର୍ଟ ଯିବାକୁ ପ୍ରସ୍ତୁତ ହେଉଛନ୍ତି । ପାକିସ୍ତାନ ପିପୁଲ ପାର୍ଟିର ଅଧ୍ୟକ୍ଷ ବଲିୱାଲ ଭୁଟୋ ଜରଦାରୀ ଏହା କହିଛନ୍ତି । ସେପଟେ ଅନାସ୍ଥା ପ୍ରସ୍ତାବ ଖାରଜ ହେବା ପରେ ଦେଶବାସୀଙ୍କୁ ପୁଣି ଏକ ନିର୍ବାଚନ ପାଇଁ ପ୍ରସ୍ତୁତ ହେବାରୁ ଇମ୍ରାନ୍ ଖାନ୍ ଆହ୍ୱାନ କରିଛନ୍ତି । ସେହ କହିଛନ୍ତି ଯେ, ସରକାରଙ୍କ ବିରୋଧରେ ବିଦେଶୀ ଷଡ଼ଯନ୍ତ୍ର ବିଫଳ ହୋଇଛି । କିଏ ସରକାର ଗଠନ କରିବା ତାହା ଦେଶବାସୀ ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି । ସୂଚନା ଅନୁଯାୟୀ ଆଜି ପାକିସ୍ତାନ ସଂସଦରେ ଇମ୍ରାନ ଖାନ୍‌ଙ୍କ ବିରୋଧରେ ପ୍ରସ୍ତାବିତ ଅନାସ୍ଥା ଭୋଟ୍ ଉପସ୍ଥାପନ ହେବାର ଥିଲା । ହେଲେ ସରକାରଙ୍କ ବିରୋଧରେ ବିଦେଶୀ ଷଡ଼ଯନ୍ତ୍ର ଥିବା ଦର୍ଶାଇ ପାକିସ୍ତାନ ସଂସଦର ଉପବାଚସ୍ପତ୍ତି ଏହାକୁ ଖାରଜ୍ କରିଦେଇଛନ୍ତି ।

### ମାରିୟୁପୋଲରେ ଋଷ....

ଅନ୍ୟ ଅଞ୍ଚଳରେ ଶକ୍ତି ବୃଦ୍ଧି କରୁଛି । ୟୁକ୍ରେନ ଉପରେ ରାସାୟନିକ ଏବଂ ଜୈବିକ ଆକ୍ରମଣ ହେବା ଆଶଂକା ବଢୁଥିବାରୁ ଏହାର ମୁକାବିଲା ପାଇଁ ଆମେରିକା ୟୁକ୍ରେନକୁ ସହଯୋଗ କରୁଛି । ଆମେରିକା ୟୁକ୍ରେନକୁ ଜୀବନ ରକ୍ଷାକାରୀ ଉପକରଣ ପଠାଉଛି । ଏହାସହିତ ଆମେରିକା ରାଷ୍ଟ୍ରପତି ଜୋ-ବାଇଡେନ୍ କହିଛନ୍ତି, ଯଦି ଋଷ ରାଷ୍ଟ୍ରପତି ପୁଟିନ୍ ଯୁଦ୍ଧରେ ରାସାୟନିକ ଅସ୍ତ୍ରର ପ୍ରୟୋଗ କରନ୍ତି ତାହେଲେ ନାଟୋ ଏହାର କଡା ଜବାବ ଦେବ । ତେବେ ୟୁକ୍ରେନ୍ ପାଇଁ ଅଧିକ ବିପଦ ମାଡିଆସୁଛି ବୋଲି ଯୁଦ୍ଧନୀତି ବିଶେଷଜ୍ଞମାନେ କହିଛନ୍ତି ।

## ବାଥୁଡି ସମ୍ପ୍ରଦାୟର ଅଠର ଦେଉଳ ପୂଜା ଉଦ୍‌ଯାପିତ



ବାରିପଦା, ୦୩/୦୪ (ନି.ପ୍ର): ବିଶ୍ୱ ପ୍ରସିଦ୍ଧ ଶିମିଳିପାଳ ଅଭୟାରଣ୍ୟର ଆଭ୍ୟନ୍ତରୀଣ ଅଂଚଳରେ ଥିବା ବାଥୁଡି ସମ୍ପ୍ରଦାୟର ଆଦିପୀଠ ଅଠର ଦେଉଳରେ ବାର୍ଷିକ ବଡାମ ପୂଜା ଭକ୍ତିମୟ ପରିବେଶ ମଧ୍ୟ ରେ ପାଳିତ ହୋଇ ଯାଇଛି । ଏଥିରେ ମୟୂରଭଞ୍ଜ ସମେତ ପଡୋଶୀ ବାଲେଶ୍ୱର , କେନ୍ଦୁଝର ଓ ଅନ୍ୟାନ୍ୟ ଜିଲାର ବାଥୁଡି ସମ୍ପ୍ରଦାୟର ଲୋକେ ଯୋଗ ଦେଇ ଥିଲେ । ଶିମିଳିପାଳ କ୍ଷେତ୍ର ନିର୍ଦ୍ଦେଶକଙ୍କ ଅନୁମତି କ୍ରମେ ବାରିପଦା, ଉଦଳା ଓ ବାଲେଶ୍ୱରରୁ ଆସି ଥିବା ଭକ୍ତ ମାନେ ପିଠାବଟା ପ୍ରବେଶ ଫାଟକ ଦେଇ ଶିମିଳିପାଳ ( ଦକ୍ଷିଣ) ପଟୁ ପ୍ରବେଶ କରି ମା ଦ୍ୱାରଶୁଣି , ଗଣେଶ୍ୱର ଗଡ଼ , ଗଡ଼ଚଣ୍ଡୀ, ଯୋରନ୍ଦା, ବରେହିପାଣି ଆଦି ପୂଜାସ୍ଥଳୀ ଗୁଡିକରେ ପୂଜାର୍ଚ୍ଚନା କରି ଲେମୁଗଡା ନିକଟସ୍ଥ ମାନବ ଦେଉଳରେ ପ୍ରବେଶ କରିଥିଲେ । ସେହିପରି ଯଶିପୁର, କରଞ୍ଜିଆ, କେନ୍ଦୁଝର ଆଦି ଅଞ୍ଚଳରୁ ଆସି ଥିବା ଭକ୍ତ ମାନେ ଯଶିପୁରସ୍ଥିତ ଖଇରୀ ନିବାସ କାର୍ଯ୍ୟାଳୟରୁ ଅନୁମତି ପତ୍ର ନେଇ କାଳୀଆଣି ପ୍ରବେଶ ଫାଟକ ଦେଇ ଶିମିଳିପାଳରେ ପ୍ରବେଶ କରି ଅନ୍ଧାରୀ ଶାଳ , ଶଙ୍ଖେଇ ଶାଳ , ମହାବୃକ୍ଷ ଶାଳ, ଚମ୍ପାବତୀ, ବୁଢ଼ୀ ଘର ଆଦି ଉପାସନା ପୀଠ ଗୁଡିକ ରେ ପୂଜାର୍ଚ୍ଚନା କରି ମାନବ ଦେଉଳରେ ଏକତ୍ରୀତ ହୋଇ ଥିଲେ । ପାରମ୍ପରିକ ପୋଷକରେ ମାନବ ଦେଉଳ ପ୍ରାଙ୍ଗଣ ରେ ଏକତ୍ରୀତ ହୋଇ ବାଥୁଡି ସମ୍ପ୍ରଦାୟର ଲୋକେ ପତ୍ର କୁଡ଼ିଆ କରି ପ୍ରାୟ ଏକ ସପ୍ତାହ ବ୍ୟାପୀ ରହିବା ସହ ସେଠାରୁ ଈଶ୍ୱର ଦେଉଳ, ଲକ୍ଷ୍ମୀ ଭଣ୍ଡାର, ବାଉଳି ଦେଉଳକୁ ଖାଲି ପାଦରେ ଚାଲି ଚାଲି ଯାଇ ପୂଜା କରିଥିଲେ । ମାନବ ଦେଉଳ ପ୍ରାଙ୍ଗଣ ରେ ଚାଙ୍ଗୁ ଖଳା ପ୍ରସ୍ତୁତ କରି ରାତି ତମାମ ପୁରୁଷ ମହିଳା ମାନେ ଚାଙ୍ଗୁ ନୃତ୍ୟରେ ନିଜକୁ ହଜେଇ ଦେଇ ଥିଲେ । ଚାଙ୍ଗୁ ବାଦ୍ୟର ଶବ୍ଦ ସହ ଜୟ ବଡାମ୍ ବଡାମଣୀ ଙ୍କର ଜୟ ଧ୍ୱନୀ ରେ ନିସ୍ତବ୍ଧ ବନ ମୁଲକ ପ୍ରକମ୍ପିତ ହେବା ସହ ଭକ୍ତିମୟ ପରିବେଶ ସୃଷ୍ଟି ହୋଇ ଥିଲା । ମାନବ ଦେଉଳ ରେ ରହଣୀ ସମୟ ରେ ବାଥୁଡି ମାନେ କ୍ଷର ଶୌଚ ହୋଇ ଉଦ୍ଧବ ଶୀଳାରେ ଅଙ୍ଗ ମର୍ଦ୍ଦନ କରି ଗୋମୟ ପାନ କରି ପବିତ୍ର ହୋଇ ପୂଜାରେ ସାମିଲ ହୋଇ ଥିଲେ । ଶହ ଶହ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ଚାଲି ଆସୁଥିବା ଏହି ପୂଜା ପରମ୍ପରା ଚଳିତ ବର୍ଷ ମଧ୍ୟ ସମାପନ ହୋଇଥିବାର ଜଣା ଯାଇଛି । ଏହି ନିଆରା ପୂଜା କାର୍ଯ୍ୟକ୍ରମ ରେ ଯଶିପୁର ବ୍ଲକ ଅଧକ୍ଷା କୁମୁଦୁନି ଦୋଳେଇ , ପୂର୍ବତନ ବ୍ଲକ ଅଧକ୍ଷ ମାନଗୋବିନ୍ଦ ନାୟକ, ଗୁଡୁଗୁଡ଼ିଆ ସମିତି ସଭ୍ୟା ଯସ୍ମା ମୟୀ ନାଏକ , ଜିଲ୍ଲା ପରିଷଦ ସଦସ୍ୟା ମିନତୀ ନାଏକ ବୀଣାପାଣି ନାଏକ, ପୂର୍ବତନ ବିଧାୟକ ବିଜୟ କୁମାର ନାଏକ, ମଉଦି ସରପଞ୍ଚ ପ୍ରଦୀପ କୁମାର ନାଏକ , ପୂର୍ବତନ ସରପଞ୍ଚ ଗୋବିନ୍ଦ ଚନ୍ଦ୍ର ନାଏକ , ବରିଷ୍ଠ ଦେହୁରୀ କୋଇବଲ୍ୟ ନାଏକ, ଯୁବ ସଂଗଠକ ପଙ୍କଜ କୁମାର ନାଏକ ଓ ବାଥୁଡି ସାଂସ୍କୃତିକ ଶାଖା, କେନ୍ଦ୍ରୀୟ କାର୍ଯ୍ୟାଳୟ , ଭୁବନେଶ୍ୱର ସମେତ କେନ୍ଦୁଝର , କରଞ୍ଜିଆ,ରାଉରକେଲା ଶାଖା ର ବହୁ କର୍ମକର୍ତ୍ତା ଯୋଗ ଦେଇ ପୂଜା କାର୍ଯ୍ୟରେ ସକ୍ରିୟ ଅଂଶଗ୍ରହଣ କରି ଥିଲେ । ଏହି ପୂଜା ରେ ବିଶେଷ ସହଯୋଗ କରି ଥିବା ବନ ବିଭାଗ ତଥା ବିଭିନ୍ନ ବାଥୁଡି ସଂଗଠନ ଓ ବ୍ୟକ୍ତିବିଶେଷ ଙ୍କୁ ଜାମଦା ସାହି ସରପଞ୍ଚ ଶ୍ରୀଯୁକ୍ତ ଜିତେନ୍ଦ୍ର କୁମାର ନାଏକ ବାଥୁଡି ସମ୍ପ୍ରଦାୟ ତରଫ ରୁ ଧନ୍ୟବାଦ ଜ୍ଞାପନ କରିଛନ୍ତି ।

## ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରେ ରାଷ୍ଟ୍ରୀୟ ନବବର୍ଷ

ବାଲେଶ୍ୱର,୦୩/୦୪ (ନି.ପ୍ର): ବୃନ୍ଦାବତୀ ବିହାର ମହିଳା ସତସଙ୍ଗ ଓ ବାଲିଆ ସରସ୍ୱତୀ ବିଦ୍ୟାମନ୍ଦିରର ମିଳିତ ସହଯୋଗରେ ରାଷ୍ଟ୍ରୀୟ ନବବର୍ଷ ପାଳିତ ହୋଇଯାଇଛି । ଶିଶୁ ବିଦ୍ୟାମନ୍ଦିର ସଭାପତି ସମାଜସେବୀ କାଞ୍ଚନବାଳା ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କବି ପ୍ରଶାନ୍ତ ଦାସ, ଶ୍ରୀନିକ୍ସ କଲେଜ ଅଧ୍ୟକ୍ଷ ଇଂ ଯଶୋବନ୍ତ ମହାନ୍ତି, ଶିକ୍ଷାବିତ ସୌନ୍ଦର୍ଯ୍ୟଲକ୍ଷ୍ମୀ ମହାନ୍ତି ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗଦେଇ ରାଷ୍ଟ୍ରୀୟ ନବବର୍ଷ ପାଳନର ଯଥାର୍ଥତା ଓ ପ୍ରାଚୀନ ଭାରତୀୟ ସଂସ୍କୃତିର ବୈଶିଷ୍ଟତା ସମ୍ପର୍କରେ ଆଲୋଚନା କରିଥିଲେ । ସୁସଂଧ୍ୟା ସ୍ୱାଇଁ ଏହି କାର୍ଯ୍ୟକ୍ରମରେ ସଂଯୋଜନା କରିଥିବା ବେଳେ ସୁଶ୍ରୀ ପ୍ରାକ କଥନ ରଖିଥିଲେ । କବିତା ମହାନ୍ତି ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

## ଘରଭାଙ୍ଗିଲେ ହାତୀ ପଲ : କାନ୍ଥପଡ଼ି ନାବାଳିକା ଆହତ

ନୀଳଗିରି, ୦୩/୦୪ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି କୁଲଡିହା ବନବିଭାଗ ଅଧୀନ ଜୁଣିଆ ଗ୍ରାମରେ ହାତୀ ଉପଦ୍ରବ ଦେଖିବାକୁ ମିଳିଛି । ଗାଁରେ ଭୀମସେନ ଦାସ ଙ୍କ ଘର ଭାଙ୍ଗିବା ସହ କାନ୍ଥ ପଡ଼ି ନାବାଳିକା ଆହତ ହୋଇଥିବା ବେଳେ ଅଳ୍ପକେ ବର୍ତିଗଲେ ଜେଜମା । ଫଳରେ ବନବିଭାଗର କାର୍ଯ୍ୟଦକ୍ଷତାକୁ ନେଇ ଗାଁରେ ଉତେଜନା ଦେଖାଯାଇଛି ।ନିକଟ ଅତିତରେ ଜଙ୍ଗଲରେ ୨ଟି ହାତୀର ଗଳିତ ମୃତ ଦେହ ଠାବ ହୋଇଥିବା ବେଳେ ଗାଁ ବାରୟାର ହାତୀ ଉପଦ୍ରବ ଦେଖିବାକୁ ମିଳିଛି ।

## ୩ ପଂଚାୟତର ଆରାଧ୍ୟ ଦେବୀ ମା' ଭଗବତୀ ମନ୍ଦିର ପ୍ରତିଷ୍ଠା ଓ କଳସ ଶୋଭାଯାତ୍ରା



ଜଳେଶ୍ୱର, ୦୩/୦୪ (ନି.ପ୍ର): ସୁବର୍ଣ୍ଣରେଖା ନଦୀକୂଳ ରାଇବଣିଆ ଥାନାର ଗୋପାଳପ୍ରସାଦ ଗାଁରେ ୩ ପଂଚାୟତର ଆରାଧ୍ୟ ଦେବୀ ମା ଭଗବତୀ ମନ୍ଦିରର ପୁନଃ ପ୍ରତିଷ୍ଠା ଓ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇ ଯାଇଛି । ଓଡିଶା ଓ ପଶ୍ଚିମବଂଗ ସୀମାରେ ଏପରି ମନ୍ଦିରର ଅଲୌକିକତାକୁ ନେଇ ବହୁ କିମ୍ବଦନ୍ତି ରହିଛି । ମନସ୍କାମନା ପୂର୍ଣ୍ଣ ହେଉଥିବାରୁ ଏଠାରେ ଭକ୍ତଙ୍କ ପ୍ରବଳ ଭିଡ ଲାଗି ରହେ । ଆଜିର ଏହି କାର୍ଯ୍ୟକ୍ରମରେ ଖୁଦିଆମାଝିସାହି, ମାକିଡିଆ ଓ ଓଲମରା ପଂଚାୟତର ପ୍ରାୟ ୨୦ ଗାଁର ଅଧିବାସୀ ଏଥିରେ ସାମିଲ ହୋଇଥିଲେ । ଆଜି ଭୋର ସମୟରେ ସୁବର୍ଣ୍ଣରେଖା ନଦୀରୁ ପ୍ରାୟ ୨୬୦ ମହିଳା ଓ ହଜାର ହଜାର ଗ୍ରାମବାସୀ ପବିତ୍ର ପୂର୍ଣ୍ଣ କଳସ ପାଣି ଧରି ଶୋଭାଯାତ୍ରାରେ ମନ୍ଦିର ନିକଟରେ ପହଞ୍ଚିଥିଲେ । ପବିତ୍ର ପାଣିରେ ମନ୍ଦିର ଧୌତ କରିବାପରେ ବିଧି ମୁତାବକ ଯଜ୍ଞ ଆରମ୍ଭ ହୋଇଥିଲା । କଥିତ ଅଛି ପ୍ରାୟ ୧୬୦ ବର୍ଷ ପୂର୍ବେ ସ୍ଥାନୀ ଜଣେ ବ୍ୟକ୍ତି ସ୍ୱପ୍ନାଦେଶ ପରେ ଏକ ପୋଖରୀରୁ ମାଙ୍କ ବିଗ୍ରହ ପାଇବାରେ ଏହାକୁ ଗ୍ରାମବାସୀମାନେ ପ୍ରତିଷ୍ଠା କରିଥିଲେ । ପ୍ରତ୍ୟେକ ଶନିବାର ଓ ମଙ୍ଗଳବାର ମାଙ୍କ ପ୍ରିୟ ଖିରି ଭୋଗ ଲାଗି ହୋଇଥାଏ । ରାଇବଣିଆଠାରେ ବିରାଟ ରାଜାଙ୍କ ଗଡ ଥିବା ବେଳେ ତାଙ୍କର ଆରାଧ୍ୟ ଦେବୀ ମା ଭଗବତୀ ପୂଜା ପାଇ ଆସୁଛନ୍ତି । ବିଧାୟକଙ୍କ ହାତପାଣ୍ଠି ଓ ସ୍ଥାନୀୟ ଲୋକଙ୍କ ଅକୁଣ୍ଠିତ ଦାନରେ ଏପରି ଭବ୍ୟ ମନ୍ଦିର ନିର୍ମାଣ ହୋଇ ପାରିଥିବା ଗ୍ରାମ୍ୟମୁଖ୍ୟ ଧନଞ୍ଜୟ ଅଧିକାରୀ, ଗ୍ରାମ୍ୟକମିଟିର ମନ୍ମଥ ଖାଟୁଆ, ଶିରିଶ ଅଧିକାରୀ, ହିମାଂଶୁ ପ୍ରଧାନ, ରାଧାଗୋବିନ୍ଦ କୁଇଲା ଓ ଉତ୍ତମ ପଢିଆରୀ ପ୍ରମୁଖ କହିଛନ୍ତି । ଆସନ୍ତା କାଲି ଯଜ୍ଞ ପୂର୍ଣ୍ଣାହୁତି ପରେ ପ୍ରସାଦ ସେବନ ହେବବୋଲି ମନ୍ଦର ମୁଖ୍ୟ ପୂଜକ ବିଜ୍ଞାନ ଚନ୍ଦ୍ର ପତି କହିଛନ୍ତି । ଆସନ୍ତା ଦିନରେ ଏଠାରେ ଏକ କଲ୍ୟାଣ ମଣ୍ଡପ ଓ ପ୍ରାଚୀରବେଢା ନିର୍ମାଣ କରାଯିବା ସଂପର୍କରେ ବିଧାୟକ ଓ ବ୍ଲକ ଅଧ୍ୟକ୍ଷ ପ୍ରତିଶୃତି ଦେଇଥିବା ଗ୍ରାମବାସୀମାନେ କହିଛନ୍ତି ।

## ବିସିପିଏଲ ସିଜିନ-୪ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ : ପରି ଚ୍ୟାଲେଞ୍ଜର ଚମ୍ପିୟାନ



ବାରିପଦା, ୦୩/୦୪ (ନି.ପ୍ର): ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ଡିଆରକେ କ୍ଲବ ଆନୁକୂଲ୍ୟରେ ଓ ମୟୂରଭଞ୍ଜ ଏଥଲେଟିକ ଆସୋସିଏସନର ସହଯୋଗରେ ଅନୁଷ୍ଠିତ ବାରିପଦା ପ୍ରିମିୟର ଲିଗ ସିଜନ ୪ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଫାଇନାଲ ମ୍ୟାଚରେ ପରି ଚାଲେଂଜର ଭି ରାଗିଙ୍ଗ ବୁଲକୁ ଦୁଇ ଉଇକେଟରେ ପରାସ୍ତ କରି ଚମ୍ପିୟାନ ହୋଇଛି । ପ୍ରଥମେ ବ୍ୟାଟିଂ କରି ରାଗିଙ୍ଗ ବୁଲ୧୮.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୨୬ ରନ କରିଥିଲେ । ଦଳ ପକ୍ଷରୁ ମନୀଷ ପଣ୍ଡା ସର୍ବାଧିକ ୪୨ ରନ କରିଥିବାବେଳେ ବିପକ୍ଷ ଦଳର ସାମଶେର ଆଲାମ ଓ ସୁଶାନ୍ତ ଦାସ ୩ ଟି ଲେଖାଏଁ ତଥା ସୁବିତ ସେଠି ୨ ଟି ଉଇକେଟ ଅକ୍ତିଆର କରିଥିଲେ । ଉତ୍ତରରେ ପରି ଚାଲେଞ୍ଜର ୧୯.୪ ଓଭରରେ ୮ ଉଇକେଟ ହରାଇ ୧୨୮ ରନ କରି ବିଜୟୀ ହୋଇଥିଲେ । ଦଳ ପକ୍ଷରୁ ସୁବ୍ରତ କୁମାର ସିଂହ ୪୪ ଓ ସତ୍ୟ ନାରାୟଣ ଜୀଉ ୨୫ ରନ କରିଥିବାବେଳେ ବିପକ୍ଷ ଦଳର ମନୁ ରାମ ୩ ଟି ଓ ରାଜେଶ ବେହେରା ୨ ଟି ଉଇକେଟ ଅକ୍ତିଆର କରିଥିଲେ । ସୁଶାନ୍ତ ମହାନ୍ତି ଓ ଦିଲ୍ଲୀପ ଦାସ ଫାଇନାଲ ମ୍ୟାଚକୁ ପରିଚାଳନା କରିଥିବାବେଳେ ସମ୍ବିତ ମହାରଣା ସ୍କୋରିଙ୍ଗରେ ସହାୟତା କରିଥିଲେପଙ୍କଜ ମହାକୁଡ଼, ଗୌତମ ଦାସ ଓ ଦୀପକ ଦାସ ଧାରଓବିବାରଣୀ ପ୍ରଦାନ କରିଥିଲେ ଓ ଫାଇନାଲ ମ୍ୟାଚର ମ୍ୟାନ ଅଫ ଦି ମ୍ୟାଚ ସୁବ୍ରତ କୁମାର ସିଂହ, ଶ୍ରେଷ୍ଠ ବୋଲର ପ୍ରୀତପାଲ ସିଂହ, ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଓ ମ୍ୟାନ ଅଫ ଦି ସିରିଜ ଭାବେ ଅଭିଜ୍ଞାନ ମହାନ୍ତି ପୁରସ୍କୃତ ହୋଇଛନ୍ତି । ନଗରପାଳ କୃଷ୍ଣଓନନ୍ଦ ମହାନ୍ତି, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁରେଶ ଚନ୍ଦ୍ର ପାତ୍ର, ମୟୁରଭଞ୍ଜ ଏଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ସହ ସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ପ୍ରସନ୍ନଜିତ ମହାନ୍ତି ବରିଷ୍ଠ ଖେଳାଳି ଲଲାଟେନ୍ଦୁ ବେହେରା, ସଂଜୀବ ଦ୍ୱିବେଦୀ, କଳିଙ୍ଗ କେଶରୀ ଜେନା, ପିଣ୍ଟୁ ମାଇତି ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ପୁରସ୍କୃତ କରିଥିଲେ ଓ ଦେବଜୀତ ପଟ୍ଟନାୟକ, ସୁଦୀପ୍ତ ମଲ୍ଲିକ, ଆଭାସ ଦେ ତଥା ସମସ୍ତ ଦଳ ଟୁର୍ଣ୍ଣାମେଣ୍ଟକୁ ସଫଳ କରିଥିବାରୁ ମୁଖ୍ୟ ଆୟୋଜକ ତଥା ମୟୁରଭଞ୍ଜ ଏଥଲେଟିକ ଆସୋସିଏସନର କୋଷାଧକ୍ଷ ଅମିତାଭ ଦାସ ଧନ୍ୟବାଦ ଦେଇଥିଲେ ।

## ଉନ୍ନୟନ କାର୍ଯ୍ୟକୁ ବିରୋଧ : ଗ୍ରାମବାସୀଙ୍କ ଉଦ୍‌ବେଗ

ଲଙ୍ଗଳେଶ୍ୱର, ୦୩/୦୪ (ନି.ପ୍ର): ବିରୋଧ କରିବା ନାମରେ ସବୁ ଉନ୍ନୟନ କାର୍ଯ୍ୟକୁ ବିରୋଧ କରିବା କିଛି ଲୋକଙ୍କର ଉଦେଶ୍ୟ ଥାଏ ।ଯାହାକି ସବୁ ସାଧାରଣ ଲୋକଙ୍କୁ ଅସୁବିଧାର ପକାଇଥାଏ ।ଏମିତି ଏକ ଘଟଣା ଘଟିଛି ବାଲିଆପାଳ ବ୍ଲକ ଅନ୍ତର୍ଗତ ପଞ୍ଚୁପାଲି ପଞ୍ଚାୟତ ର କାଳସିମୁଳି ଗ୍ରାମର ଦ୍ୱାରିକେଶ୍ୱରୀ ହାଟ ରେ ।ଖବର ନେବାରୁ ଜଣାଯାଇଛି ଜମ୍ପୀରାଇ ର କୁହଲାରୀ ଛକ ଠାରୁ ଦ୍ୱାରିକେଶ୍ୱରୀ ହାଟ ଦେଇ କାଳସିମୁଳି,କୁଚୁଲାଘାଟି ଯାଏଁ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା ରେ ନୂଆ ପ୍ରଶସ୍ତିକରଣ ରାସ୍ତା ତିଆରି ଚାଲିଛି ।ହାଟ ରାସ୍ତାରେ ଦୁଇଟି ଗଛ ପଡ଼ିଥିବାରୁ ଗଛ ନ କାଟିଲେ ରାସ୍ତା ହେବା ଅସମ୍ଭବ ଯୋଗୁଁ ଗଛ କାଟି ରାସ୍ତା କରାଯିବ ବୋଲି ଗ୍ରାମ ସଭାରେ ସମସ୍ତେ ସିଦ୍ଧାନ୍ତ କରିଛନ୍ତି ।କିନ୍ତୁ ସ୍ୱାମୀ ମରିଯାଉ ପଛେ କିନ୍ତୁ ସଉତୁଣୀ ବିଧବା ହେଉ ନ୍ୟାୟରେ ହାତ ଗଣତି କିଛି ଲୋକ ରାସ୍ତା ତିଆରି କରାଇ ନ ଦେବା ପାଇଁ ଗଛ କାଟିବାକୁ ବିରୋଧ କରୁଛନ୍ତି । ବରଂ ରାସ୍ତା ତିଆରି ନ ହେଉ କିନ୍ତୁ ଗଛ କାଟିବାକୁ ଦିଆଯିବ ନାହିଁ ବୋଲି ପଞ୍ଚୁପାଲି ଆର ଆଇ ପାଖରେ ଦାବି କରିଛନ୍ତି । ଯାହାଫଳରେ ଗ୍ରାମବାସୀମାନେ ଉଦବେଗ ପ୍ରକାଶ ପାଇଛି ।ଏଭଳି ଉନ୍ନୟନ କାର୍ଯ୍ୟକୁ ବିରୋଧ କରୁଥିବା ଲୋକ ଉପରେ ପଦକ୍ଷେପ ନେବା ସହିତ ରାସ୍ତା ନିର୍ମାଣ କରିବା ପାଇଁ ସମିତି ସଦସ୍ୟଙ୍କ ପ୍ରତିନିଧି ଗୋପାଳ ଚନ୍ଦ୍ର ଦାସ,ଗ୍ରାମମୁଖ୍ୟ ଚିତ୍ତରଞ୍ଜନ ଦାସ,ପୂର୍ବତନ ନାଏବ ସରପଞ୍ଚ ପାଗଳି ସାହୁ,ଚିତ୍ତରଞ୍ଜନ ପ୍ରଧାନ,ମାନଗୋବିନ୍ଦ ପ୍ରଧାନ ସମେତ ଶତାଧିକ ଗ୍ରାମବାସୀ ପ୍ରମୁଖ ଜିଲ୍ଲାପାଳଙ୍କୁ ଲିଖିତ ଦାବି ଜଣାଇଛନ୍ତି ।

## କବୟିତ୍ରୀ ଶାନ୍ତିଲତା ଆଚାର୍ଯ୍ୟଙ୍କ ୭୩ ତମ ଜନ୍ମଦିନ ପାଳିତ




ବାରିପଦା, ୦୩/୦୪ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ସାହିତ୍ୟ ସଂସ୍କୃତି ବିକାଶ ମଞ୍ଚ ତରଫରୁ କବୟିତ୍ରୀ ଶାନ୍ତିଲତା ଆଚାର୍ଯ୍ୟଙ୍କ ୭୩ତମ ଜନ୍ମଦିନ ପାଳିତ ହୋଇଯାଇଛି । ବରିଷ୍ଠ ଶିକ୍ଷକ ବୁଦ୍ଧିରାମ ସିଂ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ସାହିତ୍ୟ ସଂସ୍କୃତି ବିକାଶ ମଂଚ ସଭାପତି ଡ଼ଃ ସରୋଜ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କବୟିତ୍ରୀ ଶାନ୍ତିଲତା ଆଚାର୍ଯ୍ୟଙ୍କ ସାରସ୍ୱତ ଜୀବନ, ରାଜ୍ୟ ସ୍ତରୀୟ ରେଡ଼କ୍ରସ ରେ ସକ୍ରିୟ ଭୂମିକା ତଥା ପ୍ରଧାନ ଶିକ୍ଷୟିତ୍ରୀ ଭାବେ ଦକ୍ଷ କର୍ମମୟ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଶିକ୍ଷକ ପ୍ରବୀଣ କୁମାର ଚାନ୍ଦ , ଯୁବ କବି ଅମିତାଭ ମିଶ୍ର ଯୋଗ ଦେଇ ଶ୍ରୀମତୀ ଆଚାର୍ଯ୍ୟ ଙ୍କ ଲିଖିତ ପୁସ୍ତକ ସମୂହ ର ଏକ ତୁଳନାତ୍ମକ ଚିତ୍ର ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ରେ ମଂଚର ସଦସ୍ୟ ସଦସ୍ୟା ଗଣ ଉପସ୍ଥିତ ରହି କବୟିତ୍ରୀ ଆଚାର୍ଯ୍ୟଙ୍କ ଦିର୍ଘ ଜୀବନ କାମନା କରିଥିଲେ ।

# ଗୋଟିଏ ଦିନରେ ୩୬ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୦୩/୦୪ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୩୬ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୭୭୩୭ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୬ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୮୨୩୩ ହୋଇଛି। ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୩୩୦ ରହିଛି । ଆଜି ଚିହ୍ନଟ ହୋଇଥିବା ୩୬ ଜଣଙ୍କ ମଧ୍ୟରୁ ୨୧ଜଣ ସଂଗରୋଧରୁ ହୋଇଥିବା ବେଳେ ୧୫ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୧ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୁନ୍ଦରଗଡ ଜିଲ୍ଲାରୁ ସବୁଠାରୁ ଅଧିକ ୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନ ଥିବା ବେଳେ ବାଲେଶ୍ୱର ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ, ଭଦ୍ରକ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନ ଥିବା ବେଳେ ବଲାଙ୍ଗୀର ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଓ କଟକ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନ ଥିବା ବେଳେ ଦେବଗଡ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଂକାନାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଗଜପତି ଜିଲ୍ଲାରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଗଂଜାମ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇନାହାନ୍ତି । ଜଗତସିଂହପୁର ଜିଲ୍ଲାରୁ ୧ ତଥା ଯାଜପୁରରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା, କଳାହାଣ୍ଡି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। କେନ୍ଦ୍ରାପଡା ଜିଲ୍ଲାରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କେନ୍ଦୁଝର ଜିଲ୍ଲାରେ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ।

## ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ହିନ୍ଦୁ ନବବର୍ଷ




ବାଲେଶ୍ୱର,୦୩/୦୪ (ନି.ପ୍ର): ବିଶ୍ୱ ହିନ୍ଦୁ ପରିଷଦ ବାଲେଶ୍ୱର ନଗର ଶାଖା ପକ୍ଷରୁ ହିନ୍ଦୁ ନବବର୍ଷ ସହରର ଆୟୁଷ୍ମାନ କଲ୍ୟାଣ ମଣ୍ଡପରେ ପାଳିତ ହୋଇଯାଇଛି । ଏନେଇ ପୂର୍ବାହ୍ନରେ ସମାଜ କଲ୍ୟାଣ ନିମିତି ପକ୍ଷରୁ ଓଁକାର ଧ୍ୱନି, ଦେବ ପାଠ, ଶଙ୍ଖଧ୍ୱନି ସହ ପୂଜାର୍ଚ୍ଚନା ଓ ଯଜ୍ଞାଦି କର୍ମକାଣ୍ଡ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ଆୟୋଜିତ ସାଧାରଣ ସଭାରେ ବନାରସର ଧର୍ମଗୁରୁ ସ୍ୱାମୀ ଶାଶ୍ୱତାନନ୍ଦଜୀ ମହାରାଜ ବରେଣ୍ୟ ଅତିଥି ଭାବେ ଯୋଗଦେଇ ହିନ୍ଦୁତ୍ୱର ବୈଶିଷ୍ଟତା ସମ୍ପର୍କରେ ଆଲୋଚନା କରିଥିଲେ । ପାଶ୍ଚତ୍ୟ ସଂସ୍କୃତି ପ୍ରଭାବରେ ଇଂରାଜୀ ନବବର୍ଷ ପାଳନ କରୁଥିବା ହିନ୍ଦୁମାନେ ନିଜର ପରମ୍ପରା ଓ ସଂସ୍କୃତି ଭୁଲି ଯାଉଛନ୍ତି । ଏହାକୁ ଉଜ୍ଜୀବିତ ରଖିବା ପାଇଁ ପ୍ରତ୍ୟେକ ମହଲରୁ ଉଦ୍ୟମ କରିବାକୁ ସେ ଆହ୍ୱାନ ଦେଇଥିଲେ । ବିଶ୍ୱ ହିନ୍ଦୁ ପରିଷଦ ଜିଲା ଉପ-ସଭାପତି ସଞ୍ଜୟ ମହାପାତ୍ର ଏଥିରେ ଅନ୍ୟତମ ଅତିଥି ଭାବେ ଯୋଗଦେଇ ହିନ୍ଦୁ ନବବର୍ଷ ପାଳନର ଆଭିମୁଖ୍ୟ ଓ ମହତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ । ପରିଷଦର ନଗର ସଭାପତି ଆଲୋକ କୁମାର ପଣ୍ଡା ଏଥିରେ ସଂଯୋଜନା କରିଥିଲେ । ଏହି ଅବସରରେ ସଙ୍ଗଠନର ବରିଷ୍ଠ ସଦସ୍ୟ ଏବଂ ସଂଗଠନ ସହ ଜଡିତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହା ସହିତ ମାଣିଖମ୍ବ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ପୂର୍ବରୁ ଆୟୋଜିତ ଭାରତୀୟ ସଂସ୍କୃତି ଓ ପରମ୍ପରା ଆଧାରିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ସଭା ପରେ ମାଣିଖମ୍ବ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଗୁରୁକୃତି ଅନୁଷ୍ଠାନ, ସତ୍ୟମ ଯୋଗ ବିଦ୍ୟାଳୟ, ନୃତ୍ୟାୟନ ସଂଗଠନ, ମାଣିଖମ୍ବର ସଂସ୍କାର କେନ୍ଦ୍ର ପ୍ରଭୃତି ଅନୁଷ୍ଠାନ ପକ୍ଷରୁ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ପ୍ରଶାନ୍ତ ନାୟକ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ଧରଣୀଧର ମିଶ୍ର, ରଜନୀକାନ୍ତ ଶତପଥୀ, ବଳଭଦ୍ର ଶତପଥୀ, ହେମଲତା ସାହୁ, ରାକେଶ ସାହା, ପ୍ରଫୁଲ ଦାସ, କ୍ଷୀତିଶ୍ୱର ଦାସ, ଭାଗ୍ୟରଞ୍ଜନ ନାୟକ, ନିହାର ରଞ୍ଜନ ପଣ୍ଡା, ବିନୋଦ ନାୟକ ପ୍ରମୁଖଙ୍କ ସମେତ ବିଶ୍ୱ ହିନ୍ଦୁ ପରିଷଦର କର୍ମକର୍ତ୍ତା ଓ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ରାଜ୍ୟରେ କରୋନାରେ ଆଉ ୩୭ ଜଣ ସୁସ୍ଥ ହେଲେ

ଭୁବନେଶ୍ୱର, ୦୩/୦୪ (ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ଆଉ ୩୭ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି । ଏହା ସହ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ବଢି ୧୨୭୮୨୭୦ ହୋଇ ଯାଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ସମ୍ବଲପୁର ଜିଲ୍ଲାରୁ ସବୁଠାରୁ ଅଧିକ ୧୦ ଜଣ ଥିବା ବେଳେ ଖୋର୍ଦ୍ଧା ଜିଲ୍ଲାରୁ ୬ ଜଣ ରହିଛନ୍ତି । ସୁନ୍ଦରଗଡ ଜିଲ୍ଲାରୁ ୫ ଜଣ ସୁସ୍ଥ ହୋଇଥିବା ବେଳେ ମୟୂରଭଂଜ ଓ ବାଲେଶ୍ୱର ଜିଲ୍ଲାରେ ୪-୪ ଜଣ ସୁସ୍ଥ ହୋଇଛନ୍ତି । ସେହିପରି ଯାଜପୁର ଜିଲ୍ଲାରେ ୩ ଜଣ, ଗଂଜାମ ଜିଲ୍ଲାରେ ୨ ଜଣ ସୁସ୍ଥ ହୋଇଛନ୍ତି । ବରଗଡ, କଟକ ଓ ଷ୍ଟେଟପୁଲରୁ ଜଣେ ଲେଖାଏ ସଂକ୍ରମିତ ସୁସ୍ଥ ହୋଇଥିବା ବିଭାଗ ପକ୍ଷରୁ ପ୍ରକାଶ କରାଯାଇଛି ।

## ଫ୍ୟୁଚର ବାଲେଶ୍ୱର ସଂଗଠନ ତରଫରୁ ଆଲୋଚନା ଚକ୍ର ସ୍ୱତନ୍ତ୍ର ଓଡ଼ିଶା ଗଠନରେ ବାଲେଶ୍ୱରର ଅବଦାନ




ବାଲେଶ୍ୱର, ୦୩/୦୪ (ନି.ପ୍ର): ଅଗ୍ରଣୀ ସଂଗଠନ 'ଫ୍ୟୁଚର ବାଲେଶ୍ୱର' ତରଫରୁ ଉତ୍କଳ ଦିବସ ଉପଲକ୍ଷେ ସ୍ଥାନୀୟ ଅତିଥ୍ୟ ସମ୍ମିଳନୀ କକ୍ଷରେ 'ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ବାଲେଶ୍ୱରର ଅବଦାନ' ଶୀର୍ଷକ ଏକ ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସଂଗଠନର ସଭାପତି ଶ୍ରୀ ବିଜୟ କୁମାର ପାଣିଗ୍ରାହୀ ପୌରହିତ୍ୟ କରିଥିବାବେଳେ ଜିଲ୍ଲାର ବରିଷ୍ଠ ଶିକ୍ଷାବିତ୍, ପ୍ରାବନ୍ଧିକ, ବାଗ୍ମୀ ତଥା ଗବେଷକ ରମାକାନ୍ତ ବେହେରା ଓ ଡ. ଶ୍ରୀ ଅରବିନ୍ଦ ଗିରି ଯଥାକ୍ରମେ ମୁଖ୍ୟ ଅତିଥି ଓ ସମ୍ମାନୀତ ଅତିଥିମାନେ ଯୋଗଦାନ କରିଥିବା ବେଳେ, ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ତଥା ସାହିତ୍ୟିକ ଶ୍ରୀ କାଳିପଦ ପଣ୍ଡା ଏବଂ ସାହିତ୍ୟିକ ଶ୍ରୀ ଶାନ୍ତନୁ କୁମାର ପଟ୍ଟନାୟକ ଯୋଗଦାନ କରି ଆଲୋଚନା ଚକ୍ରକୁ ଅଧିକ ସାଫଲ୍ୟ ମଣ୍ଡିତ କରିଥିଲେ । ବ୍ୟାସକବି ଫକୀର ମୋହନ, କବିବର ରାଧାନାଥ, କୁଳବୃଦ୍ଧ ମଧୁସୂଦନ ଦାସ ଓ ରାଜା ବୈକୁଣ୍ଠନାଥ ଦେବ ତଥା ଜଗତର ନାଥ ଜଗନ୍ନାଥଙ୍କ ଠାରେ ମାଲ୍ୟାର୍ପଣ କରି କାର୍ଯ୍ୟକ୍ରମକୁ ସଭାପତି ଅତିଥିବୃନ୍ଦଙ୍କ ସହ ଆଗେଇ ନେଇଥିଲେ । ସମ୍ମାନୀତ ଅତିଥିବୃନ୍ଦମାନେ ସ୍ୱତନ୍ତ୍ର ଉତ୍କଳପ୍ରଦେଶ ଗଠନରେ ବାଲେଶ୍ୱରର ଉପର ବର୍ଣ୍ଣିତ ବରପୁତ୍ରମାନେ ଉତ୍କଳ ସମ୍ମିଳନୀ ଜରିଆରେ ଅନବରତ ଉଦ୍ୟମ କରି କିଭଳି ଓଡ଼ିଆ ଭାଷାକୁ ସୁରକ୍ଷାଦେବା ସହିତ ସ୍ୱତନ୍ତ୍ର ପ୍ରଦେଶ ଗଠନରେ ବାଲେଶ୍ୱରର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ସଂଗଠନର ବରିଷ୍ଠ ସଦସ୍ୟ ଶ୍ରୀ ଧୁକୁଲ ଚନ୍ଦ୍ର ଘଡ଼ାଇ, ଶ୍ରୀ ଭବାନୀ ଶଙ୍କର ପଣ୍ଡା ଆଲୋଚନା ଚକ୍ରରେ ଅଂଶଗ୍ରହଣ ଓ ସହଯୋଗ କରିଥିବାବେଳେ ଅନ୍ୟ ବରିଷ୍ଠ ସଦସ୍ୟ ଆଇନଜିବୀ ରଞ୍ଜନ କୁମାର ପାଣିଗ୍ରାହୀ ସ୍ୱଗତ ଭାଷଣ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ଶିକ୍ଷାବିତ୍ ସତ୍ୟଜିତ୍ ମିଶ୍ର, ସୀତାରାମ ପ୍ରଧାନ, ସୁଧାକର ସେଠି, ସମାଜସେବୀ ଅରୁଣ ଜେନା, ରମେଶ ଜେନା, ସୁଜିତ କୁମାର ଦେବ, ଅରୂପ ଜେନା, ଅନୀଲ କୁମାର ମହାନ୍ତି, ସୌମ୍ୟରଞ୍ଜନ ପାତ୍ର, ବିଦ୍ୟାଧର ସାହୁ, ସୁଶୀଲ କୁମାର ପଣ୍ଡା, ପ୍ରଣୟ ବର୍ଦ୍ଧନ, ହରେନ୍ଦ୍ର ପ୍ରଧାନ ଯୋଗାଚାର୍ଯ୍ୟ ଅନାମ ସ୍ୱାମୀ, ଅନୀଲ ପଟ୍ଟନାୟକ, ଅନନ୍ତ ଚନ୍ଦ, ନବୀନ କୁମାର ମହାପାତ୍ର, ଗୋପାଳ ଚନ୍ଦ୍ର ଦାସ, ଦୀନବନ୍ଧୁ ଦାସ, ଭବଶଙ୍କର ପଣ୍ଡା, ଜ୍ୟୋତିନ୍ଦ୍ର କୁମାର ପୁହାଣ, ବିଭୁତି ସେନାପତି ଆଦି ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଓମ୍ ସାଇକୃଷ୍ଣ ସାହୁ, ମଧୁବାବୁଙ୍କ ସ୍ୱରଚିତ 'ତୁପରା ବୁଲାଉ ଉତ୍କଳ ସନ୍ତାନ' କବିତା ଆବୃତି କରିଥିଲେ । ଶେଷରେ ସତ୍ୟେନ୍ଦ୍ର କୁମାର ଦାସ, ଅନୁଷ୍ଠାନର ବରିଷ୍ଠ ସଦସ୍ୟ, ଅତିଥିବୃନ୍ଦ ତଥା ଶିଦ୍ଧିଜନତାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜାମଶୂଳି ସ୍କୁଲ ପଡ଼ିଆରେ ବ୍ଲକ ସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ : ରାଇକାମା ବିଜୟୀ



ବସ୍ତା, ୦୩/୦୪ (ନି.ପ୍ର): ସିଂଲା ଥାନା ଅନ୍ତର୍ଗତ ଜାମଶୂଳି ସ୍କୁଲ ପଡ଼ିଆ ରେ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଥିବା ଫୁଟବଲ ଟୁର୍ଣ୍ଣାମେଣ୍ଟ ଆଜି ଉଦଯାପିତ ହୋଇଯାଇଛି । ଏଥିରେ ୧୬ ଗୋଟି ଟିମ୍ ଭାଗ ନେଇଥିଲେ । ଫାଇନାଲ ମ୍ୟାଚ ରେ ରାଇକାମା ଓ ଆକାଲ ଗିଦି ମଧ୍ୟରେ ସଂଘର୍ଷ ପୂର୍ଣ୍ଣ ଭାବରେ ଖେଳ ହୋଇ ଉଭୟ ଦଳ ବିନା ଗୋଲ୍ ରେ ସମାନ ପଏଣ୍ଟ ପାଇଥିଲେ । ଶେଷରେ ପେଲେଣ୍ଟିକ ସଟ୍ ହୋଇଥିଲା । ଏଥିରେ ରାଇକାମା ଚାରୋଟି ଗୋଲ୍ ଦେଇ ୪ପଏଣ୍ଟ ପାଇଥିବାବେଳେ ଆକାଲ ଗିଦି ଦୁଇଗୋଟି ଗୋଲ ଦେଇ ୨ଟି ପଏଣ୍ଟ ପାଇ ପରାଜୟ ହୋଇଥିଲା । ଖେଳ ଶେଷ ହେବା ପରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ପୁଟୁରା ପଞ୍ଚାୟତ ର ପୂର୍ବତନ ସମିତି ସଭ୍ୟ ଭଜହରି ପରିଡ଼ା ଉପସ୍ଥିତ ହୋଇ ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହିତ ଖେଳ ଦ୍ୱାରା ବନ୍ଧୁତା ସ୍ଥାପନ ହୋଇଥାଏ । ଦିନକୁ ଦିନ ଗ୍ରାମାଞ୍ଚଳରେ ଖେଳାଳି ମାନଙ୍କ ନିମନ୍ତେ ଆବଶ୍ୟକ ସହଯୋଗ ନ ମିଳିବାରୁ ଗ୍ରାମାଞ୍ଚଳରେ ଫୁଟବଲ୍ ପ୍ରତି ଆଗ୍ରହ କମିବାରେ ଲାଗିଛି । ଏଥିପ୍ରତି ସମସ୍ତଙ୍କ ସହଯୋଗ ରହିବା ଆବଶ୍ୟକତା ରହିଛି ବୋଲି ସମସ୍ତଙ୍କୁ କହିଥିଲେ । ମୁଖ୍ୟ ବକ୍ତା ଭାବରେ ସର୍ବଭାରତୀୟ ସାନ୍ତାଳୀ ରାଇଟରସ ଆସୋସିଏସନ୍ ର ସଭାପତି ସରୋଜ କୁମାର ସୋରେନ, ସିଂଲା ପଞ୍ଚାୟତ ର ସମିତି ସଭ୍ୟା ପୁଷ୍ପାଞ୍ଜଳି ସୋରେନ, ସମାଜସେବୀ ଗୁରୁପ୍ରସାଦ ସୋରେନ ଉପସ୍ଥିତ ରହି ଖେଳାଳିଙ୍କୁ ଖେଳ ସମ୍ବନ୍ଧୀୟ ଉପଦେଶ ଦେଇଥିଲେ । ଏହି ଖେଳକୁ ଜୁଆନ ଦିଆଲ ସେମଲେଦ ସଂଗଠନ ଜାମଶୂଳି ତରଫରୁ ଆୟୋଜିତ ହୋଇଥିଲା । ସଂଗଠନ ର ସଭାପତି ଜଗନ୍ନାଥ ମୁର୍ମୁ, ସମ୍ପାଦକ ରବି ସୋରେନ, ଶଙ୍କର ମାରେଣ୍ଡି, ପ୍ରେମ ମୁର୍ମୁ, ମହରମ ହାଁସଦା, ବାବୁଲ ମୁର୍ମୁ, ରୂପାଏ ମାରେଣ୍ଡି, ଧନୁଞ୍ଜୟ ମୁର୍ମୁ,ଶିବୁ ସୋରେନ ପ୍ରମୁଖ ସହଯୋଗ କରିଥିଲେ ।

## ନୀଳଗିରିରେ ହେବ ହକି ସେଂଟର

ନୀଳଗିରି, ୦୩/୦୪ (ନି.ପ୍ର): ଓଡ଼ିଶାର ହକିର ଉନ୍ନତି ଆଣିବା ପାଇଁ ରାଜ୍ୟ ସରକାର ବହୁବିଧ ଯୋଜନା କରି ଆସୁଥିବା ବେଳେ ଓଡ଼ିଶାରେ ହକି ଖେଳାଳି ମାନେଯେପରି ଆର୍ନ୍ତଜାତୀୟ ସ୍ତରରେ ସୁନାମ ଅର୍ଜନ କରିପାରିବେ ସେଥିପାଇଁ ରାଜ୍ୟ ସରକାର ପ୍ରୟାସ ଜାରି ରଖିଛନ୍ତି । ଓଡ଼ିଶାର ପ୍ରତି ଜିଲ୍ଲାରେ ହକି ହବ ଖୋଲିବା ପାଇଁ ସରକାର ପ୍ରଚେଷ୍ଟା ଜାରି ରଖିଥିବା ବେଳେ ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡରେ ହକି ହବ ସେଂଟର ଖୋଲାଯିବା ନେଇ ଆଜି ନୀଳଗିରି କେ.ସି. ହାଇସ୍କୁଲ ପରିସରରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିବା ବେଳେ ଅଧିକାରୀମାନେ କେ.ସି.ହାଇସ୍କୁଲ ପଡ଼ିଆ, ଜାମୁଡ଼ିହା, ବଣଭୂଇଁ, ତେଲିପାଳ, ଆରବନ୍ଧ ପଂଚାୟତରେ ଭିତିଭୂମି ପରିଦର୍ଶନ କରିଥିଲେ । ଢେଙ୍କାନାଳ ଜିଲ୍ଲାପାଳ ତଥା ନୀଳଗିରି ମାଟିର ସନ୍ତାନ ସରୋଜ ସେଠୀ, ନୀଳଗିରି ଉପଜିଲ୍ଲାପାଳ ଦୀପ୍ତିରଂଜନ ସେଠୀ, ଜିଲ୍ଲା କ୍ରୀଡ଼ାଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ଢେଙ୍କାନାଳର ୨ ହକି ପ୍ରଶିକ୍ଷକ ସାଇପ୍ରସାଦ ଦଳାଇ, ବାବୁଲା ପ୍ରସାଦ ମହାନ୍ତି, କେ.ସି. ହାଇସ୍କୁଲର ପ୍ରଧାନଶିକ୍ଷକ ଭୀମସେନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ । ପରେ କେ.ସି. ହାଇସ୍କୁଲ ପଡ଼ିଆ ମଧ୍ୟରେ ଛାତ୍ରଛାତ୍ରୀ ଢେଙ୍କାନାଳ ଜିଲ୍ଲାପାଳ ସରୋଜ ସେଠୀ, ଉପଜିଲ୍ଲାପାଳ ଦୀପ୍ତିରଂଜନ ସେଠୀ, ହକି ଖେଳିଥିଲେ । ଏଥିପାଇଁ ନୀଳଗିରି ର ସମସ୍ତ ଛାତ୍ରଛାତ୍ରୀ, ଯୁବକଯୁବତୀଙ୍କ ମଧ୍ୟରେ ଆନନ୍ଦର ଲହରି ଖେଳିଯାଇଛି । କେ.ସି.ହାଇସ୍କୁଲର ୪ଜଣ ଛାତ୍ରଙ୍କୁ କୋଚ ଦେବା ସହ ହକି ଷ୍ଟିକ, ବଲ ପ୍ରଦାନ କରାଯାଇଥିଲା ।

## ଆଜି ରାଜ୍ୟସ୍ତରୀୟ ରଘୁ- ଦିବାକର ଶହୀଦ ଦିବସ ପାଳନ ହେବ

ଭୁବନେଶ୍ୱର, ୦୩/୦୪ (ନି.ପ୍ର): ଆସନ୍ତା କାଲି ଭୁବନେଶ୍ୱରର ଜୟଦେବ ଭବନ ଠାରେ ରାଜ୍ୟସ୍ତରୀୟ ରଘୁ- ଦିବାକର ଶହୀଦ ଦିବସ ପାଳନ ହେବ । ଏଥିରେ କୃଷି ଓ ଶିକ୍ଷା ମନ୍ତ୍ରୀ ଅରୁଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଉଥିବା ବେଳେ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ସଭାପତି ଭାବେ ଯୋଗ ଦେବେ । ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି ।

## 'କଳାକାର' ପକ୍ଷରୁ ମଞ୍ଚସ୍ଥ 'ଅନ୍ତିମ ଇଚ୍ଛା'



ବାଲେଶ୍ୱର,୦୩/୦୪ (ନି.ପ୍ର): ବାଲେଶ୍ୱରର ଅନ୍ୟତମ ନାଟ୍ୟାନୁଷ୍ଠାନ 'କଳାକାର' ପକ୍ଷରୁ ଉତ୍କଳ ଦିବସ ଅବସରରେ ନାଟକ 'ଅନ୍ତିମ ଇଚ୍ଛା' ସଂସ୍କୃତି ଭବନ ମୁକ୍ତ ରଙ୍ଗମଞ୍ଚରେ ମଞ୍ଚସ୍ଥ ହୋଇଯାଇଛି । ରେବତୀ ପତ୍ରିକାର ସମ୍ପାଦିକା ସମାଜସେବୀ ସୁବାସିନୀ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ନାଟକକୁ ଉଦଘାଟନ କରିବା ସହ ସମାଜ ସଂସ୍କାର ସାଙ୍ଗକୁ ମଞ୍ଚ ନାଟ୍ୟକଳା ଉଜ୍ଜୀବିତ ରଖିବାରେ 'କଳାକାର'ର ଉଦ୍ୟମ ବେଶ ପ୍ରଶଂସନୀୟ ବୋଲି କହିଥିଲେ । ସମାଜ ଓ ମଣିଷ ମଧ୍ୟରେ ଶ୍ରେଷ୍ଠତାକୁ ନେଇ ସଭ୍ୟତା ଆରମ୍ଭରୁ ଚାଲିଥିବା ଆଲୋଚନା ଓ ପର୍ଯ୍ୟାଲୋଚନା ମଧ୍ୟରେ ବାହାରିଛି ନିର୍ଯ୍ୟାସ । ସମାଜ ଶ୍ରଷ୍ଠ ହେଲେ ମଧ୍ୟ ସାମାଜିକ ପରମ୍ପରା ଓ ନିୟମର ସୃଷ୍ଟିକର୍ତ୍ତା କିଏ, ଏହା ସମସ୍ତଙ୍କ ପାଇଁ ବିରାଟ ପ୍ରଶ୍ନବାଚୀ । ସମାଜରେ ବଞ୍ଚିବା ପାଇଁ ଅହରହ ସଂଘର୍ଷ କରୁଥିବା ସାଧାରଣ ମଣିଷ ପ୍ରତି ମୂହୁର୍ତ୍ତରେ ଶୋଷଣର ଶିକାର ହୋଇ ଚାଲିଥିବା ବେଳେ ସାମାଜିକ ଅନୁଶାସନ ଆଜି କାହିଁକି ଦୁର୍ବଳ ହୋଇଯାଉଛି । ଏହିଭଳି ବିଷୟବସ୍ତୁକୁ ନେଇ କଳାକାର ନାଟ୍ୟାନୁଷ୍ଠାନର ସଦସ୍ୟମାନଙ୍କ ଦ୍ୱାରା ପରିବେଶିତ ହୋଇଥିଲା ନାଟକ 'ଅନ୍ତିମ ଇଚ୍ଛା' । ବିଶିଷ୍ଟ ନାଟ୍ୟକାର ଅରୁଣ କୁମାର ପରିଚ୍ଛାଙ୍କ ରଚିତ ନାଟକକୁ ନିର୍ଦ୍ଦେଶନା ଦେଇଥିଲେ ତରୁଣ କୁମାର ବିଶ୍ୱାଳ । ଏଥିରେ ଡ. ଅସୀତ, ତପନ, ଅଶ୍ୱିନୀ, ଶ୍ରୀତମ, ନବୀନ, ସସ୍ମିତା, ମେହେକ, ଅମର ପ୍ରମୁଖ ଅଭିନୟ କରିଥିଲେ । ମନୋରଞ୍ଜନ ପଣ୍ଡା ସଂଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ ବାବାଜୀ ଏବଂ ରଞ୍ଜନ ଶବ୍ଦ ତଥା ଆଲୋକ ପରିଚାଳନା କରିଥିଲେ । 'କଳାକାର'ର ମୁଖ୍ୟ ସୁରଞ୍ଜନ ଦାସମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଜ କିଶୋର ଲେଙ୍କା, ନାରାୟଣ ସିଂ, ସୌମ୍ୟରଞ୍ଜନ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସହରର ବହୁ ବିଶିଷ୍ଟ ବ୍ୟକ୍ତି ଓ ନାଟ୍ୟପ୍ରେମୀ ଉପସ୍ଥିତ ରହି ଏହି ନାଟକକୁ ମନଭରି ଉପଭୋଗ କରିଥିଲେ ।

## ଆଂଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ବସ ଯାଂଚ

ପୁରୀ, ୦୩/୦୪ (ନି.ପ୍ର): ଆଂଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ବିଭିନ୍ନ ରୁଟ୍‌ରେ ଚଳାଚଳ କରୁଥିବା ବସର ଯାଂଚ କରାଯାଇଛି । ବସ ଗୁଡ଼ିକ ଭଡ଼ା ତାଲିକା ନଲଗାଇବା ,ଆବଶ୍ୟକ ଠାରୁ ଅଧିକ ମୂଲ୍ୟ ନେବା, ବ୍ୟାକ ଲାଇଟ କାର୍ଯ୍ୟକ୍ଷମ ନହେବା ନେଇ ବତଭତନ୍ନ ଅଭିଯୋଗ ଉପରେ ମାଳତୀପାଟପୁ ନିକଟରେ ଆଂଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଯାଂଚ କରାଯାଇଥିଲା । ପରିବହନ କମିଶନର ଏବଂ ଜିଲ୍ଲାପାଳଙ୍କ ପରାମର୍ଶ ଅନୁଯାୟୀ ଏହି ଯାଂଚ କରାଯାଇଛି । ୫ଟି ଗାଡ଼ିର ଫିଟନେସ ରଦ୍ଦ କରାଯାଇଥିବା ବେଳେ ଭଡ଼ା ମୂଲ୍ୟ ତାଲିକା ନଦର୍ଶାଇବା ଓ ଭଡ଼ା ମୂଲ୍ୟ ନେଇ ଯାତ୍ରୀଙ୍କୁ ଟିକେଟ ନଦେବା ୮ଟି ଗାଡ଼ି ଇ-ଚାଲାଣ କଟାଯାଇଛି । ଯାଂଚ ଦଳରେ ଆଂଚଳିକ ପରିବହନ ଅଧିକାରୀ ସମୀର କୁମାର ଦଳାଇଙ୍କ ନେତୃତ୍ୱରେ ମୋଟର ଗାଡ଼ି ନିରୀକ୍ଷକ ଶୁଭେନ୍ଦୁ ରଞ୍ଜନ ରାୟ , ଟ୍ରାଫିକ ସବ-ଇନିସପେକ୍ଟର ଏବଂ ସହାୟକ ମୋଟର ଗାଡ଼ି ନିରୀକ୍ଷକ ବାମଦେବ ସାହୁ ପ୍ରମୁଖ ସାମିଲ ଥିଲେ ।

## ପୂର୍ବ ରେଳ ସାରଣୀ ଓ ନିୟମ ଅନୁଯାୟୀ ରେଳ ଚଳାଚଳ ଦାବି



ଜଳେଶ୍ୱର, ୦୩/୪ (ନି.ପ୍ର): କୋଭିଡ୍ ମହାମାରୀ ଯୋଗୁଁ ସମଗ୍ର ବିଶ୍ୱରେ ବହୁ ପରିବର୍ତ୍ତନ ଦେଖା ଦେଇଛି । ଭାରତୀୟ ରେଳବାଇ ଭୋଭିଡ୍ ନିୟମ ଅନୁଯାୟୀ ରେଳ ଚଳାଚଳ ବନ୍ଦ କରିଥିବା ବେଳେ ପରେ କେତେକ ରେଳ ୩୫ପ୍ରତିଶତ ଅଧିକ ଭଡାରେ ଚଳାଚଳ କରୁଛି । କିନ୍ତୁ ଏବେବି ବହୁ ଯାତ୍ରୀବାହୀ ରେଳ ଚଳାଚଳ କରୁନଥିବା, ମାସିକ ଟିକଟ ମିଳୁନଥିବା, ମହିଳା ଓ ବରିଷ୍ଠ ନାଗରିକଙ୍କୁ ସୁବିଧାସୁଯୋଗ ଦିଆନଯିବା ଏବଂ ପୂର୍ବ ସାରଣୀ ଓ ନିୟମ ଅନୁଯାୟୀ ରେଳ ଚଳାଚଳ କରୁନଥିବାରୁ ସୀମାନ୍ତ ଉନ୍ନୟନ ପରିଷଦ ପକ୍ଷରୁ ରେଳ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । କାର୍ଯ୍ୟାନୁଷ୍ଠାନ ନ ହେଲେ ଆସନ୍ତା ୨୦ ତାରିଖରୁ ଲକ୍ଷ୍ମଣନାଥ ରେଳ ଷ୍ଟେସନ ଠାରେ ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ଦର୍ଶାଯାଇଛି । ୨ବର୍ଷ ପୂର୍ବେ କୋଭିଡ୍ ଯୋଗୁଁ ରେଳ ଚଳାଚଳ ଅସ୍ୱାଭାବିକ୍ ହୋଇଛି । ଟ୍ରେନ୍ ଗୁଡିକ ନିଜସ୍ୱ ନାମ ନମ୍ବର ହରାଇ ସ୍ୱତନ୍ତ୍ର ରେଳ ଭାବେ ଚଳାଚଳା କରୁଛି । ଫଳରେ ନିର୍ଦ୍ଦିଷ୍ଟ ଭଡା ଠାରୁ ୩୫ ପ୍ରତିଶତ ଅଧିକ ଭଡା ଦେବାକୁ ପଡୁଛି । ଷ୍ଟେସନରେ ଟିକଟ କିଣିବାର ସୁବିଧା ନ ମିଳିବା, ସ୍କୁଲ ଛାତ୍ର ଓ ବରିଷ୍ଠ ନିଗରିକଙ୍କୁ ରିହାତି ନ ମିଳିବା ଇତ୍ୟାଦିକୁ ନେଇ ପରିଦେ ପକ୍ଷରୁ ଖଡଗପୁର ଡିଆର୍ଏମ୍ ଓ କୋଲକତାର ସାଧାରଣ ପ୍ରବନ୍ଧକ, ରେଳବାଇ ମନ୍ତ୍ରୀ, ବାଲେଶ୍ୱର ସାଂସଦ, ମୁଖ୍ୟ ଶାସନ ସଚିବ ଓ ଜିଲାପାଳଙ୍କୁ ଲିଖିତଭାବେ ଷ୍ଟେସନ ମାଷ୍ଟରଙ୍କ ମାଧ୍ୟମରେ ଅବଗତ କରାଯାଇଛି । ୨୦ ତାରିଖ ସୁଦ୍ଧା ସମସ୍ତ ପାସେଞ୍ଜର ଓ ଏକ୍ସପ୍ରେସ ପୂର୍ବ ସମୟ ଓ ପୂର୍ବ ନିର୍ଦ୍ଧାରିତ ଭଡାରେ ଚଳାଚଳା କରିବା, ବାଲେଶ୍ୱର-ଭୁବନେଶ୍ୱର ମେମୋ ଟ୍ରେନ୍‌କୁ ଲକ୍ଷ୍ମଣନାଥ ଯାଏ ସମ୍ପ୍ରସାରଣ କରିବା ଏବଂ ଟ୍ରାଭେଲ କନ୍‌ସେସନ୍ ଲାଗୁ କରିବା ଉପରେ ସେମାନେ ଦାବି କରିଛନ୍ତି । ପରିଷଦର ସଭାପତି ସୂର୍ଯ୍ୟାନନ୍ଦ ପାଲ, ସଂପାଦକ ରବିନ୍ଦ୍ର ନାଥ ଦାସ, ଅତିରିକ୍ତ ସଂପାଦକ ସୁଦାମ ଚନ୍ଦ୍ର ପାତ୍ର, ସରପଂଚ ରାଜେଶ ଜେନା, ସମିତି ସଦସ୍ୟ ବ୍ରଜମୋହନ ପ୍ରଧାନ, ମିନତି କର, ଚନ୍ଦନ କର, ଅକ୍ଷୟ ଜେନା, ନାଥୁରାମ ହେମ୍ବ୍ରମ ପ୍ରମୁଖ ଏହି ଦାବିପତ୍ର ଷ୍ଟେସନ ମାଷ୍ଟରଙ୍କୁ ପ୍ରଦାନ କରିଛନ୍ତି ।

## ନଗରପାଳଙ୍କ ଆହାର କେନ୍ଦ୍ର ପରିଦର୍ଶନ ଓ ଉତ୍କଳ ଦିବସ ପାଳନ

ଭୁବନ, ୦୩/୦୪ (ନି.ପ୍ର): ଭୁବନ ଏନଏସି ର ନୂତନ ନଗରପାଳ ଶୁଭେନ୍ଦୁ ସାହୁ ପବିତ୍ର ଉତ୍କଳ ଦିବସ ଅବସରରେ ନୂଆବଜାରସ୍ଥିତ ଆହାର କେନ୍ଦ୍ର ପରିଦର୍ଶନ କରିବା ସହିତ ସାଧାରଣ ଲୋକଙ୍କ ସହ ଧାଡିରେ ଛିଡାହୋଇ ଟୋକନ ଦେଇ ୫ ଟଙ୍କିଆ ଆହାର ମିଲ ଖାଇ ସମସ୍ତଙ୍କ ମନ ଜିଣି ନେଇଥିଲେ । ଭୁବନ ଆହାର କେନ୍ଦ୍ର ଟି ଉତ୍କଳ ଦିବସରେ ଆରମ୍ଭ ହୋଇଥିବାରୁ ବାର୍ଷିକ ଉତ୍ସବରେ ମଧ ଯୋଗଦେଇଥିଲେ ।

## ୭ ଦିନ ବ୍ୟାପି ସିଲେଇ ଶିକ୍ଷା ତାଲିମ ଶିବିର

### ଉପକୃତ ହେବେ ୧୦ ଅନୁସୂଚିତ ଜନଜାତି ପରିବାର

ଜଳେଶ୍ୱର, ୦୩/୪ (ନି.ପ୍ର): ଜଳେଶ୍ୱର ପୌରପାଳିକାର ନନ୍ଦିକାସ୍ଥିତ ଦୀନକୃଷ୍ଣ ଭିନ୍ନକ୍ଷମ ବିଦ୍ୟାଳୟ ପରିସରରେ ୭ ଦିନ ଧରି ସିଲେଇ ଶିକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇ ଯାଇଛି । ସେମାନଙ୍କୁ ଆତ୍ମନିର୍ଭରଶୀଳ କରିବାଲାଗି ଭୁବନେଶ୍ୱରର ଗ୍ରାମ ଉତ୍‌ଥାନ ପକ୍ଷରୁ ଭିନ୍ନକ୍ଷମ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମକୁ ଶିକ୍ଷାବିତ୍ କପିଳେଶ୍ୱର ମହାନ୍ତି ଉଦ୍‌ଘାଟିତ କରିଥିଲେ । ୧୦ଜଣ ମହିଳା ଉଷା ମେସିନ୍ କମ୍ପାନୀ ଓ ଗ୍ରାମ ଉତ୍‌ଥାନ ସଂସ୍ଥାର ମିଳିତ ଆନୁକୂଲ୍ୟରେ ଏପରି ତାଲିମ ହେବା ସହିତ କମ୍ପାନୀ ପକ୍ଷରୁ ପ୍ରତିପରିବାରକୁ ଗୋଟିଏ ଲେଖାଏ ଉଷା ସିଲେଇ ମେସିନ୍ ଯୋଗାଇ ଦିଆଯାଇଛି । ବାସନ୍ତି ମୁର୍ମୁ, ଅପର୍ଣ୍ଣା ସିଂ, ମେରିଆ ହେମ୍ବ୍ରମ, ବୁଲା ସିଂ, ମାମି ମୁର୍ମୁ, ବୁଧୁ କିସ୍କୁ, ସାଲମା ମାରାଣ୍ଡି, ଗଂଗତ୍ରୀ ହେମ୍ବ୍ରମ, ହୀରାମଣୀ ମୁର୍ମୁ, ଲକ୍ଷ୍ମୀ ଟୁଡୁ ପ୍ରମୁଖ ପ୍ରଶିକ୍ଷଣ ନେଇଥିବା ବେଳେ ସେକ୍ ଜାମଲ, ଶ୍ରଦ୍ଧାଞ୍ଜଳି ଦତ୍ତ, ଗୁରୁପ୍ରସାଦ ମହାନ୍ତି ପ୍ରମୁଖ ତାଲିମ ଶିବିରକୁ ପରିଚାଳନା କରିଥିଲେ । ଆଜି ଉଦ୍‌ଯାପନ ଦିବସ ଥିବାରୁ ଭିନ୍ନକ୍ଷମ ବିଦ୍ୟାଳୟର ପରିଚାଳନା କମିଟି ସଭାପତି କମଳ ଚକ୍ରବର୍ତ୍ତୀ, ପ୍ରଧାନ ଶିକ୍ଷକ ଆଇଯାକ ପରିଡା, କଳାକାରକାର ବିକାଶ ପରିଷଦର ସମ୍ପାଦକ ମନୋରଂଜନ ଦାସ ପ୍ରମୁଖ ଉପସ୍ଥିତ ରହି ଯୋଗ୍ୟତା ପ୍ରମାଣପତ୍ର, ଉଷା ସିଲେଇ ମେସିନ୍ ପ୍ରଦାନ କରିଥିଲେ । ଅଜୟ କୁମାର ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ ।

## ରମଜାନ ଉପଲକ୍ଷେ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୦୩/୦୪ (ନି.ପ୍ର): ରମଜାନ ଅବସରରେ ମୁସଲମାନ ଭାଇ ଓ ଭଉଣୀଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ଏହି ପବିତ୍ର ମାସ ସମସ୍ତଙ୍କ ପାଇଁ ଶାନ୍ତି, ସମୃଦ୍ଧତା ଏବଂ ଉତମ ସ୍ୱାସ୍ଥ୍ୟ ଆଣୁ ।

**AFFIDAVIT**

By virtue of an affidavit no. 2400/1-22/ dt.02.04.2022, I Sri Binod Kumar Naik, Sahadevkhunta declared that henceforth my name Binod Kumar is changed to Binod Kumar Naik for all purposes.

**Binod Kumar Naik**

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo